


# ବିରଳ ବ୍ୟକ୍ତିତ୍ୱ

# ଲକ୍ଷ୍ମୀଚନ୍ଦ୍ର ଦାସ

# ବିରଳ ବ୍ୟକ୍ତିତ୍ୱ

# ଲକ୍ଷ୍ମୀଚନ୍ଦ୍ର ଦାସ



ଆବିର୍ଭାବ : ୨୬ . ୦୯ .୧୯୧୬ ତିରୋଧାନ : ୧୧ . ୦୯ . ୧୯୮୫


ପ୍ରକାଶକ

ବିପ୍ଳବୀ ଲକ୍ଷ୍ମୀଚନ୍ଦ୍ର ଦାସ ପ୍ରେସ କ୍ଲବ

ନବରଙ୍ଗପୁର-୭୬୪ ୦୫୯

# ବିରଳ ବ୍ୟକ୍ତିତ୍ୱ – ଲକ୍ଷ୍ମୀଚ଼ନ୍ଦ୍ର ଦାସ

**ପ୍ରକାଶ କାଳ : ୧୧-୯-୨୦୦୦**

ସଂଯୋଜନା ଓ ଉପସ୍ଥାପନା :

ସତ୍ୟପ୍ରିୟ ଦାସ

ବିନାୟକ ଦେଓ

ପ୍ରକାଶକ :

ବିପ୍ଳବୀ ଲକ୍ଷ୍ମୀଚନ୍ଦ୍ର ଦାସ ପ୍ରେସ କ୍ଲବ

ନବରଙ୍ଗପୁର-୭୬୪ ୦୫୯ (ଓଡିଶା)

ମୁଦ୍ରଣ :

ଜନସେବା ପ୍ରେସ୍

ନବରଙ୍ଗପୁର-୭୬୪ ୦୫୯

# ଉତ୍ସର୍ଗ

ଭାରତର ସ୍ୱାଧୀନତା ଆନ୍ଦୋଳନର ପ୍ରାରମ୍ଭରେ ଯେଉଁ ଅଳ୍ପ କେତେ ଅବିଭକ୍ତ କୋରାପୁଟ ଜିଲ୍ଲାର ସ୍ୱାଧୀନତା ସଂଗ୍ରାମକୁ ସକ୍ରିୟ, ବଳିଷ୍ଠ କରିବା ଗୁରୁଦାୟିତ୍ୱ ବହନ କରିଥିଲେ ସେମାନଙ୍କ ମଧ୍ୟରୁ ସ୍ୱର୍ଗତ ଲକ୍ଷ୍ମୀଚନ୍ଦ୍ର ଦାସ ଥିଲେ ଏକାଧାରରେ ଜଣେ ଦେଶପ୍ରେମୀ, ଆଜୀବନ ଗାନ୍ଧୀବାଦୀ, ସ୍ୱାଧୀନତା ସଂଗ୍ରାମୀ ଓ ପ୍ରବୀଣ ସାମ୍ବାଦିକ । ସ୍ୱର୍ଗତ ଦାସ ଛାତ୍ରାବସ୍ଥାରୁ ମାହାତ୍ମା ଗାନ୍ଧୀଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ କଂଗ୍ରେସରେ ଯୋଗ ଦେଇଥିଲେ ଓ କଂଗ୍ରେସ ସଙ୍ଗଠନ କାର୍ଯ୍ୟରେ ସକ୍ରିୟ ଅଂଶଗ୍ରହଣ କରି ବହୁଥର କାରାବରଣ କରି ଥିଲେ । ବ୍ରିଟିଶ ସରକାରଙ୍କ ଦ୍ୱାରା ତାଙ୍କୁ ନାନା ଗୁରୁତର ମକଦ୍ଦମା ମାନଙ୍କରେ ଅଭିଯୁକ୍ତ କରାଯାଇ ଥିଲା, ତେବେ ସୁଦ୍ଧା ସେ ସଂଗ୍ରାମ ପଥରୁ ନିବୃତ୍ତ ହୋଇ ନଥିଲେ । ସ୍ୱର୍ଗତ ଦାସ ଥିଲେ ତତ୍କାଳୀନ ଯୁବ ବିପ୍ଳବର ଏକ ପ୍ରତୀକ ।

ସ୍ୱାଧୀନତାର ପରିବର୍ତ୍ତି କାଳରେ କ୍ଷମତା ରାଜନୀତିରୁ ଉର୍ଦ୍ଧ୍ୱରେ ରହି ତାଙ୍କ ସମାଜ ସେବା ଅବ୍ୟାହତ ରହିଥିଲା । ସରକାରଙ୍କ ପ୍ରଦତ୍ତ ସ୍ୱାଧୀନତା ସଂଗ୍ରାମୀ ପେନସନଙ୍କୁ ସେ ସସମ୍ମାନରେ ଫେରାଇ ଦେଇଥିଲେ । ନିଜର ପ୍ରତିଷ୍ଠିତ ସାପ୍ତାହିକ ପତ୍ରିକା 'ଜନସଖା' ମାଧ୍ୟମରେ ଅବିଭକ୍ତ କୋରାପୁଟବାସୀଙ୍କ ଅଭାବ ଅଭିଯୋଗ ନିଜସ୍ୱ ନବ ଶୈଳୀରେ ଉପସ୍ଥାପିତ କରୁଥଲେ । ତାଙ୍କରି କର୍ମମୟ ଜୀବନର ସମସ୍ତ ସମୟ ଦେଶ ଓ ଜାତି ନିମନ୍ତେ ବିନିଯୋଗ କରିଛନ୍ତି ।

ସେ ଥିଲେ ଜଣେ 'ବିରଳ ବ୍ୟକ୍ତିତ୍ୱ' । ବିଗତ ଦିନରେ ତାଙ୍କରି ଶ୍ରାଦ୍ଧ ବାର୍ଷିକୀ ଅବସରରେ 'ଜନସଖା'ର ଚାରୋଟି ବିଶେଷ ସ୍ମରଣିକା ପ୍ରକାଶିତ ହୋଇଥିଲା । ଏଥିରେ ବହୁ ବ୍ୟକ୍ତି ବିଶେଷ ସ୍ୱର୍ଗତ ଲକ୍ଷ୍ମୀଚନ୍ଦ୍ର ଦାସଙ୍କ ବିରଳ ବ୍ୟକ୍ତିତ୍ୱର ସନ୍ଧାନ କରିଛନ୍ତି । ସେଥିରୁ କେତେକର ଅବିକଳ ଏକତ୍ର ପ୍ରକାଶ କରି ଆଜି ତାଙ୍କ ୧୫ତମ ଶ୍ରାଦ୍ଧ ଦିବସରେ ଏହି ବହିଟି ଉପସ୍ଥାପନ କରାଯାଇଛି ଓ ତାଙ୍କ ଅମର ସ୍ମୃତିରେ ଉତ୍ସର୍ଗ କରାଯାଉଛି ।

ଆଶା ଆମରି ଏହି ପ୍ରୟାସ ନୂତନ ପିଢିଙ୍କୁ ଦିଗ୍‌ଦର୍ଶନ ଦେବାରେ ସଫଳ ହେବ ।

**ତା.୧୧.୯.୨୦୦୦**

**ବିନାୟକ ପ୍ରସାଦ ଦେଓ**
ସାଧାରଣ ସଂପାଦକ
**ବିପ୍ଳବୀ ଲକ୍ଷ୍ମୀଚନ୍ଦ୍ର ଦାସ ପ୍ରେସ କ୍ଲବ**
ନବରଙ୍ଗପୁର

**ସତ୍ୟପ୍ରିୟ ଦାସ**
ସଭାପତି
**ବିପ୍ଳବୀ ଲକ୍ଷ୍ମୀଚନ୍ଦ୍ର ଦାସ ପ୍ରେସ କ୍ଲବ**
ନବରଙ୍ଗପୁର

# ସୂଚୀ ପତ୍ର


| | | |
|---|---|---|
| ୧. | ପୋଲିସ ଡାଇରୀରୁ | ସ୍ୱର୍ଗତ ଏଫ୍.ଏଫ୍.ପି.ଗିଲ |
| ୨. | ପ୍ରେସରୁ | |
| ୩. | ସେଥିଲେ- | |
| ୪. | ସ୍ୱାଧୀନ ଭାରତର ବିପ୍ଳବୀ ସଂଗ୍ରାମୀ ଲକ୍ଷ୍ମୀବାବୁ | ମହମ୍ମଦ୍ ବାଜୀ, ନବରଙ୍ଗପୁର |
| ୫. | କର୍ମବୀର ଲକ୍ଷ୍ମୀବାବୁ | ଜଗନ୍ନାଥ ତ୍ରୀପାଠୀ, ନବରଙ୍ଗପୁର |
| ୬. | ମୋ ଅଭୁଲା ସ୍ମୃତିରୁ କିଛି | ସିମାଞ୍ଚଳ ବେହେରା, ନବରଙ୍ଗପୁର |
| ୭. | ଦାରିଦ୍ର୍ୟ ଓ ଦୁର୍ନୀତି ବିରୋଧରେ ଆଜୀବନ ସଂଗ୍ରାମୀ ଲକ୍ଷ୍ମୀ ଚନ୍ଦ୍ରଦାସ | ସୁବାସ ଦାଶ |
| ୮. | ସିଏ ଥିଲେ ପରସ ମଣି | ରଘୁନାଥ ପଟ୍ଟନାୟକ, ଉମରକୋଟ |
| ୯. | ଅସାଧରଣ ବ୍ୟକ୍ତିତ୍ୱ ଓ ପ୍ରତିଭା- ଲକ୍ଷ୍ମୀବାବୁ | ହିରାଲାଲ କଲ୍ୟାଣୀ |
| ୧୦. | ସେ ଥିଲେ ମହାନ ବିପ୍ଳବୀ | ଭାଗୀରଥୀ ପାତ୍ର, ନବରଙ୍ଗପୁର |
| ୧୧. | ସ୍ୱଷ୍ଟବାଦୀତାର ପ୍ରତୀକ | ବିଶ୍ୱନାଥ ପଟ୍ଟନାୟକ, ବାଲିଗୁଡା |
| ୧୨. | ଏକ ନିର୍ମଳ ଓ ଆବରଣୀୟ ଜୀବନ | ସୋମନାଥ ମିଶ୍ର, ଭୁବନେଶ୍ୱର |
| ୧୩. | କୋରାପୁଟର ଆଲୋକ ବର୍ତ୍ତିକା | ରଘୁନାଥ ପଟ୍ଟନାୟକ,ଜୟପୁର |
| ୧୪. | ସେ ଥିଲେ ଜଣେ ବିପ୍ଳବୀ ନେତା | ନୃସିଂହନାଥ ବ୍ରହ୍ମା, କୋଟପାଡ |
| ୧୫. | କୋରାପୁଟିଆର ଗର୍ବ | ହବିବୁଲ୍ଲା ଖାଁ, ନବରଙ୍ଗପୁର |
| ୧୬. | ସେବା କରିବାରେ ଆନନ୍ଦ | ରାମନାଥ ପଣ୍ଡା, ଭୁବନେଶ୍ୱର |
| ୧୭. | ବିରଳ ବ୍ୟକ୍ତିତ୍ୱ | ଅଧାପକ ଶିବରାମ ପାତ୍ର,ଖୋର୍ଦ୍ଧା |
| ୧୮. | ମୋ ସ୍ମୃତିରୁ ପଦେ | ପ୍ରଭୁଦାନ ଭଦ୍ରା,ଜୟପୁର |
| ୧୯. | କଳାପଟାରୁ ଜନସଖା | ପ୍ରତାପ ତ୍ରିପାଠୀ, ନବରଙ୍ଗପୁର |
| ୨୦. | ଅକାତରେ ଢାଳିଦେବୁ ରକ୍ତ | ଏନ୍. ଅହମ୍ମଦ୍, ନବରଙ୍ଗପୁର |
| ୨୧. | ସତ୍ୟନିଷ୍ଠ ଲକ୍ଷ୍ମୀବାବୁ | ମନ ମୋହନ ଚୌଧୁରୀ, କଟକ |
| ୨୨. | ଯୋଗଜନ୍ମା କର୍ମବୀର | ଡଃ ଲାଲ ଲମ୍ବୋଦର ସିଂହଦେଓ,ଜଯପୁର |
| ୨୩. | କୋରାପୁଟିଆର ସଖା | ଡଃ ସିମାଞ୍ଚଳ ମହାପାତ୍ର, ରାୟଗଡା |
| ୨୪. | ଆଦିବାସୀ ହରିଜନ ଗୁରୁଙ୍କୁ ଚିଠି | ମୁଦି ନାୟକ, ଡାବୁଗାଁ |
| ୨୫. | ମୁଁ ଯେତିକି ଚିହ୍ନିଥିଲି | ମନୋରଞ୍ଜନ ତ୍ରିପାଠୀ |
| ୨୬. | ଲକ୍ଷ୍ମୀବାବୁଙ୍କୁ ଅଗଷ୍ଟ ପନ୍ଦରର ଅଭିନନ୍ଦନ | ହୁକୁମ୍‌ଚାନ୍ଦ ଗୁପ୍ତା, ନବରଙ୍ଗପୁର |
| ୨୭. | ଲକ୍ଷରେ ପ୍ରକାଶ ଲକ୍ଷ୍ମୀବାବୁ | ମହେଶ୍ୱର ପାତ୍ର, ନବରଙ୍ଗପୁର |
| ୨୮. | ମହାମାନବ ଲକ୍ଷ୍ମୀଚନ୍ଦ୍ର ଦାସ | ଅବଧୁତ ଗୋବିନ୍ଦ ଚନ୍ଦ୍ର ବାବା, ନବରଙ୍ଗପୁର |
| ୨୯. | ଲକ୍ଷ୍ମୀ ବାବୁ | ମଧୁସୁଦନ ତ୍ରିପାଠୀ, ନବରଙ୍ଗପୁର |
| ୩୦. | ବିରଳ ବ୍ୟକ୍ତିତ୍ୱ - ବିପ୍ଳବୀ ଲକ୍ଷ୍ମୀଚନ୍ଦ୍ର ଦାସ | ସୁଲେଖା ଦାସ |
| ୩୧. | ରାମଭକ୍ତ ଲକ୍ଷ୍ମୀଚନ୍ଦ୍ର ଦାସ | ୟାକୁବ୍ ହୁସେନ୍, ଜଟାବାଲ |

### (କୋରାପୁଟ ଜିଲ୍ଲାର ତତ୍‌କାଳୀନ ବ୍ରିଟିଶ୍ ସାହେବ ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ଏଫ. ଏଫ. ପି. ଗିଲ ପୋଲିସର ଗୁପ୍ତ ଡ଼ାଏରୀରେ ଲକ୍ଷ୍ମୀଚନ୍ଦ୍ର ଦାସଙ୍କ ସମ୍ପର୍କରେ ଲିଖିତ ମନ୍ତବ୍ୟ)

Laxmi Chandra Das was a student of Jeypore H.E. Board School and discontinued his studies and took up Congress work. He was the Secretary of Nowrangpur Primary Congress Committee. This P.C.C. controls the whole of the Nowrangpur Sub-division. He was also a member of Dist. Congress Committee and Provincial Congress Committee. He is most 'Dangerous'.

He was convicted of one year R.I. and was fined R.I. 100 i/d 3 month R.I. under Defence of India Rules 38[5] for shouting anti war slogans in 1941. After his release he pursued his former vocation and became more 'Aggressive'. He was responsible for most of Rebellious Activities of Nowrangpur Taluk during the 1942 Rebellion by his secret instigations, before he could be hunted out, arrested and convicted to 2 years R.I. for abetment of Dabugam P.S. case No. 34/42 [Jatabal Bridge Cutting Case]. He was also an abettor of the 'Papadahandi Firing Incident' [Maidalpur P.S. Case No. 55/42].

During the 1942 Rebellion Laxmi Chandra Das slipped unnoticed and went into hiding in the interior, from where he instigated lawlessness and created considerable havoc. On 11-8-42 he went to the interior to incite the hill people to rise against the Government in the Rebellion. As a result of this all the interior communications in the north of Nowrangpur Taluk were paralysed for time, many roads and bridges were destroyed and attacks on Police Stations were staged and threatened. On 13.8.42 he visited Dabugam and instigated to damage Soraguda Bridge and Jatabal Bridge and break law. He is due for release from Jail on 16-12-44.

**Frank Frederick Percy Gill**
Supdt. of Police, Koraput
23-3-1943

# ପ୍ରେସରୁ.....

ଲକ୍ଷ୍ମୀଚନ୍ଦ୍ର ଦାସ କୋରାପୁଟ ଜିଲ୍ଲାର ସାମ୍ବାଦିକମାନଙ୍କ ପୃଷ୍ଠଭୂମିର ଅଗ୍ରଜ ; ସ୍ୱାଧୀନତା ସଂଗ୍ରାମୀ, ନିର୍ଭୀକ ସାମ୍ବାଦିକ କ୍ଷେତ୍ରରେ ଚରମ ବିଶ୍ୱାସୀ ତଥା ଲୋକପ୍ରିୟ ସାପ୍ତାହିକ ' ଜନସଖା'ର ପ୍ରବୀଣ ସମ୍ପାଦକ । ତାଙ୍କର ନିରପେକ୍ଷ ସାମ୍ବାଦିକତା ଜିଲ୍ଲାର ସର୍ବହରା ଏବଂ ଚିର ଦୁଃସ୍ଥ ସମାଜର ଲୋକଙ୍କ ସ୍ୱାର୍ଥ ସାଧନା ପଥରେ ଏକ ଅମ୍ଳାନ ଜୀବନର ବାସ୍ତବ ସ୍ୱାକ୍ଷର ବହନ କରିପାରିଛି । ସେ କୋରାପୁଟ ଜିଲ୍ଲାର ସାମ୍ବାଦିକମାନଙ୍କ ଲାଗି ଏକ ଉଚ୍ଚ ଆଦର୍ଶର ସୋପାନ ଖୋଲିଦେଇ  ନିଜ ଜୀବନକୁ ମହନୀୟ କରିବାରେ କୃତକାର୍ଯ୍ୟ ହୋଇଛନ୍ତି ।

-କୋରାପୁଟ ଜିଲ୍ଲା ପେଶାଦାର ସାମ୍ବାଦିକ ସଂଘ

ଲକ୍ଷ୍ମୀଚନ୍ଦ୍ର ଦାସ ଜଣେ ଖ୍ୟାତନାମା ସାମ୍ବାଦିକ ଓ ସ୍ୱାଧୀନତା ସଂଗ୍ରାମୀ ଥିଲେ । ଛାତ୍ରାବସ୍ଥାରୁ ସେ କଂଗ୍ରେସରେ ଯୋଗଦେଇ ସ୍ୱାଧୀନତା ଆନ୍ଦୋଳନରେ ଅଂଶ ଗ୍ରହଣ କରିଥିଲେ । ବ୍ରିଟିଶ୍ ସରକାର ବିରୁଦ୍ଧରେ ଆଦିବାସୀ ଲୋକଙ୍କୁ ସଂଗଠିତ କରି ଆନ୍ଦୋଳନ କରିବା ନେଇ ତାଙ୍କୁ କାରାବରଣ କରିବାକୁ ପଡ଼ିଥିଲା । ତାଙ୍କର ପ୍ରତିଷ୍ଠିତ 'ଜନସଖା' ବିଶେଷ ଲୋକପ୍ରିୟ ହୋଇପାରିଛି ।

-ଇଣ୍ଡିଆନ୍ ଏକ୍ସପ୍ରେସ

ଲକ୍ଷ୍ମୀଚନ୍ଦ୍ର ଦାସ କୋରାପୁଟ ଜିଲ୍ଲାର ଜଣେ ଅନ୍ୟତମ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଥିଲେ | କଂଗ୍ରେସର ଜଣେ ସଚ୍ଚୋଟ ଓ ନିଷ୍ଠାପର ନେତା ଭାବରେ ସୁନାମ ଅର୍ଜନ ଥିଲେ । ପରବର୍ତ୍ତୀ ସମୟରେ ସାପ୍ତାହିକ 'ଜନସଖା' ମାଧ୍ୟମରେ ସେ ଜନସାଧାରଣଙ୍କ ସେବା କରୁଥିଲେ । ସ୍ୱାଧୀନତା ସଂଗ୍ରାମ ସମୟରୁ ହିଁ ତାଙ୍କୁ କୋରାପୁଟ ଜିଲ୍ଲାର କଂଗ୍ରେସ କର୍ମୀମାନେ ଖୁବ୍ ସମ୍ମାନ କରୁଥିଲେ ।

-ଧରିତ୍ରୀ

ଲକ୍ଷ୍ମୀଚନ୍ଦ୍ର ଦାସ କୋରାପୁଟ ଜିଲ୍ଲାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ସମାଜସେବୀ ଓ ସାମ୍ବାଦିକ । ସେ ସ୍ୱାଧୀନତା ସଂଗ୍ରାମରେ ଜଣେ ଅଗ୍ରଣୀ ନେତା ଥିଲେ । ସ୍ୱାଧୀନତା ସଂଗ୍ରାମୀ ପେନ୍‌ସନ୍ ସେ ପ୍ରତ୍ୟାଖ୍ୟାନ କରି ଦେଇଥିଲେ । ୧୯୪୨ ଆନ୍ଦୋଳନରେ ଜଟାବାଲ ବ୍ରିଡ଼ଜ ଧ୍ୱଂସ, ବ୍ୟକ୍ତିଗତ ସତ୍ୟାଗ୍ରହ ଓ ପାପଡ଼ାହାଣ୍ଡି ଗୁଳିକାଣ୍ଡ ଘଟଣାରେ ତାଙ୍କୁ କାରାଦଣ୍ଡ  ଭୋଗ କରିବାକୁ ପଡ଼ିଥିଲା ।

-ପ୍ରଜାତନ୍ତ୍ର

ଲକ୍ଷ୍ମୀଚନ୍ଦ୍ର ଦାସ ଜଣେ ନିର୍ଭୀକ ସ୍ୱାଧୀନତା ସଂଗ୍ରାମୀ ଥିଲେ । କୋରାପୁଟ ଜିଲ୍ଲାରୁ ପ୍ରକାଶିତ ତଥା ତାଙ୍କ ଦ୍ୱାରା ସମ୍ପାଦିତ 'ଜନସଖା' କଥିତ ଭାଷା ଯୋଗୁଁ  ଗ୍ରାମାଞ୍ଚଳ ମଧ୍ୟରେ ବେଶ୍ ଆଦୃତ ହୋଇ ପାରିଥିଲା ।

-ସମ୍ବାଦ

ଲକ୍ଷ୍ମୀଚନ୍ଦ୍ର ଦାସ କୋରାପୁଟ ଜିଲ୍ଲା ଜିଲ୍ଲାର ଅନ୍ୟତମ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଥିଲେ । ସେ ଜଣେ ନିଷ୍ଠାପର ଦୃଢ଼ମନା ବ୍ୟକ୍ତି ଥିଲେ ।

- ସମାଜ

ଲକ୍ଷ୍ମୀଚନ୍ଦ୍ର ଦାସ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଥିଲେ । ସେ ପାପଡ଼ାହାଣ୍ଡି ଆଦିବାସୀ ବିଦ୍ରୋହର ନେତୃତ୍ୱ ନେଇଥିଲେ ।

-ପ୍ରେସ୍ ଟ୍ରଷ୍ଟ୍ ଅଫ୍ ଇଣ୍ଡିଆ

ଲକ୍ଷ୍ମୀଚନ୍ଦ୍ର ଦାସ କୋରାପୁଟ ଜିଲ୍ଲାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ସମାଜସେବୀ, ସାମ୍ବାଦିକ ଓ 'ଜନସଖା' ସାପ୍ତାହିକ ପତ୍ରିକାର ପ୍ରତିଷ୍ଠାତା । ସେ ଜଣେ ନିର୍ଭୀକ ଓ ନିଷ୍ଠାପର ବ୍ୟକ୍ତି ଥିଲେ । ସେ ରାଷ୍ଟ୍ରଦୀପର ଜଣେ ଅନ୍ୟତମ ଶୁଭେଚ୍ଛୁ ଥିଲେ ।

-ରାଷ୍ଟ୍ରଦୀପ

ଦେଶମାତୃକାର କରୁଣ କ୍ରନ୍ଦନ ଯେଉଁ କେତେଜଣ ଯୁବକକୁ ବ୍ୟଥିତ କରିଥିଲା, ସେମାନଙ୍କ ମଧ୍ୟରେ ଥିଲେ କୋରାପୁଟ ମାଟିର ଅନ୍ୟତମ ବୀର ସନ୍ତାନ ଲକ୍ଷ୍ମୀଚନ୍ଦ୍ର ଦାସ । ଭାରତୀୟ ଜାତୀୟ ମୁକ୍ତି ଆନ୍ଦୋଳନର ସେ ଥିଲେ ଏକ ଜୀବନ୍ତ ଇତିହାସ । ସେହି ଇତିହାସର ଭିତ୍ତିଭୂମି ଥିଲା ବେଠି, ଗଡ଼ମ ବିରୋଧରେ ବେ-ସାଲିସ ସଂଗ୍ରାମ, ଗୋତି ମୁକ୍ତି ଆନ୍ଦୋଳନ, ଗୋରା ସରକାର ଜମିଦାରୀ ଶୋଷଣ ବିରୁଦ୍ଧରେ ସଂଗ୍ରାମ ଏବଂ ଏହି ସବୁ ସମସ୍ୟାକୁ ନେଇ ସ୍ୱାଧୀନତା ନିମନ୍ତେ ସଂଗ୍ରାମ । ସେହି ବିପ୍ଳବୀଙ୍କ ଇତିହାସ କୋରାପୁଟିଆଙ୍କୁ ଯୁଗେ ଯୁଗେ ପ୍ରେରଣା ଯୋଗାଉଥିବ |

-ଅଗ୍ନି କଣିକା

ଲକ୍ଷ୍ମୀଚନ୍ଦ୍ର ଦାସ ଜଣେ ଶ୍ରେଷ୍ଠ ପରଉପକାରୀ ଦେଶସେବୀ । ଆଦିବାସୀ ଅଧ୍ୟୁଷିତ, ଶିକ୍ଷା ସଂସ୍କୃତି ବିହୀନ କୋରାପୁଟ ଜିଲ୍ଲାରେ ଶାସକଗୋଷ୍ଠୀର ଭୀଷଣ ଅତ୍ୟାଚାର ଚାଲିଥାଏ । ସେତିକିବେଳେ ମହାତ୍ମାଗାନ୍ଧୀଙ୍କ ଡ଼ାକରାରେ ଯେଉଁ କେତେଜଣ ସ୍ୱର ଉତ୍ତୋଳନ କରିଥିଲେ ସେମାନଙ୍କ ମଧ୍ୟରୁ ଲକ୍ଷ୍ମୀଚନ୍ଦ୍ର ଦାସ ଥିଲେ ଜଣେ ଲଢୁଆ ସତ୍ୟାଗ୍ରହୀ କର୍ମୀ। । ଦେଶ ସ୍ୱାଧୀନ ପରେ ବହୁ ନେତା ଓ କର୍ମୀମାନେ ବିଭିନ୍ନ ଶାସନ ଦାୟିତ୍ୱରେ ରହିଥିଲେ ମଧ୍ୟ ଲକ୍ଷ୍ମୀଚନ୍ଦ୍ର ଦାସ କୌଣସି ଶାସନ ଦାୟିତ୍ୱକୁ ପସନ୍ଦ କରି ନ ଥିଲେ । ତାଙ୍କୁ ବହୁବାର କଂଗ୍ରେସର ତୁଙ୍ଗ ନେତାମାନେ ବିଧାନସଭା ପ୍ରାର୍ଥୀ ହେବା ପାଇଁ ଅନୁରୋଧ କରିଥିଲେ । କିନ୍ତୁ ସେ ନିଜକୁ ଶାସନ ଦାୟିତ୍ୱରୁ ବଞ୍ଚିତ କରି ଅନ୍ୟ କର୍ମୀ ତଥା ଦେଶସେବକଙ୍କୁ ସତ ପରାମର୍ଶ ଦେଇଯାଇଥିଲେ ।

-ଯୁଗବାଣୀ

(ପ୍ରଥମ ଶ୍ରାଦ୍ଧବାର୍ଷିକ ସ୍ମରଣିକାରୁ ଉଦ୍ଧୃତ - ୧୯୮୬)

*****

# ସେ ଥିଲେ.....

ଲକ୍ଷ୍ମୀଚନ୍ଦ୍ର ଦାସ ଜଣେ ବିଖ୍ୟାତ ସ୍ୱାଧୀନତା ସଂଗ୍ରାମୀ, ସମାଜସେବୀ ଏବଂ ସାମ୍ବାଦିକ ଥିଲେ ।

-ବିଶ୍ୱମ୍ଭରନାଥ ପାଣ୍ଡେ
ରାଜ୍ୟପାଳ, ଓଡ଼ିଶା

ଜଣେ ସ୍ପଷ୍ଟବାଦୀ ଦେଶପ୍ରେମୀ ହିସାବରେ ଲକ୍ଷ୍ମୀଚନ୍ଦ୍ର ବାବୁଙ୍କ କାର୍ଯ୍ୟକଳାପ ଭୂଲିବାର ନୁହେଁ । ଶାସନ ଓ ସଙ୍ଗଠନ ବିଷୟରେ ଆଲୋଚନା କଲାବେଳେ ସେ ଯେପରି ନିର୍ଭୀକ ଓ ନିରପେକ୍ଷ ଭାବରେ ମତ ପ୍ରକାଶ କରୁଥିଲେ ତାହା ଆମ୍ଭମାନଙ୍କୁ ଆକୃଷ୍ଟ କରୁଥିଲା ।

-ନନ୍ଦିନୀ ଶତପଥୀ, ପୂର୍ବତନ ମୁଖ୍ୟମନ୍ତ୍ରୀ

ଲକ୍ଷ୍ମୀଚନ୍ଦ୍ର ଦାସ ଜଣେ ଆଦର୍ଶ ଓ ନିସ୍ୱାର୍ଥପର ଜନସେବୀ ଥିଲେ । ତାଙ୍କର ନିରବଚ୍ଛିନ୍ନ ସେବା, ତ୍ୟାଗ, ଦେଶପ୍ରେମ, ଗଭୀର ମାନବିକ ମୂଲ୍ୟବୋଧ ତାଙ୍କୁ କାଳଜୟୀ କରି ରଖିଛି ।

-ଡ଼ମ୍ବୁରୁଧର ଉଲାକା, ରାଷ୍ଟ୍ରମନ୍ତ୍ରୀ, ଓଡ଼ିଶା

ସ୍ୱାଧୀନତା ସଂଗ୍ରାମୀ ଲକ୍ଷ୍ମୀଚନ୍ଦ୍ର ଦାସ ଏ ଦେଶ ପାଇଁ ଯେଉଁ ତ୍ୟାଗପୂତ ସମାଜସେବା କରିଛନ୍ତି ତାହା ତାଙ୍କୁ ଚିର ସ୍ମରଣୀୟ କରିଛି ।

-ହାବିବୁଲ୍ଲା ଖାନ, ରାଷ୍ଟ୍ରମନ୍ତ୍ରୀ, ଓଡ଼ିଶା

ସାମ୍ରାଜ୍ୟବାଦୀ ଇଂରେଜ ଶାସନରୁ ଏ ଦେଶକୁ ମୁକ୍ତି କରିବାରେ ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ଆହ୍ୱାନକ୍ରମେ ତତ୍‌କାଳୀନ ଯେଉଁ ଯୁବକମାନେ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିଲେ, ସେମାନଙ୍କ ମଧ୍ୟରେ ଆମ ପ୍ରଦେଶର ନିବିଡ଼ ବନାନୀ ପରିବେଷ୍ଟିତ କୋରାପୁଟ ଜିଲ୍ଲାର ଲକ୍ଷ୍ମୀଚନ୍ଦ୍ର ଦାସ ଅନ୍ୟତମ । ଏହି ଦୁର୍ଗମ ଅଞ୍ଚଳର ସ୍ୱାଧୀନତା ଆନ୍ଦୋଳନର ଆଲୋକ ବର୍ତ୍ତିକାକୁ ପ୍ରଜ୍ୱଳିତ କରି ସେ ନିଜର ଜୀବନକୁ ଉତ୍ସର୍ଗ କରିବା ସଙ୍ଗେ ସଙ୍ଗେ ଜନସାଧାରଣଙ୍କୁ ଦେଶ ମାତୃକାର ସେବା ପାଇଁ ଉତ୍ସର୍ଗ କରିବାରେ ପ୍ରଭାବିତ କରିପାରିଥିଲେ । ତାଙ୍କରି ଆଦର୍ଶ ସର୍ବଦା ସମସ୍ତଙ୍କୁ ଅନୁପ୍ରାଣିତ କରିବ ।

-ପରମା ପୂଜାରୀ ,ରାଷ୍ଟ୍ରମନ୍ତ୍ରୀ, ଓଡ଼ିଶା

କୋରାପୁଟ କଂଗ୍ରେସ ଲୋକଙ୍କ ଲକ୍ଷ୍ମୀବାବୁ ଥିଲେ ନେତା, ଅତି ଆତ୍ମୀୟ, ନିର୍ଭୀକ ଓ ସ୍ପଷ୍ଟବାଦୀ ନେତା । ଶେଷ ପର୍ଯ୍ୟନ୍ତ ସେ ନିଜକୁ ଦେଶ ସେବାରେ ଉତ୍ସର୍ଗ କରିଥିଲେ । ନିଜର ନିଷ୍ଠା ବଳରେ ସେ ଚିର ଅମର ।

-ରଘୁନାଥ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ

ଲକ୍ଷ୍ମୀବାବୁ ଥିଲେ ସ୍ୱାଧୀନତା ସଂଗ୍ରାମର ଏକ ମହାନ ଯୋଦ୍ଧା । କୋରାପୁଟିଆ ଲୋକଙ୍କ ଚେତନାର ମୂଳପିଣ୍ଡ । ଲଢୁଆ କର୍ମୀଙ୍କ ସତ୍ୟନିଷ୍ଠ ଧର୍ମପରାୟଣ ଜନକ ।

-ରବି ସିଂ ମାଝୀ, ପୂର୍ବତନ ରାଷ୍ଟ୍ରମନ୍ତ୍ରୀ

ଲକ୍ଷ୍ମୀବାବୁ କେବଳ କୋରାପୁଟ ଜିଲ୍ଲାର ଜଣେ ଟାଣୁଆ କଂଗ୍ରେସ କର୍ମୀ ଥିଲେ ସେ କଥା ନୁହଁ, ସେ ଥିଲେ ଜଣେ ଓଡ଼ିଶାର ସୁଦକ୍ଷ ରାଜନୈତିକ ବ୍ୟକ୍ତିମାନଙ୍କ ମଧ୍ୟରେ ଅନ୍ୟତମ । କଂଗ୍ରେସ ସଂଗଠନ କିମ୍ବା ସରକାରଙ୍କ କାର୍ଯ୍ୟକ୍ରମରେ ଯାହାର ଯଦି କିଛି ଭୁଲ ଥିଲେ ସେ ତାକୁ ପରିମାର୍ଜନା କରିବା ପାଇଁ ମୁହାଁମୁହିଁ କହୁଥିଲେ ।

-ରାମଚନ୍ଦ୍ର ଉଲାକା, ପୂର୍ବତନ ମନ୍ତ୍ରୀ

ଲକ୍ଷ୍ମୀଚନ୍ଦ୍ର ବାବୁ ନିଷ୍ଠାପର, ସଚ୍ଚୋଟ ବିପ୍ଳବୀ ସଂଗ୍ରାମୀ ଭାବରେ ସୁନାମ ଅର୍ଜନ କରିଥିଲେ । ସେ ଥିଲେ କଂଗ୍ରେସ ଦଳର ବଳିଷ୍ଠ ସଂଗଠକ । ଶ୍ରୀରାମଙ୍କ ଚରଣାରବିନ୍ଦରେ ସର୍ବଦା ମନରଖି ଜନସେବା କରିବା ହିଁ ଥିଲା ତାଙ୍କ ଜୀବନର ମୁଖ୍ୟ ବ୍ରତ ।

-ନୃସିଂହାନନ୍ଦ ବ୍ରହ୍ମା, ଏମ୍.ଏଲ.ଏ

ଲକ୍ଷ୍ମୀଚନ୍ଦ୍ର ଦାସ ଥିଲେ ଜଣେ ଅପ୍ରତିଦ୍ୱନ୍ଦୀ କଂଗ୍ରେସ ନେତା ତଥା ସ୍ୱାଧୀନତା ସଂଗ୍ରାମୀ । ମହାତ୍ମାଗାନ୍ଧୀଙ୍କ ଡ଼ାକରାରେ ବ୍ରିଟିଶ ସରକାରଙ୍କ ବିରୁଦ୍ଧରେ କୋରାପୁଟବାସୀଙ୍କୁ ଏକତ୍ରିତ କରି ନେତୃତ୍ୱ ଦେଇଥିଲେ । ଗୋତିପ୍ରଥା ଉଚ୍ଛେଦ, ବେଠିର ବିଲୋପ ପ୍ରଭୃତି କ୍ଷେତ୍ରରେ ସେ ଥିଲେ ଜଣେ ଅଗ୍ରଣୀ ଯୋଦ୍ଧା । ନିଷ୍ଠାପର, ସାହସୀ, ଦୁର୍ନୀତିମୁକ୍ତ ତଥା ସଚ୍ଚୋଟ ବ୍ୟକ୍ତି ଭାବେ ଆମର ଆଦର୍ଶ ।

-ଡ଼ମ୍ବୁରୁ ମାଝୀ, ଏମ୍.ଏଲ.ଏ

ଲକ୍ଷ୍ମୀବାବୁ କେବେ ଗାନ୍ଧୀଜୀଙ୍କ ଆଦର୍ଶରୁ ବିଚ୍ୟୁତ ହୋଇ ନ ଥିଲେ । ପଦ ପଦବୀର ମୋହ ତାଙ୍କୁ କେବେ ଘାରି ନଥିଲା । ରାମ ନାମରେ ଅଟଳ ବିଶ୍ୱାସ ରଖି ଜନଗଣଙ୍କ ସେବାହିଁ ତାଙ୍କ ଜୀବନର ବ୍ରତ ଥିଲା । ଏଥିଲାଗି ନିର୍ଯ୍ୟାତିତ କୋରାପୁଟବାସୀଙ୍କ ଦୁଃଖ ଯାତନାକୁ ପ୍ରତିକାର ପାଇଁ ଲୋକଲୋଚନକୁ ଆଣିବା ଉଦ୍ଦେଶ୍ୟରେ 'ଜନସଖା' ପତ୍ରିକାକୁ ଜନ୍ମ ଦେଇଥିଲେ । କଂଗ୍ରେସ୍ ଦଳ ତଥା କଂଗ୍ରେସ କର୍ମୀ ଯେପରି ପ୍ରକୃତ ଲୋକଙ୍କ ଲାଗି କାମ କରି କଂଗ୍ରେସର ପୂର୍ବ ଆଦର୍ଶକୁ ବଜାୟ ରଖିବ,ତାହାହିଁ ତାଙ୍କ ପ୍ରାଣର ବ୍ୟାକୁଳତା ଥିଲା । ତାଙ୍କ ଭଳି ଜଣେ ଆଦର୍ଶ ବ୍ୟକ୍ତି ଏ ଯୁଗରେ ବିରଳ ।

-ଶୈଳେନ୍ଦ୍ର ନାଥ ମହାପାତ୍ର
ସଭାପତି, କୋରାପୁଟ ଜିଲ୍ଲା କଂଗ୍ରେସ କମିଟି

ଲକ୍ଷ୍ମୀବାବୁ କେବଳ ସହରର ବାବୁ ମାନଙ୍କ ମଧ୍ୟରେ ପରିଚିତ ନ ଥିଲେ । ସେ ଗାଁ ଗହଳିର ଗରିବ ଲୋକଙ୍କ ନିକଟରେ ନିସ୍ୱାର୍ଥପର ସେବା, ସରଳ ଭାଷା ଓ ନିର୍ଭୀକ ଲେଖନୀ ଦ୍ୱାରା ଅତି ଘନିଷ୍ଠ ଥିଲେ । ସେ କେବଳ ବ୍ୟକ୍ତି ବିଶେଷ ନୁହଁନ୍ତି । ସେ କୋରାପୁଟ ଜିଲ୍ଲାର ଗୋଟିଏ ଅନୁଷ୍ଠାନ ।

-ମନୋରଞ୍ଜନ ରଥ
ସଭାପତି, କୋରାପୁଟ ଜିଲ୍ଲା ପେଶାଦାର ସାମ୍ବାଦିକ ସଂଘ

ଲକ୍ଷ୍ମୀବାବୁ କୋରାପୁଟ ତଥା ଓଡ଼ିଶାର ଜଣେ ସଚ୍ଚୋଟ, ନିର୍ଭୀକ, ନିରଳସ ପଦତ୍ୟାଗୀ ସମାଜ ସେବକ ।

-କୃଷ୍ଣଚନ୍ଦ୍ର ବକ୍ସିପାତ୍ର

ଲକ୍ଷ୍ମୀବାବୁ ଥିଲେ ଆଦିବାସୀ, ହରିଜନ ଓ ଦୁର୍ବଳ ଶ୍ରେଣୀ ଲୋକଙ୍କ ପିତା । ସେମାନଙ୍କ ଉପରେ ଅନ୍ୟାୟ ଅତ୍ୟାଚାର ହେଲେ ଲକ୍ଷ୍ମୀବାବୁ ରାଗରେ ବିଶ୍ୱରୂପ ଧାରଣ କରୁଥିଲେ ।

-ନିଶାକର ବାସ

ଲକ୍ଷ୍ମୀଚନ୍ଦ୍ର ଦାସ ଥିଲେ ଜଣେ ନିସ୍ୱାର୍ଥପର ନିରଳସ ନିରାଡ଼ମ୍ବର ଓ ନିର୍ଭୀକ ସ୍ୱାଧୀନତା ସଂଗ୍ରାମର ସୈନିକ । ସେ ଥିଲେ ସାହସୀ ଓ ସମସ୍ତ ସଂଗ୍ରାମର ବୀର ପୁରୁଷ ।

-ପ୍ରଭୁଦାନ ଭତ୍ରା, ଉପାନ୍ତ ପ୍ରହରୀ

ଜଣେ ଆଦର୍ଶବାଦୀ ଦେଶସେବକ ଭାବରେ ଲକ୍ଷ୍ମୀବାବୁଙ୍କ ଖ୍ୟାତି ଅଛି । ବହୁ ଲୋକ ଲକ୍ଷ୍ମୀବାବୁଙ୍କୁ ଅନୁକରଣ ଓ ଅନୁସରଣ କରୁଥିଲେ | ତାଙ୍କ ପରି ନିର୍ଭୀକ ଲୋକ ଖୁବ୍ କ୍ୱଚିତ୍ ଦେଖାଯାନ୍ତି । ଅନ୍ୟ ସ୍ୱାଧୀନତା ସଂଗ୍ରାମୀ ପରି କ୍ଷମତା ପଛରେ ଧାଇଁବାର ଲାଳସା ତାଙ୍କ ପାଖେ ତିଳେହେଲେ ନ ଥିଲା ।

-କୃଷ୍ଣ ସିଂ, ସମ୍ପାଦକ, କ୍ରାନ୍ତି

ସ୍ୱାଧୀନତା ସଂଗ୍ରାମର ପୁରୋଧା ଲକ୍ଷ୍ମୀବାବୁଙ୍କର ତ୍ୟାଗ ତଥା ଦେଶମାତୃକାର ସେବା ଆଜିର ଯୁବସମାଜର ଦିଗ୍‌ଦର୍ଶକ । ତାଙ୍କର ପ୍ରେରଣା ଜନତା ଜନାର୍ଦ୍ଦନ ତଥା ଦେଶ ସେବା ପଥରେ ଆମକୁ ଆଗେଇ ନେବ ।

-ଗୁପ୍ତ ପ୍ରସାଦ ଦାସ

ମୋର ଭଲ ଜଣାଶୁଣା ଲକ୍ଷ୍ମୀଚନ୍ଦ୍ର ଦାସ ଜଣେ ନିଷ୍ଠାପର କର୍ମୀ ଥିଲେ ।

-ହରେକୃଷ୍ଣ ମହତାବ

କଂଗ୍ରେସ ଓ ବଳିଦାନର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ କୋରାପୁଟ ଜିଲ୍ଲା କଂଗ୍ରେସର ଅନ୍ୟତମ ପ୍ରତିଷ୍ଠାତା ଲକ୍ଷ୍ମୀଚନ୍ଦ୍ର ଦାସ ।

-ଡଃ. ଜି. ସୁରିଆ ରାଓ

ଏକ ସମୟରେ ଆମେ ସମସ୍ତେ କୋରାପୁଟ ଜିଲ୍ଲାର ତତ୍‌କାଳୀନ ଅପ୍ରତିଦ୍ୱନ୍ଦ୍ୱୀ ନେତା ସ୍ୱର୍ଗତ ସଦାଶିବ ତ୍ରିପାଠୀଙ୍କ ନେତୃତ୍ୱ ମାନୁଥିଲେ ମଧ୍ୟ ସାମାନ୍ୟ ତୃଟି ବିଚ୍ୟୁତି ଦେଖିଲେ ଲକ୍ଷ୍ମୀବାବୁ ଅଗ୍ନି ଶର୍ମା ହୋଇଉଠୁଥିଲେ ଓ ପ୍ରକାଶ୍ୟରେ ତୀବ୍ର ସମାଲୋଚନା କରୁଥିଲେ । ତାଙ୍କର ଏହି ସ୍ପଷ୍ଟବାଦୀତା ଆମ୍ଭଙ୍କୁ ସବୁବେଳେ ପ୍ରଭାବିତ କରୁଥିଲା ।

-ରାମନାଥ ପଣ୍ଡା
ସାଧାରଣ ସମ୍ପାଦକ, ଜାଗ୍ରତ ଓଡ଼ିଶା

ଲକ୍ଷ୍ମୀଚନ୍ଦ୍ର ବାବୁଙ୍କ ସତ୍ୟବାଦୀତା, ନିର୍ଭୀକତା, ଦୁଃଖୀ ଦରିଦ୍ର ପ୍ରତି ଦୟା ସଙ୍ଗେ ସଙ୍ଗେ ବ୍ରିଟିଶ ଶୋଷଣ ବିରୁଦ୍ଧରେ ସଂଗ୍ରାମ ମୋର ଓଡ଼ିଶାବାସୀଙ୍କ ଶିକ୍ଷଣୀୟ ଅଟେ ।

-ବୃନ୍ଦାବନ ଚନ୍ଦ୍ର ବକ୍‌ସିପାତ୍ର
କୋରାପୁଟ ଜିଲ୍ଲା ଆଦିବାସୀ ସଂଘ

ନବରଙ୍ଗପୁର ଗଲେ ଲକ୍ଷ୍ମୀବାବୁଙ୍କୁ ଆଉ ଭେଟି ପାରୁନାହିଁ । ଏକଥା ଭାବିଲେ ଛାତି କରତି ହୋଇଯାଉଛି । ତାଙ୍କ ଭଳି ନିର୍ଭୀକ ନିରାଡ଼ମ୍ବର ଓ ନିରଳସ ଦେଶସେବୀଙ୍କୁ ମୁଁ କମ୍ ଦେଖୁଛି ।

-ମନମୋହନ ଚୌଧୁରୀ
କଟକ

ନିସ୍ୱାର୍ଥପର ସମାଜସେବୀ, ଧର୍ମପରାୟଣ ନିରପେକ୍ଷ ନିର୍ଭୀକ ସାମ୍ବାଦିକ, ସ୍ୱାଧୀନତା ସଂଗ୍ରାମର ମହାନ ରଥୀ ଯୋଗଜନ୍ମା ଲକ୍ଷ୍ମୀଚନ୍ଦ୍ର ଦାସ କୋରାପୁଟ ଜିଲ୍ଲାର ଏକମାତ୍ର ଅଣ ଆଦିବାସୀ ବ୍ୟକ୍ତି ଯାହାଙ୍କର ଅନ୍ତର ନିଷ୍ପେସିତ, ଲାଞ୍ଛିତ, ଘୃଣିତ, ଅବହେଳିତ ଆଦିବାସୀ ହରିଜନଙ୍କ ପାଇଁ ଜଳୁଥିଲା । କୋରାପୁଟ ଜିଲ୍ଲାର କେଉଁ ବ୍ୟକ୍ତିଙ୍କ ସହ ତୁଳନା କରିବି ? ସେ ନିଜେ ହିଁ ନିଜର ଉଦାହରଣ । ସେ ବ୍ୟକ୍ତି ନୁହଁନ୍ତି ଏକ ଅନୁଷ୍ଠାନ ।

-ଯାଦବ ମାଝୀ
ସଭାପତି, କୋରାପୁଟ ଜିଲ୍ଲା ଜନତା ପାର୍ଟି

(ପ୍ରଥମ ଶ୍ରାଦ୍ଧବାର୍ଷିକୀ ସ୍ମରଣିକାରୁ ଉଦ୍ଧୃତ – ୧୯୮୬)

# ସ୍ୱାଧୀନ ଭାରତର
# ବିପ୍ଳବୀ ସଂଗ୍ରାମୀ ଲକ୍ଷ୍ମୀବାବୁ

**-ମହମ୍ମଦ ବାଜୀ**
ସ୍ୱାଧୀନତା ସଂଗ୍ରାମୀ ଓ ସର୍ବୋଦୟ ସେବକ,
ନବରଙ୍ଗପୁର

୧୯୩୨ ସାଲରେ ମୁଁ ଓ ଲକ୍ଷ୍ମୀବାବୁ ଷଷ୍ଠ ଶ୍ରେଣୀରେ ପଢୁଥିବା ସମୟରୁ ଆମେ ଦୁହେଁ ଘନିଷ୍ଠ ସାଥୀ ହୋଇଥିଲୁ । ନବରଙ୍ଗପୁରରେ ଅଷ୍ଟମ ଶ୍ରେଣୀ ପାସ କରିବା ପରେ ଜୟପୁର ହାଇସ୍କୁଲରେ ନାମ ଲେଖାଇଥିଲୁ । ସେତେବେଳେ ଜାତୀୟବାଦୀ 'ଆଶା' ପତ୍ରିକାରେ ମହାତ୍ମାଗାନ୍ଧୀଙ୍କର ଲବଣ ସତ୍ୟାଗ୍ରହ, ଓଡ଼ିଶାରେ ତାଙ୍କର ହରିଜନ ପଦଯାତ୍ରା ଓ କଂଗ୍ରେସ ଆନ୍ଦୋଳନ ସମ୍ପର୍କରେ ଅନେକ ସମ୍ବାଦ ପ୍ରକାଶିତ ହେଉଥିଲା । ଆମେ 'ଆଶା' ପତ୍ରିକା ପ୍ରତ୍ୟେକ ଦିନ ପଢୁଥିଲୁ । ଆମ ଦୁହିଁଙ୍କ ମନ କଂଗ୍ରେସ ଓ ମହାତ୍ମାଗାନ୍ଧୀଙ୍କ ଆଡ଼କୁ ଟାଣି ହୋଇଯାଉଥାଏ । ଜୟପୁରରେ ସଦାଶିବ ତ୍ରିପାଠୀ ଶିକ୍ଷକତା କରୁଥିଲେ, ସେ ଚାକିରି ଛାଡ଼ିଲେ । ଆମେ ଦୁହେଁ ମଧ୍ୟ ପାଠପଢ଼ା ଛାଡ଼ି ଦେଇଥିଲୁ । ନବରଙ୍ଗପୁର ଆସି ଖଦଡ଼ ପିନ୍ଧିଲୁ । କଂଗ୍ରେସର ଚାରିଅଣା ମେମ୍ବର ହୋଇ ସଂପୂର୍ଣଭାବେ ମହାଭାରତୀୟ ଜାତୀୟ କଂଗ୍ରେସରେ ଯୋଗଦେଇଥିଲୁ।

୧୯୩୭ ମସିହାରେ ପ୍ରଥମଥର ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ସ୍ୱର୍ଗତ ଲକ୍ଷ୍ମୀଚନ୍ଦ୍ର ଦାସ ନବରଙ୍ଗପୁର ସବ୍‌ଡ଼ିଭିଜନର ଗାଁ ଗଣ୍ଡା ବୁଲି କଂଗ୍ରେସର ପ୍ରଚାର କରିଥିଲେ । ଯାହା ଫଳରେ କଂଗ୍ରେସ ବିଜୟ ହାସଲ କରିଥିଲା । ତା'ପରେ କଂଗ୍ରେସ ସଂଗଠନ କାମରେ ଲକ୍ଷ୍ମୀବାବୁ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ସମସ୍ତ ଗାଁ ଗଣ୍ଡାରେ କିପରି ଗାନ୍ଧୀବାଣୀ ଓ କଂଗ୍ରେସର ବାର୍ତ୍ତା ପହଞ୍ଚିବ ତାହା ଚିନ୍ତାକରି ତାହାକୁ କାର୍ଯ୍ୟକାରୀ କରିଥିଲେ । ବଣ ପାହାଡ଼ ଦୁର୍ଗମ ଅଞ୍ଚଳକୁ ପ୍ରବେଶ କରି ସେ ଅଶିକ୍ଷିତ ମଳିମୁଣ୍ଡିଆଙ୍କୁ ଜ୍ଞାନ ପ୍ରଦାନ କରିଥିଲେ । ଲକ୍ଷ୍ମୀବାବୁଙ୍କ ସହ ମୁଁ, ରଘୁନାଥ ଚୌଧୁରୀ, ସଦାନନ୍ଦ ମହାନ୍ତି, ସୀମାଞ୍ଚଳ ବେହେରା, ଜଗନ୍ନାଥ ତ୍ରିପାଠୀ, ସୁନାଧର ମାଝୀ, ରାୟଧର ଜାନୀ, ରବି ସିଂ ମାଝୀ ଓ ଅନ୍ୟାନ୍ୟ କର୍ମୀମାନେ ଗାଁ ଗାଁ ବୁଲୁଥିଲୁ । ଲକ୍ଷ୍ମୀବାବୁଙ୍କ ନେତୃତ୍ୱରେ ଆମେମାନେ ସାତଶହ ମାଇଲ ପଦଯାତ୍ରା କରିଥିଲୁ ।

ସେହି ସମୟରେ ବେଠି, ଗଡ଼ମ, ଶୋଷଣ ପ୍ରଥାରେ ଲୋକେ ତଳିତଳାନ୍ତ ହୋଇ ଦାରୁଣ ଦୁଃଖରେ ଜୀବନ କାଟୁଥିଲେ । ଲୋକେ ବଡ଼ ଭୟଭୀତ ହୋଇ ରହିଥିଲେ । ଶାସନ ବିରୁଦ୍ଧରେ ପଦେ କଥା କହିବାକୁ ସେମାନେ ସାହସ କରି ପାରୁ ନ ଥିଲେ । କିନ୍ତୁ ଲକ୍ଷ୍ମୀବାବୁ ଗାଁ ଗାଁ ବୁଲି ସଭାସମିତି କରି ଲୋକଙ୍କ ନିକଟରେ ମହାତ୍ମାଗାନ୍ଧୀଙ୍କ ବାର୍ତ୍ତା ପହଞ୍ଚାଇ ଥିଲେ । ତାଙ୍କ ସଭାରେ ହଜାର ହଜାର ସଂଖ୍ୟାରେ ଲୋକ ରୁଣ୍ଡ ହେଉଥିଲେ । ଲକ୍ଷ୍ମୀବାବୁଙ୍କ ଭାଷଣ ଅଶିକ୍ଷିତ ଲୋକଙ୍କ ହୃଦୟକୁ ସ୍ପର୍ଶ କରିଥିଲା । ଲୋକଙ୍କ ମନରେ ଲକ୍ଷ୍ମୀବାବୁଙ୍କ କଥା ପଶିଯାଇଥିଲା । ତାଙ୍କ ଯୋଗୁଁ ହଜାର ହଜାର ଲୋକ ସାହସୀ ହୋଇ କଂଗ୍ରେସରେ ଯୋଗ ଦେଇଥିଲେ । ଗୁଳି ସମ୍ମୁଖରେ ଠିଆ ହେବାକୁ ଲକ୍ଷ୍ମୀବାବୁଙ୍କ ଯୋଗୁଁ ସେମାନେ ସାହସ ପାଇଥିଲେ । ସେ ଯେଉଁ ହଜାର ହଜାର ଗାନ୍ଧୀ ଗୁମସ୍ତା ତିଆରି କରିଥିଲେ ତାହାରି ଫଳ ସ୍ୱରୂପ ୧୯୪୨ ସାଲରେ ପାପଡ଼ାହାଣ୍ଡି ମେଳିରେ ବ୍ରିଟିଶ୍ ସରକାରର ନଳୀ ଗୁଳିର ସେମାନେ ସମ୍ମୁଖୀନ ହେବାକୁ ସକ୍ଷମ ହୋଇଥିଲେ ।

୧୯୩୯ ସାଲରେ ବ୍ୟକ୍ତିଗତ ସତ୍ୟାଗ୍ରହ ବା ବାଣୀ ସତ୍ୟାଗ୍ରହ ହୋଇଥିଲା । ଲକ୍ଷ୍ମୀବାବୁ ସତ୍ୟାଗ୍ରହ ଚଳାଇବାର ପୁରା ଭାର ନେଇଥିଲେ । ସେ ସତ୍ୟାଗ୍ରହ କରିବା ପୂର୍ବରୁ ଏକ ସଭାରେ ସତ୍ୟାଗ୍ରହ କରିବାକୁ

ଆହ୍ୱାନ ଦେଇ ଭାଷଣ ଦେଉଥିବା ବେଳେ ତାଙ୍କୁ ଗିରଫ କରି ନିଆଗଲା । ଏଥି ପାଇଁ ତାଙ୍କୁ ଏକ ବର୍ଷ କାରାଦଣ୍ଡ ଦିଆଯାଇଥିଲା । ଲକ୍ଷ୍ମୀବାବୁ ଜେଲରୁ ଖଲାସ ହେବାପରେ କଂଗ୍ରେସ କାର୍ଯ୍ୟକ୍ରମକୁ ଅଧିକ ଜୀବନ୍ତ କରିବାକୁ ଲାଗିପଡ଼ିଥିଲେ । ବିପ୍ଳବୀ ଲକ୍ଷ୍ମୀଚନ୍ଦ୍ର ଦାସଙ୍କ ନାମ ଶୁଣିଲେ ସାହେବ ସରକାରୀ କର୍ମଚାରୀମାନେ ଥରହର ହେବାକୁ ଲାଗିଲେ ।

ସେହି ସମୟରେ ଜାତିପ୍ରଥା ଛୁଆଁ ଅଛୁଆଁ ଭେଦଭାବ ବହୁତ ଥିଲା । ୧୯୪୦ ମସିହାରୁ ଲକ୍ଷ୍ମୀବାବୁ ଜାତିପ୍ରଥା ଲୋପ କରିବାକୁ ଅଭିଯାନ ଆରମ୍ଭ କରିଥିଲେ । ସେ ପ୍ରଥମେ ତାଙ୍କ ନିଜ ଘରେ ଜାତିପ୍ରଥା ଲୋପ କରି ମୁସଲମାନ ଘରେ ଖାଇବା ଆରମ୍ଭ କରିଥିଲେ । ଲକ୍ଷ୍ମୀବାବୁ ଓ ସଦାନନ୍ଦ ମହାନ୍ତି ହରିଜନ ଲୋକଙ୍କ ଘର ଘର ଯାଇ ସେମାନଙ୍କ ଘରେ ଭୋଜନ କରିବାକୁ ଲାଗିଲେ । ଲକ୍ଷ୍ମୀବାବୁ ଗାଁ ଗାଁ ରେ କେନ୍ଦ୍ର ଭୋଜି ଆରମ୍ଭ କରାଇଲେ । ଯାହାରି ଫଳରେ ଉଚ୍ଚ ଜାତିର କଂଗ୍ରେସ ଲୋକେ ନିଜ ସାଥୀ ଭାଇ ଆଦିବାସୀ ହରିଜନଙ୍କ ସହ ଏକତ୍ର ଖାଇବାକୁ ଲାଗିଲେ । କ୍ରମେ ଜାତିପ୍ରଥା ଲୋପ ହେବାକୁ ଲାଗିଲା ।

୧୯୪୨ ସାଲରେ କଂଗ୍ରେସର ଅଗ୍ନି ପରୀକ୍ଷାର ସମ୍ମୁଖୀନ ହେବା ପାଇଁ ଲକ୍ଷ୍ମୀବାବୁ ସମସ୍ତଙ୍କୁ ତିଆରି କରିଥିଲେ । ଭାରତ ଛାଡ଼ ଆନ୍ଦୋଳନକୁ ସୁଚାରୁ ରୂପେ ପରିଚାଳନା କରିଥିଲେ । ଆମ୍ଭମାନଙ୍କୁ କିଏ କେଉଁଠି କାମ କରିବାକୁ ହେବ ସେ ବିଷୟରେ ଲକ୍ଷ୍ମୀବାବୁ ନିର୍ଦ୍ଦେଶ ଦେଉଥିଲେ । ସେତେବେଳେ କୋରାପୁଟ ଜିଲ୍ଲାର କଂଗ୍ରେସ ସଙ୍ଗଠନରେ ନବରଙ୍ଗପୁର କେନ୍ଦ୍ରସ୍ଥଳୀ ଥିଲା । ନବରଙ୍ଗପୁର ସବ୍‌ଡ଼ିଭିଜନରେ ସବୁଠାରୁ ଅଧିକ ସଂଖ୍ୟକ କଂଗ୍ରେସ କର୍ମୀ ଥିଲେ । କୋରାପୁଟ ଜିଲ୍ଲାର କଂଗ୍ରେସ ଆନ୍ଦୋଳନରେ ସମସ୍ତ ପ୍ରକାର ନିଷ୍ପତ୍ତି ନବରଙ୍ଗପୁରରୁ ହିଁ ହେଉଥିଲା । ରାଧାକୃଷ୍ଣ ବିଶ୍ୱାସରାୟ, ରାଧାମୋହନ ସାହୁ ସର୍ବଦା ଲକ୍ଷ୍ମୀବାବୁଙ୍କ ପରାମର୍ଶ କ୍ରମେ କାର୍ଯ୍ୟ କରୁଥିଲେ ।

୧୯୪୨ ସାଲରେ ଯେତେବେଳେ କଂଗ୍ରେସ ଭାରତ ଛାଡ଼ ଆନ୍ଦୋଳନର ଡ଼ାକରା ଦେଲା ସେତେବେଳେ କୋରାପୁଟ ଜିଲ୍ଲାରେ ନବରଙ୍ଗପୁରରୁ ଆନ୍ଦୋଳନ ଆରମ୍ଭ ହୋଇଥିଲା । ଲକ୍ଷ୍ମୀଚନ୍ଦ୍ର ଦାସ ଆନ୍ଦୋଳନ ପାଇଁ ହଜାର ହଜାର ପ୍ରଚାରପତ୍ର ତିଆରି କରିବାକୁ ନିର୍ଦ୍ଦେଶ ଦେଇଥିଲେ । ମୁଁ, ସିମାଞ୍ଚଳ ବେହେରା, ସଦାନନ୍ଦ ମହାନ୍ତି ତାଙ୍କ ସହ ଦିନରାତି ଲାଗି ପ୍ରଚାରପତ୍ର ମୁଦ୍ରଣ କରିଥିଲୁ । ଯାହାକି ଲକ୍ଷ୍ମୀଚନ୍ଦ୍ର ଦାସଙ୍କ ନିର୍ଦ୍ଦେଶ ପ୍ରକାରେ ସମଗ୍ର ଜିଲ୍ଲାରେ ବଣ୍ଟନ ହୋଇଥିଲା । ପ୍ରଚାରପତ୍ର ପାଇ କଂଗ୍ରେସ କର୍ମୀମାନେ ବିଭିନ୍ନ ସ୍ଥାନରେ ଆନ୍ଦୋଳନ ଆରମ୍ଭ କରିଦେଲେ । ଜଟାବାଲ ସରାଗୁଡ଼ା ବ୍ରିଜଟିକୁ ଧ୍ୱଂସ କରି ଦେବା ଅଭିଯୋଗରେ ଲକ୍ଷ୍ମୀବାବୁଙ୍କୁ ଓ ମୋତେ ଦୁଇବର୍ଷ ଛ' ମାସ କାରାଦଣ୍ଡ ହୋଇଥିଲା ।

କୋରାପୁଟ ଜେଲରେ ଦୀର୍ଘଦିନ ବନ୍ଦୀ ହୋଇ ରହିଥିବା ସମୟରେ ଲକ୍ଷ୍ମୀବାବୁ ସମସ୍ତ କଂଗ୍ରେସ କର୍ମୀଙ୍କ ମଧ୍ୟରେ ସର୍ବଦା ଏକତା ରକ୍ଷା କରିବାକୁ ଚେଷ୍ଟା ଚଳାଇଥିଲେ । ଜେଲରେ ତାଙ୍କ ନେତୃତ୍ୱରେ ବହୁବାର ଅନଶନ ପ୍ରତିବାଦ କରାଯାଇଥିଲା । କଂଗ୍ରେସ ଲୋକଙ୍କ ସହ ସମ୍ପର୍କ ସ୍ଥାପନ କରି ସେମାନଙ୍କ ପ୍ରତି ଯଦି କୌଣସି ଅନ୍ୟାୟ ହୁଏ ତାହାର ପ୍ରତିବାଦ ଓ ପ୍ରତିକାର ବ୍ୟବସ୍ଥା କରୁଥିଲେ । ଆହତ ସଂଗ୍ରାମୀ ମାନଙ୍କ ମଧ୍ୟରୁ ଯେଉଁମାନେ ଚିକିତ୍ସା ଅଭାବରୁ ମୃତ୍ୟୁବରଣ କରୁଥିଲେ ସେମାନଙ୍କ ପାଇଁ ଲକ୍ଷ୍ମୀବାବୁଙ୍କ ନେତୃତ୍ୱରେ ପ୍ରତିବାଦ କରାଯାଉଥିଲା । ସେଦିନ ସମସ୍ତ ସଂଗ୍ରାମୀ ଉପବାସ ରହୁଥିଲେ । ଜେଲରେ ଖରାପ ଧରଣର ଖାଦ୍ୟ ବ୍ୟବସ୍ଥା ବିରୁଦ୍ଧରେ ଲକ୍ଷ୍ମୀବାବୁ ପ୍ରତିବାଦ କରିବାକୁ ନିଷ୍ପତ୍ତି ନେଇଥିଲେ । ତାଙ୍କ ନିର୍ଦ୍ଦେଶ କ୍ରମେ ସମସ୍ତ ବନ୍ଦୀ ସଂଗ୍ରାମୀ ଖାଦ୍ୟ ପଦାର୍ଥ ପ୍ରତ୍ୟାଖ୍ୟାନ କରିଥିଲେ । ଯାହା ଫଳରେ ଜେଲ କର୍ତ୍ତୃପକ୍ଷ ସଂଗ୍ରାମୀ ବନ୍ଦୀଙ୍କୁ ଭଲ ଭୋଜନର ବ୍ୟବସ୍ଥା କରିଥିଲେ ।

୧୯୪୫ ମସିହାରେ ଖଲାସ ହେବା ପରେ ଲୋକଙ୍କ ମନରେ ପୁଣି ଭୟ ଆସିଯାଇଥିବା ଆମେ ଦେଖୁବାକୁ ପାଇଥିଲୁ । ପାପଡ଼ାହାଣ୍ଡି ଓ ମାତିଲି ଗୁଳିକାଣ୍ଡର ପ୍ରଭାବ ଲୋକଙ୍କ ଉପରେ ପଡ଼ିଥିଲା । ଲକ୍ଷ୍ମୀବାବୁ ଏହି ପରିସ୍ଥିତି ହୃଦୟଙ୍ଗମ କରି ଲୋକଙ୍କ ମନରୁ ଭୟ ଦୂର କରାଇବାକୁ ପୁଣି କାର୍ଯ୍ୟ ଆରମ୍ଭ କରିଥିଲେ ।

ଲକ୍ଷ୍ମୀବାବୁଙ୍କ ନେତୃତ୍ୱରେ ପ୍ରାୟ ଶହେଜଣ କର୍ମୀ ସାତଶହ ମାଇଲ ପଦଯାତ୍ରା କରିଥିଲୁ । ଯଦି ଭବିଷ୍ୟତରେ ଆନ୍ଦୋଳନ ହୁଏ ତାହାହେଲେ କିପରି କଂଗ୍ରେସ କର୍ମୀ ତାହାକୁ ଧୈର୍ଯ୍ୟର ସହ ସମ୍ମୁଖୀନ ହେବେ, ତାହାର ପୂର୍ବାଭାସ ତାଲିମ ଭାବେ ଏହି ପଦଯାତ୍ର ଲକ୍ଷ୍ମୀବାବୁ କରିଥିଲେ ।

ଦେଶ ସ୍ୱାଧୀନ ହେବା ପରେ ଲକ୍ଷ୍ମୀବାବୁ କୌଣସି ପଦପଦବୀ ବା କ୍ଷମତାରେ ରହିବା ପାଇଁ ଚାହିଁ ନ ଥିଲେ । ବହୁବାର ତାଙ୍କୁ ଏମ୍.ଏଲ୍.ଏ., ଏମ୍.ପି. ହେବାପାଇଁ ନିବେଦନ କରାଯାଇଥିଲା । କିନ୍ତୁ ସେ ସବୁକୁ ସେ ପ୍ରତ୍ୟାଖ୍ୟାନ କରିଥିଲେ । କର୍ମୀ ଭାବରେ ଏ ଦେଶର ସେବା କରିବା ତାଙ୍କର ଏକମାତ୍ର ଇଚ୍ଛା ଥିଲା । କଂଗ୍ରେସ ଦଳରେ ରହି ସର୍ବଦା ତାଙ୍କ କାର୍ଯ୍ୟ ମଳିମୁଣ୍ଡିଆ କୋରାପୁଟିଆର ଉନ୍ନତି ପାଇଁ ବ୍ୟୟିତ ହେଉଥିଲା । କଂଗ୍ରେସ ସଙ୍ଗଠନର କର୍ମକର୍ତ୍ତା ନିର୍ବାଚନ ଓ ଏମ୍.ଏଲ୍.ଏ., ଏମ୍.ପି. ପ୍ରାର୍ଥୀ ବାଛିବା ପ୍ରଭୃତି ଲକ୍ଷ୍ମୀବାବୁଙ୍କ ଉପରେ ନିର୍ଭର କରୁଥିଲା । ଲକ୍ଷ୍ମୀବାବୁଙ୍କ ପ୍ରଚାର ଓ ନିର୍ବାଚନ ପରିଚାଳନା ପାଇଁ କଂଗ୍ରେସର ବିଜୟ ରଥ ବିନା ବାଧାରେ ଚାଲିଥିଲା । ଲକ୍ଷ୍ମୀବାବୁଙ୍କ ଏହି କଂଗ୍ରେସ ଦୁର୍ଗକୁ ବିରୋଧୀ ଦଳ ପାଦଦେବାକୁ ସାହସ କରୁ ନ ଥିଲେ ଏବଂ ପଶି ମଧ୍ୟ ହତାଶ ହେଉଥିଲେ ।

ଲକ୍ଷ୍ମୀବାବୁଙ୍କ ଆଦର୍ଶ ନିର୍ଭୀକତା, ନିଷ୍ଠା, ତ୍ୟାଗ, ଦେଶଭକ୍ତି  ପାଖରେ ସମସ୍ତଙ୍କୁ ନତମସ୍ତକ ହେବାକୁ ପଡୁଥିଲା । ସେ କାହାରି ପାଖକୁ ଯାଆନ୍ତି ନାହିଁ । କିନ୍ତୁ ଜିଲ୍ଲାଠାରୁ ଆରମ୍ଭ କରି ରାଜ୍ୟ ନେତୃବୃନ୍ଦ ତାଙ୍କ ନିକଟକୁ ଆସି ପରାମର୍ଶ ଗ୍ରହଣ କରୁଥିଲେ । ଲକ୍ଷ୍ମୀବାବୁ ଶାରୀରିକ ଅସୁସ୍ଥତା ଯୋଗୁଁ ବସିପଡ଼ିଥିଲେ । କିନ୍ତୁ ତାଙ୍କର ଉତ୍ସାହ, ସାହସ, ନିଷ୍ଠା ଶକ୍ତିର କ୍ଷୟ ଘଟି ନ ଥିଲା । ହୃଦ ରୋଗରେ ଆକ୍ରାନ୍ତ ହେବା ପରେ ଥରେ ବିଜୁ ପଟ୍ଟନାୟକ ନବରଙ୍ଗପୁର ଆସି ତାଙ୍କୁ ଦେଖିବାକୁ ଯାଇଥିଲେ । ଲକ୍ଷ୍ମୀବାବୁ ବିଜୁବାବୁଙ୍କ ସହ ନିଜ ଦେହ ଖରାପ ବିଷୟ କଥା ନ ହୋଇ ଦେଶ ବିଷୟରେ କଥା ହୋଇଥିଲେ । ଦେଖାଦେଇଥିବା ଅନ୍ୟାୟ, ଅତ୍ୟାଚାର ବିରୁଦ୍ଧରେ ଚିତ୍କାର କରିଥିଲେ । ବିଜୁବାବୁ କୋରାପୁଟ ଜିଲ୍ଲାର ସଭା ସମିତିରେ ଲକ୍ଷ୍ମୀବାବୁଙ୍କ ସେହି ବୈପ୍ଳବିକ ଉତ୍ସାହ ଦୋହରାଇ ତାଙ୍କ ଦ୍ୱାରା ଅନୁପ୍ରାଣିତ ହେବାକୁ କହି ଥିଲେ । ଲକ୍ଷ୍ମୀବାବୁ ନିଜ ଜୀବନର ମୃତ୍ୟୁ ପର୍ଯ୍ୟନ୍ତ ଅପରିବର୍ତ୍ତିତ ରହିଥିଲେ ।

କୋରାପୁଟ ଜିଲ୍ଲାର ମଳିମୁଣ୍ଡିଆର ଦୁଃଖ ସୁଖ ଲୋକଲୋଚନକୁ ଆଣି ତାର ପ୍ରତିକାର ବ୍ୟବସ୍ଥାର ଉଦ୍ଦେଶ୍ୟ ରଖି ସେ 'ଜନସଖା' ପତ୍ରିକା ପ୍ରକାଶ କରିଥିଲେ । ସତ୍ୟ, ନ୍ୟାୟ, ଧର୍ମ ଉପରେ ପ୍ରତିଷ୍ଠିତ ତାଙ୍କ ସମ୍ପାଦକୀୟ ବହୁ ଲୋକଙ୍କ କର୍ମଧାରା ଓ ଜୀବନକୁ ପ୍ରଭାବିତ କରିଥିଲା । ତାଙ୍କ ନିଷ୍ଠା, ଉତ୍ସାହ, ସତ୍ୟତା, ସାହସ ଓ ବୀରତ୍ୱରା ତୁଳନା ନାହିଁ ।

''ମର୍ତ୍ତ୍ୟମଣ୍ଡଳେ ଦେହ ବହି
ଦେବତା ହେଲେ ହେଁ ମରଇ ।''

ଆମ୍ଭେ ସମସ୍ତେ ଦିନେନା ଦିନେ ମରିବା । କିନ୍ତୁ ଦେଶଭକ୍ତି, ତ୍ୟାଗ, ନିଷ୍ଠା, ଆଦର୍ଶ, ସେବା ଓ ପୁରୁଷାର୍ଥ ହିଁ ବଞ୍ଚି ରହିବ । ଲକ୍ଷ୍ମୀବାବୁ ଏ ସବୁ ସଦ୍‌ଗୁଣର ମୂର୍ତ୍ତୀମନ୍ତ ପ୍ରତୀକ ଥିଲେ । ସେହି ମହାପୁରୁଷଙ୍କ ବ୍ୟକ୍ତିତ୍ୱ ସଦାସର୍ବଦା ଆମ୍ଭମାନଙ୍କୁ ଅନୁପ୍ରାଣିତ କରୁଥିବ ।

(ପ୍ରଥମ ଶ୍ରାଦ୍ଧବାର୍ଷିକୀ ସ୍ମରଣିକାରୁ ଉଦ୍ଧୃତ - ୧୯୮୬)

******

# କର୍ମବୀର ଲକ୍ଷ୍ମୀବାବୁ

**-ଜଗନ୍ନାଥ ତ୍ରିପାଠୀ**
ସ୍ୱାଧୀନତା ସଂଗ୍ରାମୀ ଓ ପୂର୍ବତନ ବିଧାୟକ
ନବରଙ୍ଗପୁର

ସ୍ୱର୍ଗତ ଲକ୍ଷ୍ମୀଚନ୍ଦ୍ର ଦାସଙ୍କ ସ୍ୱର୍ଗାରୋହଣର ଏକ ବର୍ଷ ହୋଇଯାଇଅଛି । ବାଲ୍ୟାବସ୍ଥାରୁ ଘର ଓ ବାହାରେ ସମସ୍ତଙ୍କ ଠାରେ ସେ ଲକ୍ଷ୍ମୀବାବୁ ନାମରେ ପରିଚିତ ଥିଲେ । ଓଡ଼ିଆ ପରିବାରର ଏହି ବ୍ୟକ୍ତି ମାଡ୍ରାସ ପ୍ରେସିଡେନ୍ସିରେ ପଢ଼ି ବାହାରୁ ଥିବାରୁ ସମସ୍ତଙ୍କ ଆଦରଣୀୟ ଥିଲେ । ଜୟପୁର ବିଦ୍ୟାଳୟରୁ ଇଂରେଜୀ ଶିକ୍ଷା ପରିତ୍ୟାଗ କରି ସ୍ୱାଧୀନତାର ଯୁଦ୍ଧ କ୍ଷେତ୍ରରେ ପ୍ରଥମ ଯୋଦ୍ଧା ଭାବେ ଯୋଗ ଦେଇଥିଲେ ।

ସ୍ୱର୍ଗତ ଲକ୍ଷ୍ମୀଚନ୍ଦ୍ର ଦାସଙ୍କୁ ଓଡ଼ିଶାର ରାଜନୈତିକ ନେତାମାନେ ଯେପରି ସମ୍ମାନ ଦେଉଥିଲେ, ସେପରି ତାଙ୍କୁ ଭୟ ମଧ୍ୟ କରୁଥିଲେ । ନିର୍ଭୟରେ ସେ ଯେପରି ପାଟି କରି ଭାଷଣ ଦେଉଥିଲେ ସେଥିରେ ଡ଼ାକବାଜି ଯନ୍ତ୍ର ମଧ୍ୟ କାମ ଦେଉନଥିଲା । ସେ ମଧ୍ୟ ପ୍ରାୟ ମାଇକ ବ୍ୟବହାର କରୁ ନ ଥିଲେ । ଉତ୍କଳର ପ୍ରଥମ ବ୍ୟକ୍ତି ଥିଲେ ପଣ୍ଡିତ ନୀଳକଣ୍ଠ ଦାସ, କୋରାପୁଟରେ ସେପରି ଥିଲେ କର୍ମବୀର ଲକ୍ଷ୍ମୀଚନ୍ଦ୍ର ଦାସ ।

ଅବିଭକ୍ତ କୋରାପୁଟ ଜିଲ୍ଲାର ଗରିବ ଆଦିବାସୀ ହରିଜନଙ୍କର ସେ ଥିଲେ ବନ୍ଧୁ ଓ ସେବକ । ସମସ୍ତେ ଜାଣିଥିଲେ, ସେ ସେମାନଙ୍କ ସାହସ ଦେବା ବନ୍ଧୁ । ଘରେ ଘରେ ସ୍ତ୍ରୀ ପୁରୁଷ ତାଙ୍କ ଆସିବା ଶୁଣି କହନ୍ତି - 'ନବରଙ୍ଗପୁରିଆ ବାଘ ଆସିଲା ଆଚେ' । ସ୍ୱାଧୀନତା ପୂର୍ବରୁ ଜମିଦାର ଓ ସରକାରୀ କର୍ମଚାରୀମାନେ ଲକ୍ଷ୍ମୀଚନ୍ଦ୍ର ଦାସଙ୍କ ନାମ ଓ ଗସ୍ତ ଖବର ପାଇଲେ ଥରହର ହେଉଥିଲେ ।

ସ୍ୱର୍ଗତ ଲକ୍ଷ୍ମୀଚନ୍ଦ୍ର ଦାସ କେବେ କୌଣସି ପଦବୀରେ ଲାଳାୟିତ ନ ଥିଲେ । ପଦ ପଦବୀର ସମସ୍ତ ନିବେଦନକୁ ସେ ସର୍ବଦା ପ୍ରତ୍ୟାଖ୍ୟାନ କରି ଆସିଥିଲେ । ପାଦରେ, ବଳଦ ଗାଡ଼ିରେ, ସାଇକେଲ୍‌ରେ ଖରା, ବର୍ଷା, ଶୀତକୁ ନ ମାନି ଚୁଡ଼ାମୁଢ଼ି ଖାଇ ପ୍ରତ୍ୟେକ ଗ୍ରାମ ବୁଲୁଥିଲେ । ଗରିବ ପ୍ରତି ହେଉଥିବା ସବୁ ଅନ୍ୟାୟ ଅତ୍ୟାଚାରର ବିରୋଧ କରି ଲୋକ ମନର ଭୟ ଭ୍ରାନ୍ତି ଦୂର କରାଇ ସେମାନଙ୍କୁ ସାହସୀ କରିଥିଲେ । କଂଗ୍ରେସ ସଂଗଠନକୁ ଏପରି ଦୃଢ଼ତାରେ ସଂଘବଦ୍ଧ କରିଥିଲେ ଯେଉଁଥି ପାଇଁ କୋରାପୁଟ ଜିଲ୍ଲା ଇତିହାସରେ ସ୍ଥାନ ପାଇଛି । ଏହା ସ୍ୱର୍ଗତ ଲକ୍ଷ୍ମୀଚନ୍ଦ୍ର ଦାସଙ୍କ ଯୋଗୁଁ ସମ୍ଭବ ହୋଇଛି ।

ଆଜି ଗାଁ ଗହଳିର ଜଣେ ଯଦି ମୁଁ ବୋଲାଉଛି ତାହା ଏ ଲକ୍ଷ୍ମୀଚନ୍ଦ୍ର ଦାସଙ୍କ ଯୋଗୁଁ । ଗାଁ ଗହଳିରେ ଲୁଗାପଟା, ସୁନାବନା କରି ଘରଦ୍ୱାର ବନାଇ, ସାଇକେଲ ଫଟଫଟିରେ ବୁଲି ଏବଂ ସୁଖ ଶାନ୍ତି ଭୋଗ କରୁଛନ୍ତି, ତାହା ଏହି ନେତାଙ୍କ ଯୋଗୁଁ ।

ଆମେ ଯେଉଁ ନେତାମାନଙ୍କୁ ଏ ଜିଲ୍ଲାରେ ସ୍ମରଣ ରଖୁଛେ, ସେମାନେ ମଧ୍ୟ ଲକ୍ଷ୍ମୀବାବୁଙ୍କ ତ୍ୟାଗପଣ, କଂଗ୍ରେସ ସଂଗଠନ ପାଇଁ ତାଙ୍କର ତ୍ୟାଗ, ନିର୍ବାଚନ ପ୍ରଚାର, ପରିବାର ସେବା ଦେଖି ତାଙ୍କୁ ଶ୍ରଦ୍ଧା ଓ ଗୌରବ ଦେବା ସଙ୍ଗେ ସଙ୍ଗେ ବଡ଼ ଭୟ  କରୁଥିଲେ । ତାଙ୍କ ସହ ସର୍ବଦା ଜଗିରଖି କଥାବାର୍ତ୍ତା କରୁଥିଲେ । ଥରେ ନବରଙ୍ଗପୁର ଗସ୍ତ ସମୟରେ ଭୂତପୂର୍ବ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ସହ କଥାବାର୍ତ୍ତାରେ ଗୋଟିଏ ବିଷୟରେ ଅଳ୍ପ ଗଲତି ଜଣାଗଲା । ଲକ୍ଷ୍ମୀବାବୁ କହିଲେ – ମୁଁ ଆପଣଙ୍କୁ ଯେପରି ଭକ୍ତି ଦେଖାଉଥିଲି,

ଆଜିକାର କଥାରେ ମୋର ସେ ଭକ୍ତି ଦେବା ହୋଇପାରୁ ନାହିଁ । ମୁଁ ଆଉ ତୁମ କଥା ଶୁଣିବାକୁ ନାରାଜ । ଏତିକି କହି ଚାଲି ଯାଇଥିଲେ ।

ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଚିନ୍ତାଧାରାରେ ଅନୁପ୍ରାଣିତ ହୋଇ ତାଙ୍କର ପଟ୍ଟଶିଷ୍ୟ ଭାବେ ସାପ୍ତାହିକ 'ଜନସଖା'କୁ କୋରାପୁଟ ଜିଲ୍ଲାର ମୁଖପତ୍ର କରିଦେଇ ଲକ୍ଷ୍ମୀବାବୁ ଆମଠାରୁ ବିଦାୟ ନେଇଛନ୍ତି । ସ୍ୱର୍ଗତ ଲକ୍ଷ୍ମୀବାବୁ ମୋ ନାମରେ ଦୈନିକ 'ସମାଜ' ମଗାଇ ପ୍ରତି ଗ୍ରାମକୁ ପଠାଉଥିଲେ । ଗାନ୍ଧୀ ବାଣୀ କଂଗ୍ରେସର ପ୍ରଚାର ଏହାର ଉଦ୍ଦେଶ୍ୟ ଥିଲା । ଦୈନିକ ସମାଜ ସେ ପ୍ରତିଦିନ ପଢୁଥିଲେ ଏବଂ ସୋମବାର ହାଟ ଦିନ କର୍ମୀମାନେ ନବରଙ୍ଗପୁର କଂଗ୍ରେସ ଅଫିସକୁ ଆସିଲେ ପ୍ରତି ଗ୍ରାମକୁ ଖଣ୍ଡେ ଲେଖା ନେଇ ପଢ଼ିବାକୁ କହୁଥିଲେ । ୧୯୫୮ ସାଲରେ ଲକ୍ଷ୍ମୀବାବୁ ସତ୍ୟବାଦୀ ପ୍ରେସ ଭଳି ଜନସେବା ପ୍ରେସ ପ୍ରତିଷ୍ଠା କରିଥିଲେ ଏବଂ 'ଜନସଖା' ସାପ୍ତାହିକ ଖବର କାଗଜ ପ୍ରକାଶ କରିଥିଲେ । 'ଜନସଖା' ଦ୍ୱାରା ଅନ୍ଧକୁ ଚକ୍ଷୁ ଦାନ ହେଲା । 'ଜନସଖା'ରେ ଅନ୍ୟାୟ ଅତ୍ୟାଚାର ବିରୋଧରେ ଖବର ନିର୍ଭୟରେ ପ୍ରକାଶିତ ହେଉଥିଲା, ତାହା ସମସ୍ତେ ଜାଣନ୍ତି । ସୋମବାରର 'ଜନସଖା'କୁ ଦେଖି ନିଜ କାମକୁ ମଧ୍ୟ କେତେ ବଦଳାଇଛନ୍ତି । କେତେଜଣଙ୍କୁ ସୋମବାର 'ଜନସଖା'ରେ କାଳେ କଣ ବାହାରିବ ବୋଲି ରବିବାର ରାତ୍ର ନିଦ ହେଉନଥିଲା । ସ୍ୱର୍ଗତ ଲକ୍ଷ୍ମୀଚନ୍ଦ୍ର ଦାସ ମରଣ ପର୍ଯ୍ୟନ୍ତ ଲେଖୁ ଥିଲେ- 'ମନୁଷ୍ୟ ଜନ୍ମ ହେଲେ ମୃତ୍ୟୁ ସୁନିଶ୍ଚିତ । ମରଣକୁ ଆଖି ଆଗରେ ରଖି ଭଗବାନଙ୍କୁ ଡ଼ରି ଅନ୍ୟାୟ, ଅତ୍ୟାଚାର ଛାଡ଼ି ସତ ପଥ ଧର ।' ଏକଥା ପ୍ରତି ସପ୍ତାହରେ ନରନାରାୟଣଙ୍କୁ ଜଣାଉଥିଲେ ।

ମୋର ମନେପଡୁଛି, ୧୯୩୭ ମସିହା ସାଧାରଣ ନିର୍ବାଚନ ସମୟରେ ଜମିଦାର ଗୋଷ୍ଠୀ ପକ୍ଷରୁ ଏକ ବଡ ପଟୁଆର ନବରଙ୍ଗପୁରରେ ବାହାର କରାଯାଇଥିଲା । ନିର୍ବାଚନ ପ୍ରଚାର ପାଇଁ ଜୟପୁର ଦେୱାନ ଆସି ଥିଲେ । ଲକ୍ଷ୍ମୀବାବୁ, ବାଜିବାବୁ, କାନ୍ନାବାବୁ, ଡାକ୍ତର ସୁରିବାବୁ ଏବଂ ମୁଁ ପଟୁଆରରେ ଯାଇ ରୟତଙ୍କୁ କଂଗ୍ରେସର ପ୍ରଚାରପତ୍ର ବଣ୍ଟନ କରୁ ଥିଲୁ । ଏତିକି ବେଳେ କେତେଜଣ ଜମିଦାର କର୍ମଚାରୀ ଆସି ପ୍ରଚାରପତ୍ର ବଣ୍ଟନ କାର୍ଯ୍ୟରେ ବାଧା ଦେବାକୁ ଉଦ୍ୟମ କଲେ । କିନ୍ତୁ ଆମ କାର୍ଯ୍ୟ ଚାଲୁ ରହିଥିଲା । ସେ ସମୟରେ ମୁଁ ପିଲା ଥିଲି । ମୋ ହାତରୁ ଜଣେ ଜମିଦାର କର୍ମଚାରୀ ପ୍ରଚାରପତ୍ର ସବୁ ଟାଣି ନେଇଗଲା । ସ୍ୱର୍ଗତ ଲକ୍ଷ୍ମୀବାବୁ ମୋର ନିଜର ମାମୁଁ । ସେ ରାଗି ଯାଇ କହିଲେ- 'କ'ଣ ଦେଖୁଛୁ ?' ତାହାଙ୍କ ପାଟିରେ ତତ୍‌କ୍ଷଣାତ୍ ସେହି କର୍ମଚାରୀଙ୍କୁ ନିର୍ଭୟ ହୋଇ ମାଡ଼ ଦେଲି । ରାଜାଘର ଲୋକେ କଂଗ୍ରେସ କର୍ମୀଠାରୁ ମାଡ଼ ଖାଇଲେ ବୋଲି ଏ ଘଟଣା ସେତେବେଳେ ଚହଳ ପକାଇ ଦେଇଥିଲା । ଏହା ଦ୍ୱାରା ଲୋକଙ୍କ ମନରୁ ଭୟ ମଧ୍ୟ ଦୂର ହୋଇ ଥିଲା । ଖବରଟି ପ୍ରତି ଗ୍ରାମରେ ପହଞ୍ଚିଲା । ଗାଁ ଗହଳି ଲୋକେ କହିଲେ ଭଲ ହେଲା ।

୧୯୫୦ ମସିହାରେ କୋରାପୁଟ ଜିଲ୍ଲାରେ ପ୍ରଥମ କରି ଜମିଜମା ସର୍ଭେ ଓ ବନ୍ଦୋବସ୍ତ କାର୍ଯ୍ୟ ଆରମ୍ଭ ହେଲା । ଏହା ଦ୍ୱାରା ରୟତଙ୍କ ଭିତରେ ଗଣ୍ଡଗୋଳ, କୋର୍ଟ କଚେରୀ ଧାଁ ଧପଡ଼ ଊଣା ହୋଇଯିବ ବୋଲି ଭାବି ନବରଙ୍ଗପୁର କଂଗ୍ରେସ ନେତାମାନେ ଓଡ଼ିଶା ସରକାରଙ୍କୁ ଜଣାଇ ସର୍ଭେ କାମ ଆରମ୍ଭ କରାଇଥିଲେ । କିନ୍ତୁ ଏଠାରେ ଓଲଟା କାରବାର ଦେଖାଗଲା । ବର୍ତ୍ତମାନ ସର୍ଭେ କାମରେ ଯେପରି ଧନ୍ଦା କରାଯାଉଅଛି ତାହା ଠାରୁ ମଧ୍ୟ ବଳି ଯାଇଥିଲା । ରୟତଙ୍କ ଠାରୁ ଆଦାୟ ହୋଇ ପେଡ଼ି ପେଡ଼ି ଗୁଳା ଟଙ୍କା ଠୁଳ କରାହେଲା । କେମ୍ପଗୁଡ଼ିକ ବଜାର ପରି ଦେଖାଗଲା । ମହଙ୍ଗାରୁ ଯାଇ କନ୍ତାରରେ ପଡିବାର ସୂଚନା ମିଳିଲା । ଏ ଅଞ୍ଚଳର ସମସ୍ତ କୁକୁଡ଼ା ସରିଗଲା । ବନ୍ଦୋବସ୍ତ କର୍ମଚାରୀମାନେ ହଜାର ହଜାର ଟଙ୍କା ପକେଟରେ ଭର୍ତି କଲେ । ଜୋର ଜୁଲମ ଚାଲିଲା । ନବରଙ୍ଗପୁର କଂଗ୍ରେସ ଅଫିସକୁ ଆସି ଲୋକେ ଆପତ୍ତି ଜଣାଇଲେ । ବହୁ ଦରଖାସ୍ତ ଜମା ହେଲା । ଖବର ନେବାରେ ଜଣାଗଲା ସେଟଲମେଣ୍ଟ ସର୍ଭେବାଲା ଗାଁ ଗାଁ ରେ ଟାଉଟର ସହ ସଙ୍ଗାତ ବାନ୍ଧି ମନଇଚ୍ଛା ଟଙ୍କା ଲୁଟିବା କାର୍ଯ୍ୟ ଚଳାଇଛନ୍ତି । ସେ ସମୟରେ ଗୁଳା ରୂପା ଟଙ୍କା ପ୍ରଚଳିତ ଥିଲା । ନୋଟ ନ ଥିଲା ।

ଡ଼ବା, ପେଡ଼ି, ସେଜ ଗୁଡ଼ିକରେ ହଜାର ହଜାର ଟଙ୍କା ଟାଉଟର ସଙ୍ଗାତମାନଙ୍କ ଘରେ କର୍ମଚାରୀମାନେ ରଖାଇଛନ୍ତି ବୋଲି ସ୍ୱର୍ଗତ ଲକ୍ଷ୍ମୀଚନ୍ଦ୍ର ଦାସଙ୍କୁ ଲୋକେ ଆସି ଜଣାଇଲେ । ଲକ୍ଷ୍ମୀବାବୁ ମୋତେ କୁକୁଡ଼ାବାଇ କ୍ୟାମ୍ପକୁ ଯାଇ ଖବର ବୁଝିବାକୁ ପଠାଇଲେ । ମୁଁ ସାଇକେଲରେ ସେଠାକୁ ଗଲି । ଜଣେ ତେଲୁଗୁ ବ୍ୟକ୍ତି ଅଫିସର ଥାଆନ୍ତି । ତାଙ୍କୁ ଟଙ୍କା ଜୁର ନେଇ ପଚାରିଲି । ସେ ମୋତେ ରଙ୍ଗ ଆଖି ଦେଖାଇ ଧମକପୂର୍ଣ ଭାଷାରେ କଥାହେଲେ । ତାଙ୍କ ସହ ମୋର ଝଗଡ଼ା ହେଲା । ସବୁ ବିଷୟ ଆସି ଲକ୍ଷ୍ମୀବାବୁଙ୍କୁ କହିଲି ।

ମୁଁ ସେ ସମୟରେ କଂଗ୍ରେସ ଅଫିସର ସାଧାରଣ ସମ୍ପାଦକ ଥିବାରୁ ଜୁଲମ ବିଷୟ ନେଇ ମନ୍ତ୍ରୀଙ୍କ ଠାକୁ ଅଭିଯୋଗ ପତ୍ର ପଠାଇଲି । ତଦନ୍ତ ପାଇ ଜିଲ୍ଲା ସେଟଲମେଣ୍ଟ ଅଫିସର ନବରଙ୍ଗପୁର ଆସି ଡ଼ାକବଙ୍ଗଳାରେ ରହିଲେ । ମୋତେ ଡ଼ାକରା ହେଲା । ମୁଁ ଯାଇ ସାକ୍ଷାତ କରିବାରୁ ସେ କହିଲେ 'ବାଲେଶ୍ୱର ପଟେ ମୁଁ ପେସାକର ଥିଲି । ଟଙ୍କା କ'ଣ ସେଠାରେ ଚାଷୀ ସୁନାମୁଦି ଆଣି ଆଙ୍ଗୁଳିରେ ଲଗାନ୍ତି । ଏହା ଗୋଟିଏ ଛୋଟ କଥା । ଏହା ଆପଣ ମନ୍ତ୍ରୀଙ୍କ ଠାରେ ଅଭିଯୋଗ କରିଛନ୍ତି ।' ତାଙ୍କ ସହ ଏହି କଥାରେ ମୋର ଝଗଡ଼ା ହେଲା । ଏହି ବିଷୟ ଲକ୍ଷ୍ମୀବାବୁଙ୍କୁ କହିଲି ।

ଲକ୍ଷ୍ମୀବାବୁ ତାଲୁକାର ଶହ ଶହ କଂଗ୍ରେସ କର୍ମୀଙ୍କୁ ଡ଼କାଇଲେ । ସମସ୍ତେ ଆସିଲେ, ଲକ୍ଷ୍ମୀବାବୁ କହିଲେ 'ଆମେ ସର୍ଭେବାଲାଙ୍କ ଏହି ଯେଉଁ ଅନ୍ୟାୟ ଅତ୍ୟାଚାର ଦେଖୁଛୁ, ତାହା ସରକାର ଦ୍ୱାରା ବନ୍ଦ ହେବନାହିଁ । କାହାକୁ କହିଲେ କିଏ ଶୁଣୁନାହାନ୍ତି । ତେଣୁ ଏହାକୁ କେନ୍ଦୁ ଠେଙ୍ଗା ଆଇନ ପ୍ରୟୋଗ କରିବାକୁ ହେବ । ତୁମେ ସବୁ ଠେଙ୍ଗା ଧରି କେମ୍ପମାନଙ୍କୁ ଯିବ । ସେମାନଙ୍କ ପେଡି ଲୁଟ କରି ଲାଞ୍ଚ ଖାଇଥିବା ସମସ୍ତ ଟଙ୍କା ଗ୍ରାମର ପ୍ରଜାଙ୍କୁ ବାଣ୍ଟି ଦେବ ।' ଲକ୍ଷ୍ମୀବାବୁଙ୍କ କଥା ଅନୁଯାୟୀ କାର୍ଯ୍ୟ ଆରମ୍ଭ ହେଲା । ମୁଖ୍ୟ ଅଫିସରଙ୍କୁ ଜଣାଇ ଦିଆଗଲା ।

ପରେ ମୁଖ୍ୟ ସେଟଲମେଣ୍ଟ ଅଫିସର ଆସି ତଦନ୍ତ କଲେ । ଶହ ଶହ ପ୍ରଜା ଆଦି ସାକ୍ଷ୍ୟ ଦେଲେ । ତଦନ୍ତରେ କେତେଜଣଙ୍କୁ କାର୍ଯ୍ୟରୁ ଅନ୍ତର କରାଗଲା । କେତେଜଣଙ୍କୁ ପୋଲିସରେ ଦିଆଗଲା । ଏମାନେ ଅଦାଲତରେ ଜେଲ ମଧ ପାଇଲେ । ସ୍ୱର୍ଗତ ଲକ୍ଷ୍ମୀବାବୁ ଏପରି ପଦକ୍ଷେପ ନେଇ ଗରିବଙ୍କ ଠାରୁ ଲାଞ୍ଚ ଖାଇଥିବା ଟଙ୍କାକୁ ବାଣ୍ଟି ଦେଇଥିଲେ । ଆଜିକାଲି ସର୍ଭେ- ସେଟଲମେଣ୍ଟ କାମ ଚାଲିଛି । ସ୍ୱର୍ଗତ ଲକ୍ଷ୍ମୀବାବୁଙ୍କୁ ମନେ ପଡୁଛି ।

କର୍ମବୀର, ଭାରତର ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଲକ୍ଷ୍ମୀଚନ୍ଦ୍ର ଦାସ କୋରାପୁଟ ଜେଲରେ ଥିବାବେଳେ ମୁଁ ମଧ ତାଙ୍କ ସହ ଥିଲି । ଜେଲରେ ଥିବା ସମୟରେ ତାଙ୍କ ବୀରତ୍ୱ କାହାଣୀ ତାଙ୍କ ଜୀବନୀରୁ ମିଳିପାରିବ । ମୋର ସେ ନିଜ ମାମୁଁ । ତେଣୁ ଅଧିକ ଲେଖିବାକୁ ଯାଉନାହିଁ । କିନ୍ତୁ ଏତିକି ଆଶା, ଆଜିର ଯୁବ ସମାଜ ଏପରି ଦେଶଭକ୍ତ, ତ୍ୟାଗୀ, ବୀର ମହାପୁରୁଷଙ୍କ ଚିନ୍ତାଧାରାରେ ଅନୁପ୍ରାଣିତ ହୋଇ ବୀରତ୍ୱର ସହ ସ୍ୱାଧୀନ ଭାରତର ଏକତା ଓ ଅଖଣ୍ଡତା ରକ୍ଷା କରନ୍ତୁ ।

(ପ୍ରଥମ ଶ୍ରାଦ୍ଧବାର୍ଷିକୀ ସ୍ମରଣିକାରୁ ଉଦ୍ଧୃତ - ୧୯୮୬)

*****

# ମୋ ଅଭୂଲା ସ୍ମୃତିରୁ କିଛି

**-ସୀମାଞ୍ଚଳ ବେହେରା**
ସ୍ୱାଧୀନତା ସଂଗ୍ରାମୀ, ନବରଙ୍ଗପୁର

ସ୍ୱର୍ଗତ ଲକ୍ଷ୍ମୀଚନ୍ଦ୍ର ଦାସ ଏ ଅଞ୍ଚଳ କାହିଁକି, ସମସ୍ତ କୋରାପୁଟ ଜିଲ୍ଲାର କଂଗ୍ରେସ କର୍ମୀ ମାନଙ୍କ ମଧ୍ୟରେ ଅତି ନିବିଡ଼ ଭାବେ ପରିଚିତ । ଏହାର ମୁଖ୍ୟ କାରଣ ତାଙ୍କ ନିର୍ଭୀକତା, ସାହସିକତା, ସ୍ପଷ୍ଟବାଦୀତା ଏବଂ ସର୍ବୋପରି ଏକ ଆଦର୍ଶ କଂଗ୍ରେସ କର୍ମୀ ଯୋଗୁଁ । ଯଦ୍ୱାରା ସେ ସର୍ବୋପରି ଆଦିବାସୀମାନଙ୍କ ମଧ୍ୟରେ ପ୍ରିୟଭାଜନ ହୋଇପାରିଥିଲେ । ଘଞ୍ଚ ଜଙ୍ଗଲ ଦ୍ୱାରା ପରିପୂର୍ଣ୍ଣ ନିରକ୍ଷର ଆଦିବାସୀମାନଙ୍କ ମଧ୍ୟରେ ଦେଶପ୍ରେମ ଜାଗ୍ରତ କରିବା, ଜାତୀୟ ସ୍ରୋତରେ ନିଜକୁ ନିୟୋଜିତ କରି ସ୍ୱାଧୀନତା ସଂଗ୍ରାମରେ ଝାସ ଦେବା ପାଇଁ ପ୍ରବର୍ତ୍ତାଇବା ଇତ୍ୟାଦି ବିଶିଷ୍ଟ ଦେଶାତ୍ମବୋଧକ କାର୍ଯ୍ୟାବଳୀ ଯୋଗୁଁ ଲକ୍ଷ୍ମୀବାବୁ ଏ ଅଞ୍ଚଳରେ ଚିର ସ୍ମରଣୀୟ ହୋଇ ରହିବେ । ତାଙ୍କର ଉତ୍ତମ ସଙ୍ଗଠନ ଯୋଗୁଁ ଅଦ୍ୟାବଧି କୋରାପୁଟ ଜିଲ୍ଲାର ଅଧିକାଂଶ ଅଞ୍ଚଳ କଂଗ୍ରେସ ଅଧିକୃତ ହୋଇ ରହି ଆସିଛି ।

ମୁଁ ଜୟପୁର ଉଚ୍ଚ ବିଦ୍ୟାଳୟରେ ନବମ ଶ୍ରେଣୀ ପଢୁଥିବା ଅବସ୍ଥାରେ ପଢ଼ା ତ୍ୟାଗ କରି ସ୍ଥାନୀୟ ତହସିଲ ଅଫିସରେ ସରାଫ କାମ କରୁଥିବା ବେଳେ ଲକ୍ଷ୍ମୀବାବୁଙ୍କ ଆଦର୍ଶ ଓ ପ୍ରରୋଚନାରେ ୧୯୩୬ ମସିହାରେ ଚାକିରୀ ଛାଡ଼ି କଂଗ୍ରେସରେ ଯୋଗ ଦେଇଥିଲି । ଦୀର୍ଘ ଚାରିଯୁଗ ଧରି ତାଙ୍କ ସହିତ ମୋର ନିବିଡ଼ ସମ୍ପର୍କ, ଏପରିକି ସେ ଶେଷ ନିଶ୍ୱାସ ତ୍ୟାଗ କରିବା ଦୁଇଘଣ୍ଟା ପୂର୍ବରୁ ତାଙ୍କ ଶଯ୍ୟା ନିକଟରେ ମୁଁ ଉପସ୍ଥିତ ଥିଲି । ସେ ଅବସ୍ଥାରେ ତାଙ୍କ ଦେଶ ଚିନ୍ତା, ବିଭିନ୍ନ ସମସ୍ୟା ପ୍ରତି ଆଲୋକପାତ ଅଦ୍ୟାବଧି ମୋ କର୍ଣ୍ଣଗହ୍ୱରରେ ପ୍ରତିଧ୍ୱନିତ ହେଉଅଛି ।

କଂଗ୍ରେସ ସଂଗଠନ କଥା ବିଚାର କଲେ ମୁଁ ଥିଲି ତାଙ୍କ ଅତି ଘନିଷ୍ଠ ସହକର୍ମୀ । ଏହାର ମୁଖ୍ୟ କାରଣ ସେ ଯେତେବେଳେ ଯାହା ନିର୍ଦ୍ଦେଶ ଦେଉଥିଲେ, ମୁଁ ତତ୍‌କ୍ଷଣାତ୍ ସେସବୁ ସଂପାଦନ କରିବାରେ ତିଳେମାତ୍ର କୁଣ୍ଠାବୋଧ ବା ଅବହେଳା ପ୍ରଦର୍ଶନ  କରୁନଥିଲି । ୧୯୩୯ ମସିହା ବ୍ୟକ୍ତିଗତ ସତ୍ୟାଗ୍ରହ ଆନ୍ଦୋଳନରେ ମତେ କଂଗ୍ରେସ ଅଫିସ ଦାୟିତ୍ୱ ଦେଇ ଲକ୍ଷ୍ମୀବାବୁଙ୍କ ସମେତ ଅନ୍ୟନ ୬୮ ଜଣ ଏ ଅଞ୍ଚଳରୁ କାରାବରଣ କଲେ । ମୋତେ ତାଙ୍କ ନିର୍ଦ୍ଦେଶାନୁସାରେ ସୁଦୂର କୁନ୍ଦେଇ ପର୍ଯ୍ୟନ୍ତ ସାଇକଲ ଚାଳନା କରି କଂଗ୍ରେସ ବାର୍ତ୍ତା ପହଞ୍ଚାଇବାକୁ ପଡୁଥିଲା ।

୧୯୪୨ ମସିହା ଭାରତ ଛାଡ଼ ଆନ୍ଦୋଳନରେ ମୁଁ, ଲକ୍ଷ୍ମୀବାବୁ, ସଦାନନ୍ଦ ମହାନ୍ତି କାରାବରଣ କରିବାକୁ ପଡ଼ିଲା । ଏ ଅଞ୍ଚଳରୁ ଅନ୍ୟୁନ ୬୦୦ ଜଣ ସ୍ୱାଧୀନତା କର୍ମୀ ସେତେବେଳେ କାରାବରଣ କରି ଥିଲେ । ଆମ ସମସ୍ତଙ୍କୁ କୋରାପୁଟ ଜେଲରେ ରଖାଗଲା ।

ସ୍ୱର୍ଗତ ରାଧାକୃଷ୍ଣ ବିଶ୍ୱାସରାୟ ବମ୍ବେ ଅଧିବେଶନରୁ ଫେରିବା ବାଟରେ ସୁଙ୍କି ନିକଟରେ ବସରେ ବସି ଥିବା ବେଳେ  ପୋଲିସ ଦ୍ୱାରା ଗିରଫ ହେଲେ । ସେ କୌଶଳକ୍ରମେ 'ସୁରୀ' ନାମକ ଉକ୍ତ ବସ୍ ଡ୍ରାଇଭର ହାତରେ ଏକ ବାର୍ତ୍ତା ଲେଖା ପଠାଇଲେ । ତାହାହେଲା ''କର ବା ମର'' । ଦେଶରେ ନେତା କେହି ନାହାନ୍ତି, ସରକାରକୁ ଅଚଳ କରିଦିଅ, ହିଂସା ଅହିଂସା ମାନ    ନାହିଁ । ବାର୍ତ୍ତା ପାଇବା କ୍ଷଣି ଉକ୍ତ ବାର୍ତ୍ତା ଲେଖିବା ଦାୟିତ୍ୱ ଲକ୍ଷ୍ମୀବାବୁ ମୋତେ ଅର୍ପଣ  କଲେ । ପ୍ରାୟ ହଜାର ହଜାର ପ୍ରଚାରପତ୍ର କଂଗ୍ରେସ ଅଫିସରେ ସାଇକେଲଷ୍ଟାଇଲ୍ କରାଯାଇ ମାଲକାନଗିରି ଠାରୁ କୁନ୍ଦେଇ ପର୍ଯ୍ୟନ୍ତ ଅଗମ୍ୟ ଗାଁ ଗହଳିରେ ସେସବୁ ବିତରଣ କରାଗଲା । ସଦାନନ୍ଦ ମହାନ୍ତି ତେନ୍ତୁଳିଖୁଣ୍ଟି, ନବରଙ୍ଗପୁର ଓ ମାଲକାନଗିରି, ମୁଁ, ଲକ୍ଷ୍ମୀବାବୁ ଓ ଆନ୍ନାଜୀ ରାଓ ପାପଡ଼ାହାଣ୍ଡି,

ନବରଙ୍ଗପୁର ଓ କୋଡ଼ିଙ୍ଗା, ମହମ୍ମଦ ବାଜୀ ସାହେବ ଉମରକୋଟ, ରାଇଘର ଅଞ୍ଚଳ ମାନଙ୍କରେ ସେସବୁର ବିତରଣ ଦାୟିତ୍ୱରେ ରହିଥିଲୁ । ସେତେବେଳକୁ ମାଡିଲି ଗୁଳିକାଣ୍ଡ ହୋଇଯାଇଥାଏ । ଆମେ ଏସବୁ ବିତରଣ କରି ଫେରିବା ବେଳକୁ ଆନ୍ନାଜୀ ରାଓ ଗିରଫ ହୋଇସାରିଛନ୍ତି । ମୁଁ, ଲକ୍ଷ୍ମୀବାବୁ ଓ ସଦାନନ୍ଦ ମହାନ୍ତି ପଠାଣ ସାହିରେ ସଦାନନ୍ଦ ମହାନ୍ତିଙ୍କ ଘରେ ବିଚାର ବିମର୍ଷ କରିବା ସମୟରେ ପୋଲିସ ଇନିସପେକ୍‌ଟର 'କଳାନାଗ'ଙ୍କ ଦ୍ୱାରା ଗିରଫ ହେଲୁ । ପାପଡ଼ାହାଣ୍ଡି ଗୁଳିକାଣ୍ଡ ସମୟରେ ଆମେ ଚାରିଜଣ - ଲକ୍ଷ୍ମୀବାବୁ, ସଦାନନ୍ଦ ମହାନ୍ତି, ଆନ୍ନାଜୀ ରାଓ ଓ ମୁଁ ନବରଙ୍ଗପୁରରେ ଥିଲୁ । କୋରାପୁଟ ଜେଲ ମଧ୍ୟରେ ଲକ୍ଷ୍ମୀବାବୁ ବିଭିନ୍ନ ଯୋଜନା ଓ ଦେଶପ୍ରେମ ଭାବ ଆମ ମଧ୍ୟରେ ଯେପରି ଜାଗ୍ରତ କରାଉଥିଲେ ବର୍ତ୍ତମାନ ଭାବିଲେ ଲୋମ ଟାଙ୍କୁରି ଉଠୁଛି ।

ଲକ୍ଷ୍ମୀବାବୁଙ୍କ ସହ ମୁଁ ଓ ବାଜୀ ସାହେବ ସୁଦୂର ରାଇଘର, କୁନ୍ଦେଇ, ଚନ୍ଦାହାଣ୍ଡିକୁ ପଦଯାତ୍ରା କଲୁ । ଗାଁ ଗହଳିରେ ସ୍ୱାଧୀନତାର ଜୟଯାତ୍ରା ଓ ସଂଗ୍ରାମ ନିରୀହ ଆଦିବାସୀ ମାନଙ୍କ ପାଖରେ ପହୁଞ୍ଚାଇ ସେମାନଙ୍କୁ ଉଦ୍‌ବୋଧ କରିବାରେ ଲକ୍ଷ୍ମୀବାବୁ ଯେଉଁ ଅକ୍ଳାନ୍ତ ଉଦ୍ୟମ ଓ ତ୍ୟାଗ ପ୍ରଦର୍ଶନ କରିଛନ୍ତି ତାହା ଆଜିକାଲି ଦେଖିବାକୁ ଦୁର୍ଲ୍ଲଭ । ତାଙ୍କ ନିର୍ଭୀକତା ଓ ସାହସିକତାର ପଟାନ୍ତର ନାହିଁ, ଯାହା ବର୍ତ୍ତମାନର ସମାଜ ବିଶ୍ୱାସ କରି ନ ପାରେ । କିନ୍ତୁ ମୁଁ ସେସବୁର ଜ୍ୱଳନ୍ତ ସାକ୍ଷୀ ଯେହେତୁ ତାଙ୍କ ସହିତ ଛାଇ ପରି ବରାବର ରହି ଆସିଥିଲି ।

ଅନ୍ୟାୟ ଦେଖିଲେ ସେ ପ୍ରଥମେ ସ୍ୱର ଉତ୍ତୋଳନ କରୁଥିଲେ । ଥରେ ପତରଲସ ଗାଁ ଠାରେ ସେଟଲମେଣ୍ଟ କେମ୍ପ ହେଉଥାଏ । ଲକ୍ଷ୍ମୀବାବୁଙ୍କ ପାଖକୁ ଅଭିଯୋଗ ଆସିଲା, ଅମୀନମାନେ ଗାଁ ବାଲାଙ୍କ ଠାରୁ ଜବରଦସ୍ତ ଅର୍ଥ ଆଦାୟ କରୁଛନ୍ତି । ମୋତେ ସେଠାକୁ ଆଗରୁ ଯିବାକୁ କହି ସେ ସାଇକଲରେ କେତେକ କଂଗ୍ରେସ କର୍ମୀଙ୍କ ସହ ସେଠାରେ ପହଞ୍ଚିଥିଲେ । ଗାଁ ନିକଟରେ ଧନିଆ ମୁଦୁଲି ଘରେ ବାଡ଼ ଦେବାପାଇଁ ମେଢ଼ାଗୁଡ଼ିକ ରଖିଥିଲେ । ଲକ୍ଷ୍ମୀବାବୁ ରାଗରେ ଆମ ସମସ୍ତଙ୍କୁ ଗୋଟାଏ ଲେଖା ମେଢ଼ା ଧରି ସେଟଲମେଣ୍ଟର ସବୁ କର୍ମଚାରୀଙ୍କୁ ଘେରାଉ କରିବାକୁ ନିର୍ଦ୍ଦେଶ ଦେଲେ । ସାଙ୍ଗେ ସାଙ୍ଗେ ଆମେ ତାଙ୍କ ନିର୍ଦ୍ଦେଶ ପାଳନ କଲୁ । ଲକ୍ଷ୍ମୀବାବୁ ସମସ୍ତ ଆଦିବାସୀ ଲୋକଙ୍କ ଟଙ୍କା ଫେରାଇବାକୁ ଉକ୍ତ କର୍ମଚାରୀଙ୍କୁ ରାଗରେ କହିବାରୁ ସେମାନେ ସମସ୍ତ ଟଙ୍କା ତତ୍‌କ୍ଷଣାତ୍ ଫେରାଇବାକୁ ବାଧ୍ୟ ହୋଇଥିଲେ ।

ଲକ୍ଷ୍ମୀବାବୁଙ୍କ ସଂସ୍ପର୍ଶରେ ଆସି ତାଙ୍କ ସହ କାମ କରିବା ସୁଯୋଗ ପାଇଥିବାରୁ ମୁଁ ଗର୍ବିତ । ସେ କ୍ଷଣ ରାଗୀ ଥିଲେ, କିନ୍ତୁ ତାଙ୍କ ହୃଦୟ ଥିଲା ଅତି କୋମଳ । ତାଙ୍କ କଂଗ୍ରେସ ପ୍ରୀତି ଯୋଗୁଁ ନବରଙ୍ଗପୁର ଠାରେ କଂଗ୍ରେସ ଅଫିସ, ଶହୀଦ ଭବନ ଓ ପାପଡ଼ାହାଣ୍ଡି ଠାରେ ଶହୀଦ ଭବନ ହୋଇପାରିଛି । ଏପରିକି ନବରଙ୍ଗପୁର କଂଗ୍ରେସ ଅଫିସର ନିଜସ୍ୱ ଏକ ଜିପ ଗାଡ଼ି ମଧ୍ୟ ରହିଥିଲା । ଏ ଅଞ୍ଚଳର ପ୍ରତ୍ୟେକ ନିର୍ଦ୍ଦିଷ୍ଟ ଗ୍ରାମମାନଙ୍କରେ କଂଗ୍ରେସର ପାକ୍ଷିକ ସଭାସମିତି କରାଯାଇ ସେଠାରୁ ଲୋକଙ୍କ ଆପତ୍ତି ଅଭିଯୋଗ ଗ୍ରହଣ କରାଯାଉଥିଲା । ଲକ୍ଷ୍ମୀବାବୁ ସେସବୁ ପ୍ରତିକାର କରାଇବା ଦିଗରେ ବରାବର ଚେଷ୍ଟିତ ରହୁଥିଲେ । ଦୁର୍ନୀତିଗ୍ରସ୍ତ ଅଫିସର, ମଦ, ପୋଲିସ, ନାଇକ, ଗଣ୍ଡା, ଚଲାଣ ଓ ସର୍ବୋପରି ବ୍ରିଟିଶ ସରକାର ଲକ୍ଷ୍ମୀବାବୁଙ୍କ ଏକ ନମ୍ବର ଶତ୍ରୁ, ଏହା ଶେଷ ନିଃଶ୍ୱାସ ତ୍ୟାଗ କରିବା ପର୍ଯ୍ୟନ୍ତ ତାଙ୍କ ଠାରେ ବରାବର ପରିଲକ୍ଷିତ ହୋଇଥିଲା ।

ତାଙ୍କ ନିର୍ଭୀକତା, ସାହସିକତା, ଅନ୍ୟାୟ ଓ ଅତ୍ୟାଚାର ବିରୁଦ୍ଧରେ ସଂଗ୍ରାମ, ସର୍ବପରି ସ୍ପଷ୍ଟବାଦୀତା, ପରୋପକାରୀତା ଆମ ସମସ୍ତଙ୍କ ମନରେ ସଞ୍ଚାରିତ ହେଉ ଏବଂ ଏ ଅଞ୍ଚଳରେ ଅନେକ ଲକ୍ଷ୍ମୀବାବୁ ସୃଷ୍ଟି ହୁଅନ୍ତୁ ଏହାହିଁ ତାଙ୍କ ବାର୍ଷିକ ତିରୋଧାନ ଦିବସରେ ମୋର ଈଶ୍ୱରଙ୍କ ଠାରେ ପ୍ରାର୍ଥନା । ଲକ୍ଷ୍ମୀବାବୁ ଶରୀରରେ ନାହାନ୍ତି ସତ; କିନ୍ତୁ ମୁଁ ସବୁ ବେଳେ ଅନୁଭବ କରୁଛି ଯେ ସେ ମୋ ନିକଟରେ ଅଛନ୍ତି ଓ ନିର୍ଦ୍ଦେଶ ଦେଉଛନ୍ତି- ସିମାଞ୍ଚଳ ଶେଷ ନିଃଶ୍ୱାସ ଥିବା ଯାଏ ଅନ୍ୟାୟ ଅତ୍ୟାଚାର ବିରୁଦ୍ଧରେ ସଂଗ୍ରାମ କର । ମୁଁ ଲକ୍ଷ୍ମୀବାବୁଙ୍କ ଆତ୍ମାର ସଦ୍‌ଗତି ପ୍ରାର୍ଥନା କରେ ।

(ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ସ୍ମରଣିକାରୁ ଉଦ୍ଧୃତ - ୧୯୮୯)

# ଦାରିଦ୍ର୍ୟ ଓ ଦୁର୍ନୀତି ବିରୋଧରେ
# ଆଜୀବନ ସଂଗ୍ରାମୀ ଲକ୍ଷ୍ମୀଚନ୍ଦ୍ର ଦାସ

-**ସୁବାସ ଦାଶ**, ସମ୍ବାଦିକ
ସଂପାଦକ, କୋରାପୁଟ ଜିଲ୍ଲା ପେଶାଦାର ସାମାଦିକ ସଙ୍ଘ
ଜୟପୁର

କୋରାପୁଟ ଜିଲ୍ଲାର ବରେଣ୍ୟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଲକ୍ଷ୍ମୀଚନ୍ଦ୍ର ଦାସଙ୍କ ଜନ୍ମ ୧୯୧୬ ସାଲ ସେପ୍ଟେମ୍ବର ୨୬ ତାରିଖ ମାର୍ଗଶୀର ମାଣବସା ଗୁରୁବାର ଦିନ ହୋଇଥିଲା । ଲକ୍ଷ୍ମୀପୂଜା ଅବସରରେ ଲକ୍ଷ୍ମୀମନ୍ତ ଜନ୍ମଲାଭ କରିଥିବାରୁ ତାଙ୍କ ପିତା ସ୍ୱର୍ଗୀୟ ନୀଳକଣ୍ଠ ଦାସ ସନ୍ତାନର ନାମ ଲକ୍ଷ୍ମୀଚନ୍ଦ୍ର ରଖିଥିଲେ । ପିତା ନୀଳକଣ୍ଠ ଦାସଙ୍କ ବ୍ୟକ୍ତିତ୍ୱ ତଥା ମମତାମୟୀ ମାତା ଚନ୍ଦ୍ରମଣି ଦେବୀଙ୍କ ଧର୍ମପରାୟଣତା ଓ ସାଧୁ ପଣରେ ପ୍ରଭାବିତ ହୋଇ ସ୍ୱର୍ଗତ ଲକ୍ଷ୍ମୀଚନ୍ଦ୍ର ତାଙ୍କର ବାଲ୍ୟାବସ୍ଥା ଅତିକ୍ରମ କରିଥିଲେ । ଦାରିଦ୍ର୍ୟ, ଦୁର୍ନୀତି ବିରୁଦ୍ଧରେ ସେ ଆଜୀବନ ସଂଗ୍ରାମ ଚଳାଇଥିଲେ ।

ସ୍ୱର୍ଗତ ଲକ୍ଷ୍ମୀଚନ୍ଦ୍ର ତାଙ୍କ ଛାତ୍ରାବସ୍ଥାରୁ ଦେଶ ମାତୃକା ପ୍ରତି ମମତା ପ୍ରକାଶ କରୁଥିଲେ । ୧୯୩୬ ମସିହାରେ ସେ ନବରଙ୍ଗପୁର କଂଗ୍ରେସ ମଣ୍ଡଳ ସଭାପତି ହୋଇଥିଲେ । ପଣ୍ଡିତ ନୀଳକଣ୍ଠ ଦାସ ଓ ଗୋପବନ୍ଧୁ ଚୌଧୁରୀଙ୍କ ପ୍ରେରଣାରେ ସେ ବିଶେଷ ଅନୁପ୍ରାଣିତ ହୋଇଥିଲେ । କୋରାପୁଟର ଗାନ୍ଧୀ ସ୍ୱର୍ଗତ ରାଧାକୃଷ୍ଣ ବିଶ୍ୱାସରାୟଙ୍କୁ ସେ ଗୁରୁତୁଲ୍ୟ ସମ୍ମାନ କରୁଥିଲେ ।

ସ୍ୱର୍ଗତ ଦାସ କୋରାପୁଟ ଜିଲ୍ଲାରେ ସ୍ୱାଧୀନତା ସଂଗ୍ରାମ ଓ କଂଗ୍ରେସ ସଂଗଠନ ପାଇଁ ସର୍ବଦା ଆଗୁଆ ଥିଲେ । ଦାକ୍ଷିଣାତ୍ୟ ଗିରିଜନ ସଂଗ୍ରାମୀ ସୀତାରାମ ରାଜୁଙ୍କ ଭଳି ସେ ମଧ୍ୟ ସ୍ଥାନୀୟ ସମସ୍ୟା ପ୍ରତି ବିଶେଷ ଧ୍ୟାନ ଦେଉଥିଲେ । ପୂର୍ବରୁ ବେଠି, ଗଡ଼ମ, ସପ୍ଲାଇ ପ୍ରଥା ଇତ୍ୟାଦି ଦୂରାଚାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ଆଦିବାସୀ ବନଜନଙ୍କ ମଧ୍ୟରେ ବିପ୍ଳବର ଅଗ୍ନି ଏପରି ଭାବେ ପ୍ରଜ୍ୱଳିତ କରିଥିଲେ ଯେ ପରବର୍ତ୍ତୀ କାଳରେ ତାହା ସ୍ୱାଧୀନତା ସଂଗ୍ରାମ ରୂପେ ତେଜୀୟାନ ହୋଇ ତତ୍କାଳୀନ ଇଂରେଜ ସରକାରଙ୍କୁ ଅଣନିଶ୍ୱାସ କରି ଦେଇଥିଲା ।

ମାତ୍ର ଉଣେଇଶି ବର୍ଷ ବୟସରେ ସେ ବ୍ୟକ୍ତିଗତ ସତ୍ୟାଗ୍ରହରେ ଏକ ବର୍ଷ ଏବଂ ୧୯୪୨ ସ୍ୱାଧୀନତା ଆନ୍ଦୋଳନରେ ନିକଟସ୍ଥ 'ଜଟାବାଲ' ପୋଲ ଉଡ଼ାଇଦେବା ଅଭିଯୋଗରେ ଅଢ଼େଇ ବର୍ଷ ସଶ୍ରମ କାରାଦଣ୍ଡ ଭୋଗ କରିଥିଲେ । ମାଧବ ପ୍ରଧାନୀଙ୍କ ନେତୃତ୍ୱରେ ପଦଯାତ୍ରୀ କଂଗ୍ରେସ କର୍ମୀଙ୍କ ଉପରେ ପାପଡ଼ାହାଣ୍ଡିସ୍ଥ ତୁରୀ ନଦୀ କୂଳରେ ଭାରତର ଦ୍ୱିତୀୟ 'ଜାଲିୟାନାୱାଲାବାଗ୍ ହତ୍ୟାକାଣ୍ଡ' ପରି ରକ୍ତ ତୀର୍ଥରେ ବ୍ରିଟିଶ୍ ପୋଲିସ ଯେଉଁ ବିଭୀଷିକା ସୃଷ୍ଟି କରିଥିଲେ ସେହି ହତ୍ୟାକାଣ୍ଡରେ ଲକ୍ଷ୍ମୀଚନ୍ଦ୍ରଙ୍କୁ ପ୍ରରୋଚନାକାରୀ ରୂପେ ଅଭିଯୋଗ କରି ଅନ୍ୟ ଛୟାନବେ ଜଣ କର୍ମୀଙ୍କ ସହ ସଂଯୁକ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ପାଇଁ ବ୍ରିଟିଶ୍ ସରକାର ଏକ ସୁଚିନ୍ତିତ ଷଡ଼ଯନ୍ତ୍ର କରିଥିଲେ । ନିଜକୁ ଓ ଅନ୍ୟମାନଙ୍କୁ ଦକ୍ଷତାର ସହ ଯୁକ୍ତି ସଙ୍ଗତ ତର୍କ ଦ୍ୱାରା ଓକିଲାତି କରି ଦୋଷମୁକ୍ତ କରିବାରେ ସେ ସଫଳ ହୋଇଥିଲେ । ତତ୍କାଳୀନ ଗୋରା ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ଏଫ୍. ଏଫ୍. ପି. ଗିଲ ଏକ ଗୁପ୍ତ ରିପୋର୍ଟରେ ଦର୍ଶାଇଥିଲେ ଯେ - ଲକ୍ଷ୍ମୀଚନ୍ଦ୍ର ଦାସ ଜଣେ ଭୟାନକ ଯୁବକ ।

ଏହି ଦୁର୍ଦ୍ଦାନ୍ତ ଯୁବକ ସ୍ୱାଧୀନତା ପରେ ସମାଜ ସଂସ୍କାର ଓ ଗ୍ରାମ୍ୟ ସଙ୍ଗଠନରେ ଦେଶ ବିକାଶର ଅଭିଳାଷ ରଖି କ୍ଷମତା ଠାରୁ ଦୂରେଇ ରହିଥିଲେ ।

ଗୋତି ପ୍ରଥା ଉଚ୍ଛେଦ ଆନ୍ଦୋଳନରେ ଲକ୍ଷ୍ମୀଚନ୍ଦ୍ର ଦାସ ଅଗ୍ରଣୀ ଥିଲେ । ୧୯୪୮-୪୯ ପୂର୍ବରୁ କୋରାପୁଟ ଜିଲ୍ଲାର ନିରୀହ ଗୋତିମାନେ ବଡ଼ ବଡ଼ ଚାଷୀମାନଙ୍କ ନିକଟରେ ଦାସତ୍ୱ ବନ୍ଧନରେ ଥିଲେ । ସ୍ୱର୍ଗତ ଦାସ ଏହି ଅମାନୁଷିକ ବର୍ବର ପ୍ରଥାରେ ମର୍ମାହତ ହୋଇ ବିରାଟ ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ଫଳରେ ସରକାର ଗୋତିଙ୍କ ସର୍ବନିମ୍ନ ବେତନ ମାସିକ ଚଉଦ ଟଙ୍କାରୁ ଏକୋଇଶି ଟଙ୍କା କରିବାକୁ ବାଧ୍ୟ ହୋଇଥିଲେ ।

ଆଦିବାସୀ ମାନଙ୍କ ଚିର ଶତ୍ରୁ ମଦ ବିରୋଧରେ ମଦଭାଟି ସାମନାରେ ପିକେଟିଂ, ମଦହାଣ୍ଡି ଭଙ୍ଗା (ହାଣ୍ଡିଚପା) ଆନ୍ଦୋଳନ କରି ଗାଁ ଗାଁ ରେ ମଦହାଣ୍ଡି ଭାଙ୍ଗିବା ଅଭିଯାନ କରିଥିଲେ । ଜମି ବନ୍ଦୋବସ୍ତ କାମରେ ଖଜଣା ଆଦାୟର ତୀବ୍ର ପ୍ରତିବାଦ କରି ସ୍ୱର୍ଗତ ଦାସ ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ଫଳରେ ସରକାର ତାହା ବନ୍ଦ କରି ଅମିନମାନେ ନେଇଥିବା ସମସ୍ତ ଟଙ୍କା ଫେରସ୍ତ ଦେବାକୁ ଆଦେଶ ଦେଇଥିଲେ । ତତ୍କାଳୀନ ଗଡ଼ଜାତ ଶାସନରେ ପ୍ରଚଳିତ ଧାନ ଶିସ୍ତୁ ( କର ବା ଖଜଣା) ଏକର ପିଛା କୋଡ଼ିଏ ମାଣ ଅନୁପାତରେ ଦେବା ବନ୍ଦକରି ଏହାର ଅଧା ମୂଲ୍ୟ ଟଙ୍କା ଆକାରରେ ଗ୍ରହଣ କରିବା ଦାବୀକୁ ସ୍ୱର୍ଗତ ଦାସ ସଫଳ କରାଇଥିଲେ ।

ଶେଷ ମୂହୁର୍ତ୍ତ ପର୍ଯ୍ୟନ୍ତ କୋରାପୁଟ ଭଳି ଏକ ଅନଗ୍ରସର, ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ ମଦ ଉଠାଇ ଦେବା ବା ସଂପୂର୍ଣ ନିଶା ନିବାରଣ ପାଇଁ ସେ ଚିନ୍ତିତ ଥିଲେ । ଏ ସମ୍ପର୍କରେ ସେ କେତେକ ସର୍ବୋଦୟ ନେତାଙ୍କ ସହ ପରାମର୍ଶ କରୁଥିଲେ ।

ନବରଙ୍ଗପୁର ଭଳି ଏକ ଅନୁନ୍ନତ ଅଞ୍ଚଳରେ ସାହସର ସହିତ 'ଜନସେବା' ମୁଦ୍ରଣାଳୟ ପ୍ରତିଷ୍ଠା କରି ଦୀର୍ଘ ଅଠେଇଶ ବର୍ଷ କାଳ 'ଜନସଖା' ନାମରେ ଏକ ନିର୍ଭୀକ ସାପ୍ତାହିକ ପତ୍ରିକା ପ୍ରକାଶନ କରି ସେ ଦୁର୍ନୀତି ବିରୁଦ୍ଧରେ ସଂଗ୍ରାମ ଚଳାଇଥିଲେ । ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାକୁ ସେ କେବେ ପଶ୍ଚାତ୍‌ପଦ ହେଉ ନ ଥିଲେ । ଶେଷ ନିଶ୍ୱାସ ତ୍ୟାଗ କରିବାର ଅଳ୍ପ ସମୟ ପୂର୍ବରୁ ସେ ନିଜ ପତ୍ରିକା ପାଇଁ ଶେଷ ସମ୍ପାଦକୀୟ ଲେଖି ଯାଇଛନ୍ତି । ସେ ସ୍ୱାଧୀନତା ସଂଗ୍ରାମୀ ଭତ୍ତା ନମ୍ରତାର ସହିତ ପ୍ରତ୍ୟାଖ୍ୟାନ କରିଥିଲେ । ମୁଖ୍ୟମନ୍ତ୍ରୀ ଥିବାବେଳେ ହରେକୃଷ୍ଣ ମହତାବ ସଦାଶିବ ତ୍ରିପାଠୀଙ୍କ ସ୍ଥାନରେ ଲକ୍ଷ୍ମୀଚନ୍ଦ୍ର ଦାସଙ୍କୁ ବିଧାୟକ କରିବା ପାଇଁ ବହୁତ ଇଚ୍ଛା ପ୍ରକାଶ କରିଥିଲେ । ପ୍ରଦେଶ କଂଗ୍ରେସ କମିଟି ସଭାରେ ସ୍ୱର୍ଗତ ଦାସଙ୍କ ନିର୍ଭିକ ତଥା ସ୍ପଷ୍ଟବାଦୀ ଯୁକ୍ତି ଓ ନ୍ୟାୟ ସଙ୍ଗତ ଦାବୀ ଯୋଗୁଁ ସେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରୁଥିଲେ । ସ୍ୱର୍ଗତ ଦାସ କେବଳ ସଙ୍ଗଠନରେ ରହି ଜନସେବା କରିବେ ବୋଲି ବଦ୍ଧପରିକର ହୋଇ ସମସ୍ତ ପଦ, ପଦବୀକୁ ପ୍ରତ୍ୟାଖ୍ୟାନ କରିଥିଲେ । ନିଜର କୃତି ପାଇଁ କୌଣସି ବ୍ୟକ୍ତିଙ୍କ ଠାରେ କିମ୍ବା ନିଜ ପତ୍ରିକା ମାଧ୍ୟମରେ ଆତ୍ମପ୍ରଚାର କରିବାର ପକ୍ଷପାତୀ ନ ଥିଲେ ।

ବିଭିନ୍ନ ଅନୁଷ୍ଠାନର ଉଦ୍‌ଘାଟନ ଓ ସଭାପତିତ୍ୱ ପାଇଁ ସେ ଆମନ୍ତ୍ରିତ ହେଉଥିଲେ ମଧ୍ୟ ନମ୍ରତାର ସହ ନିଜକୁ ସେ କାର୍ଯ୍ୟ ପାଇଁ ଉପଯୁକ୍ତ ପାତ୍ର ନୁହନ୍ତି କହି ଯାଉ ନ ଥିଲେ । ବହୁ ସାମ୍ବାଦିକ ତାଙ୍କ ନିର୍ଭୀକ ବ୍ୟକ୍ତିତ୍ୱ ଓ ପ୍ରବୀଣତା ପ୍ରତି ଆକର୍ଷିତ ହୋଇ ଆତ୍ମଜୀବନୀ ଲେଖିବା ପାଇଁ ଅନୁରୋଧ କରି ନିରାଶ ହୋଇଥିଲେ । ବର୍ତ୍ତମାନର ଦାୟାଦମାନେ ତାହା ଲୋକଲୋଚନକୁ ନ ଆଣିଲେ କର୍ତ୍ତବ୍ୟର ଘୋର ଅପନିନ୍ଦା ସଂଘଟିତ ହେବ ଏବଂ ଐତିହାସିକ ସତ୍ୟର ସଲିଳ ସମାଧି ଘଟିଯିବ । ତାଙ୍କ ଜୀବନ ପ୍ରବାହ ଯେ କୋରାପୁଟ ଜିଲ୍ଲାରେ ଅର୍ଦ୍ଧ ଶତାବ୍ଦୀର ରାଜନୈତିକ ଓ ସାମାଜିକ ଘଟଣାବଳୀର ଏକ ଚଳନ୍ତି ଇତିହାସ ଏକଥା ନିଃସନ୍ଦେହରେ କୁହାଯାଇପାରେ । ସେଥିପାଇଁ ବର୍ତ୍ତମାନ ଓ ପୂର୍ବତନ ମୁଖ୍ୟମନ୍ତ୍ରୀମାନେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଶୋକବାର୍ତ୍ତା ପଠାଇଥିଲେ ।

(ପ୍ରଥମ ଶ୍ରାଦ୍ଧବାର୍ଷିକୀ ସ୍ମରଣିକାରୁ ଉଦ୍ଧୃତ - ୧୯୮୬)

# ସିଏ ଥିଲେ ପରଶମଣି

-**ରଘୁନାଥ ପଟ୍ଟନାୟକ**
ସଂପାଦକ- ଯୁଗବାଣୀ
ଉମରକୋଟ

ମୋର ମାର୍ଗ ଦର୍ଶକ ତଥା ପୂଜ୍ୟପ୍ରତିମ ଲକ୍ଷ୍ମୀଚନ୍ଦ୍ର ଦାସ ଆଜି ନାହାନ୍ତି । ମରୁଛନ୍ତି ସମସ୍ତେ ମରିବେ ମଧ୍ୟ ସମସ୍ତେ ମାତ୍ର ଯେଉଁମାନେ ଦେଶ ଦଶର ସେବା କରିଯାଇଛନ୍ତି ସେମାନେ ଅମର । ସ୍ୱର୍ଗତ ଲକ୍ଷ୍ମୀଚନ୍ଦ୍ର ଦାସ ସେହି ଦେଶବାସୀଙ୍କ ମଧ୍ୟରୁ ଜଣେ । ତାଙ୍କର ସଂଗ୍ରାମୀ ଜୀବନ ସହ ମୋର ସଂପୂର୍ଣ ପରିଚୟ ନ ଥିଲେ ମଧ୍ୟ ୧୯୪୮ ମସିହା ଅକ୍ଟୋବର ମାସରେ ଡ଼ାବୁଗାଁ କଂଗ୍ରେସ ଅଫିସ ପ୍ରାଙ୍ଗଣରେ ତାଙ୍କ ସହ ହୋଇଥିଲା ମୋର ପ୍ରଥମ ସାକ୍ଷାତ ।

ମୁଁ କମ୍ୟୁନିଷ୍ଟ ପାର୍ଟିରେ ଯୋଗଦେଇ ବଙ୍ଗପ୍ରଦେଶରେ ବିପ୍ଳବାତ୍ମକ କାର୍ଯ୍ୟ ଯଥା : ନରହତ୍ୟା, ଗୃହଦାହ ପ୍ରଭୃତି ବିଭିନ୍ନ ଅଭିଯୋଗରେ ଅଭିଯୁକ୍ତ ହୋଇ ଆଜୀବନ କାରାଦଣ୍ଡରେ ଦଣ୍ଡିତ ହୋଇ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖ ଦିନ କାରାମୁକ୍ତ ହୋଇ କୋରାପୁଟ ଜିଲ୍ଲାକୁ ଆସିଥାଏ । କାରାମୁକ୍ତି ପରେ ମୁଁ ସଂପୂର୍ଣ ହିଂସ୍ର ଓ ପ୍ରତିଶୋଧ ପରାୟଣ ହୋଇ ଡ଼ାବୁଗାଁ ବସ୍ତିରେ ରହୁଥାଏ । ଦେଶ ସ୍ୱାଧୀନ ପରେ ବଙ୍ଗଦେଶ ତଥା ଓଡ଼ିଶାର କଂଗ୍ରେସ ନେତାଙ୍କ ଗର୍ବ, ଗାରିମା ଓ ସ୍ୱେଚ୍ଛାଚାରିତା ନୀତି ଦେଖି ମୋ ମନରେ ସେମାନଙ୍କ ପ୍ରତି ଘୃଣା ଓ ତାସ୍ଛଲ୍ୟ ମନୋବୃତି ସୃଷ୍ଟି ହୋଇଥାଏ । ସେତେବେଳକୁ ଡ଼ାବୁଗାଁ ଅଞ୍ଚଳରେ ସକ୍ରିୟ କଂଗ୍ରେସ କର୍ମୀ ରୂପେ ମୁଦି ନାୟକ ଓ ମିରୁ ହରିଜନ ଗାଁ ଗହଳିର ଲୋକଙ୍କୁ ନେତୃତ୍ୱ ଦେଉଥାନ୍ତି । ମଝିରେ ମଝିରେ ସେମାନଙ୍କ ସଙ୍ଗେ ମୋର ଯୁକ୍ତିତର୍କ ମଧ୍ୟ ହେଉଥାଏ ।

ସେଦିନ ଶୁଣିଲି ଲକ୍ଷ୍ମୀବାବୁ ଡ଼ାବୁଗାଁ କଂଗ୍ରେସ ଅଫିସରେ ସଭା କରିବେ । କେଜାଣି କାହିଁକି ତାଙ୍କ ସଭାରେ ଯୋଗ ଦେବା ପାଇଁ ମୋର ପ୍ରବଳ ଇଚ୍ଛା ହେଲା ।  ମୁଦୀ ନାୟକ ଓ ମୀରୁ ହରିଜନଙ୍କ ସାଙ୍ଗରେ ସଭା ଶୁଣିବାକୁ ଯାଇଥିଲି । ପୂର୍ବରୁ ତ କଂଗ୍ରେସ ଦଳ ପ୍ରତି ମୋର ତୁଚ୍ଛ ଧାରଣା ଥିଲା ତଥାପି ଲକ୍ଷ୍ମୀବାବୁଙ୍କୁ ଦେଖିବା ପାଇଁ ମନରେ ଆତୁରତା ଜାଗି ଉଠିଲା । ବହୁ କର୍ମୀ ଓ ଜନସାଧାରଣ ଜମା ହୋଇଥାନ୍ତି । ଲକ୍ଷ୍ମୀବାବୁ ଉଠି ଭାଷଣ ଦେଲେ । କର୍ମଚାରୀଙ୍କ ଅତ୍ୟାଚାର ଓ ଗଣ୍ଡା ଟାଉଟରିଆଙ୍କ ଜୁଲମ, ଗାଁ ଗଣ୍ଡାର ଟାଉଟରମାନଙ୍କ ଶୋଷଣ ବିରୁଦ୍ଧରେ ଓଜସ୍ୱିନୀ ଭାଷଣ ଦେଲେ । ତାଙ୍କ ଭାଷଣରୁ ମୋର ମନେହେଲା ସ୍ୱାଧୀନ ହୋଇ ଯାଇଥିଲେ ମଧ୍ୟ ଅନ୍ୟାୟ ଅତ୍ୟାଚାର ପୂର୍ବପରି ଗାଁ ଗଣ୍ଡାରେ ଜମାଟ ବାନ୍ଧି ରହିଛି । ମୋର ଚିନ୍ତାଧାରା ସଙ୍ଗେ ଲକ୍ଷ୍ମୀବାବୁଙ୍କ ଭାଷଣର କୌଣସି ବୈଷମ୍ୟ ନ ଥିଲା ।  ଭାଷଣ ଶୁଣିଲା ପରେ କଂଗ୍ରେସ ଦଳର ନେତା ଓ କର୍ମୀମାନଙ୍କ ଉପରେ ଯେଉଁ ଘୃଣା ମନୋଭାବ ଥିଲା ତାହା ଦୂରୀଭୂତ ହୋଇଗଲା । କଂଗ୍ରେସ ମଧ୍ୟରେ ଯେ, ଏହିପରି ନିଷ୍ଠାବାନ ଓ ବିପ୍ଳବୀ ଲୋକ ଅଛନ୍ତି ତାହା ପୂଜ୍ୟ ଲକ୍ଷ୍ମୀବାବୁଙ୍କ ଠାରୁ ଉପଲବ୍ଧ କଲି । ସେହି ଦିନଠାରୁ କେଜାଣି କାହିଁକି ମୋର ମନ ପୂଜ୍ୟ ଲକ୍ଷ୍ମୀଚନ୍ଦ୍ର ଦାସଙ୍କ ଉପରେ ଆକୃଷ୍ଟ ହୋଇ ପଡ଼ିଲା । ମଝିରେ ମଝିରେ ନବରଙ୍ଗପୁର ଯାଇ ତାଙ୍କ ସହ ସାକ୍ଷାତ କରେ । ତାଙ୍କଠାରୁ ବହୁ ଉପାଦେୟ ନୀତି ପାଇଥାଏ । ସେଥିଲେ ସଂପୂର୍ଣ ଧର୍ମ ବିଶ୍ୱାସୀ, ବେଳେ ବେଳେ ମୋତେ ଉପଦେଶ ଛଳରେ କହନ୍ତି - ଯେଉଁ ରାଜନୀତିରେ ଈଶ୍ୱର ବିଶ୍ୱାସ ନାହିଁ ତାହା ରାଜନୀତି ନୁହେଁ । ସେହି ନୀତି ଦ୍ୱାରା ଦେଶ ମଙ୍ଗଳ ସାଧନ ହେବା ଅସମ୍ଭବ । ଏହି କଥା ଉପରେ ତାଙ୍କର ମୋର ଯୁକ୍ତି ହୁଏ ମାତ୍ର ଅମୀମାଂସୀତ ଅବସ୍ଥାରେ ସେ ଯୁକ୍ତି ରହିଯାଏ । ଦିନକୁ ଦିନ ଲକ୍ଷ୍ମୀବାବୁଙ୍କର ଯୁକ୍ତି ଓ ପରାମର୍ଶ ମୋର ହିଂସ୍ର ଓ ଅବ୍ୟବସ୍ଥିତ ଚିନ୍ତାଧାରାକୁ ବଦଳାଇଦେଲା । ତଥାପି ମୋ

ମନରେ ସେହି ହିଂସ୍ରଭାବ ଜାଗିଉଠେ ସେଗୁଡ଼ିକ ପୂଜ୍ୟ ଲକ୍ଷ୍ମୀବାବୁଙ୍କ ଦ୍ୱାରା ସମାଧାନ ହୋଇଯାଏ । ପରଶମଣୀ ଲୁହା ଦେହରେ ଲାଗି ଲୁହାକୁ ସୁନା କରିଦେଲା ପରି ମୋର ଅବ୍ୟବସ୍ଥିତ ହିଂସ୍ର ମନକୁ ସେ ବଦଳାଇ ଦେଲେ । ମୁଁ ତାଙ୍କ ସହଚର୍ଯ୍ୟ ପାଇ ଏକ ନୂତନ ଜୀବନର ସଂଧାନ ପାଇଲି ।

ଯେଉଁ ଲୋକ ଦିନେ ଚା ବଗିଚାର ସାହେବ ମେନେଜରଙ୍କୁ ପିସ୍ତଲର ଗୁଳିରେ ଆର ପାଖକୁ ପଠାଇଦେଲା, କି ଅଦ୍ଭୁତ ଲକ୍ଷ୍ମୀଚନ୍ଦ୍ର ଦାସଙ୍କ ମନ୍ତ୍ର । ସେହି ମନ୍ତ୍ରରେ ଦୀକ୍ଷିତ ହୋଇ ସେହି ହିଂସ୍ର ମାନବ ହୋଇପଡ଼ିଲା ଶାନ୍ତିକାମୀ ଓ ଭଗବାନ ବିଶ୍ୱାସୀ । ସେହି ଦିନଠାରୁ ପୂଜ୍ୟ ଲକ୍ଷ୍ମୀଚନ୍ଦ୍ର ଦାସ ଥିଲେ ମୋର ଉପଦେଶକ, ବନ୍ଧୁ ଓ ଗୁରୁ ସ୍ଥାନୀୟ । ଗ୍ରୀଷ୍ମ ସାଂୟକାଳରେ ଇନ୍ଦ୍ରାବତୀ ନଦୀ  ବାଲି ଶଯ୍ୟାରେ ଦୁଇଜଣ ବସି ବହୁ ଆଲୋଚନା କରିଥାଉଁ । ତା ମଧ୍ୟରେ ବ୍ୟକ୍ତିଗତ ଜୀବନ ଓ ଜୀଇଁବା ଖାଇବା ନେଇ କୌଣସି ଆଲୋଚନା ନ ଥାଏ । କେବଳ ତାଙ୍କର ବୈପ୍ଳବିକ କର୍ମୀ ଜୀବନ ଏବଂ ମୋର ବିଶୃଙ୍ଖଳିତ ଧର୍ମ ଛଡ଼ା ହିଂସ୍ର ଜୀବନ ଉପରେ ଚାଲିଥାଏ ଆଲୋଚନା ଓ ଯୁକ୍ତିତର୍କ । ସେହି ସବୁ କଥା ମୋ ଆଖି ଆଗରେ ନାଚି ଯାଉଛି ।

ମୁଁ ୧୯୭୦ ମସିହାରେ 'ଯୁଗବାଣୀ' ନାମକ ଏକ ପାକ୍ଷିକ ପତ୍ରିକା ପ୍ରକାଶ କରିବାକୁ ଇଚ୍ଛା କରେ । ସେଥିପାଇଁ ପୂଜ୍ୟ ଲକ୍ଷ୍ମୀଚନ୍ଦ୍ର ଦାସଙ୍କ ପରାମର୍ଶ ଓ ଆଶୀର୍ବାଦ କାମନା କରେ । ସେ ସେତେବେଳକୁ 'ଜନସଖା' ସାପ୍ତାହିକ ପତ୍ରିକା ସମ୍ପାଦନା  କରୁଥାନ୍ତି । ସେ କହିଲେ ଏହା ଛୋଟ କଥା ନୁହେଁ । ଏଥିପାଇଁ ସଂପୂର୍ଣ ମନର ବଳ ଆବଶ୍ୟକ । ଯଦି ସୁଦୃଢ଼ ମନ ନେଇ ଚଳାଇ ପାରିବ ଭଲ କଥା । ସେ ତାଙ୍କ ଜନସେବା ପ୍ରେସରେ 'ଯୁଗବାଣୀ' ଛପାଇବା ପାଇଁ ସମ୍ମତି ପ୍ରଦାନ କରିଥିଲେ । ତାଙ୍କର ଆଶୀର୍ବାଦ ଓ ସହାନୁଭୂତି ନେଇ 'ଯୁଗବାଣୀ' ଜନସେବା ପ୍ରେସରୁ ପ୍ରକାଶିତ ହେବାକୁ ଲାଗିଲା । ଆମେତ ମନୁଷ୍ୟ ଦେବତା ନୋହୁଁ । କେତେକ ସାଧାରଣ କଥାକୁ ନେଇ ମତାନ୍ତର ମଧ୍ୟ ସୃଷ୍ଟି ହୋଇଥିଲା । ପାଣିକି କାଟିଲେ ଦୁଇଭାଗ ନ ହେଲା ପରି କିଛିଦିନ ମଧ୍ୟରେ ମତାନ୍ତର ଦୂରୀଭୂତ ହୋଇଯାଇଥିଲା ।

ଦିନେ ସମ୍ବାଦ ପାଇଲି ଯେ ମୋର ପୂଜ୍ୟ ଗୁରୁଦେବ ହଠାତ୍ ପକ୍ଷାଘାତ ରୋଗରେ ଆକ୍ରାନ୍ତ ହୋଇ ଜଗଦଲପୁର ଡ଼ାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ମନରେ ଗଭୀର ବ୍ୟାକୁଳତା ନେଇ ଦେଖା କରିବାକୁ ଯାଇଥିଲି । ଡ଼ାକ୍ତର ତାଙ୍କୁ ଶୋଇ ରହିବା ପାଇଁ ନିଦ ଔଷଧ ଦେଇଥିବାରୁ କେବଳ ଦେଖାହୋଇ କଥାଭାଷା ହୋଇପାରିଲି ନାହିଁ । ଈଶ୍ୱର ତାଙ୍କୁ ସେହି ଦୁର୍ଯ୍ୟୋଗରୁ ରକ୍ଷା କଲେ ଓ ସେ ନବରଙ୍ଗପୁର ଫେରି ଆସିଲେ । ତା'ପରେ ମଝିରେ ମଝିରେ ତାଙ୍କ ସହ ମୋର ସାକ୍ଷାତ ହୁଏ । ସେ ରୋଗାକ୍ରାନ୍ତ ଅବସ୍ଥାରେ ମଧ୍ୟ ତାଙ୍କ ଅତି ଆଦରର 'ଜନସଖା' ପତ୍ରିକା ସମ୍ପାଦନା ଦିଗରେ ଲାଗିପଡ଼ିଥାନ୍ତି । କି ଦୃଢ଼ ମନ,  କି ନିଷ୍ଠା ଏହା ଅନ୍ୟ କୌଣସି ସମ୍ପାଦକ କିମ୍ବା ନେତା ଓ କର୍ମୀ ନିକଟରେ ଦେଖିବା ବିରଳ । ମୁଁ ତା ୮.୯.୧୯୮୫ ଦିନ ନବରଙ୍ଗପୁର ଯାଇଥିଲି । ଲକ୍ଷ୍ମୀବାବୁ ପୂର୍ବପରି ପ୍ରେସରେ ବସିଥାନ୍ତି । ମୋତେ ଦେଖି କହିଲେ, 'ଯୁଗବାଣୀ' କ'ଣ ବନ୍ଦ କରି ଦେଲ ? ସେହି ପ୍ରଶ୍ନରେ ମୋ ପ୍ରତି ତାଙ୍କର କିପରି ଆନ୍ତରିକତା ଥିଲା ମୁଁ ସେଦିନ ଅନୁଭବ କରିଥିଲି । ତାଙ୍କର ଉତ୍ତର ଦେବାକୁ ଯାଇ କହିଲି ମୋର ସ୍ୱାସ୍ଥ୍ୟ ଖରାପ ଦୃଷ୍ଟିରୁ କେତୋଟି ସଂଖ୍ୟା ବନ୍ଦ ହୋଇଯାଇଛି । ସେହି ଦିନଟି ଥିଲା ମୋ ପକ୍ଷରେ ଶେଷ ଗୁରୁ ଦର୍ଶନ ଦିବସ ।

ତାଙ୍କର ସ୍ନେହ ସହାନୁଭୂତି ମୋ ଜୀବନରେ ଅବିସ୍ମରଣୀୟ ହୋଇ ରହିଲା । ସେହି ପରଶମଣୀର ସ୍ପର୍ଶ ପାଇ ମୋ ଜୀବନରେ ଯେଉଁ ବିରାଟ ପରିବର୍ତନ ଘଟିଲା, ସେଥିପାଇଁ ମୁଁ ପୂଜ୍ୟ ଲକ୍ଷ୍ମୀଚନ୍ଦ୍ର ଦାସଙ୍କର ସ୍ୱର୍ଗତ ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

(ପ୍ରଥମ ଶ୍ରାଦ୍ଧବାର୍ଷିକୀ ସ୍ମରଣିକାରୁ ଉଦ୍ଧୃତ - ୧୯୮୬)

# ଅସାଧାରଣ ବ୍ୟକ୍ତିତ୍ୱ ଓ ପ୍ରତିଭା - ଲକ୍ଷ୍ମୀବାବୁ

**-ହିରାଲାଲ କଲ୍ୟାଣୀ**
ସ୍ୱାଧୀନତା ସଂଗ୍ରାମୀ,
ପୂର୍ବତନ ଦଳିତ ଜାତି ସଂଘ ଓ ଭାରତୀୟ ଆଦିମ ଜାତି କର୍ମୀ ଏବଂ
ପୂର୍ବତନ ଜିଲ୍ଲା କଂଗ୍ରେସ ସେବାଦଳ ପରିଚାଳକ, କୋରାପୁଟ

ଜୀବନରେ ମନୁଷ୍ୟକୁ ଜନ୍ମ ମୃତ୍ୟୁ ଲାଗି ରହିଛି । କିଏ ରହିନାହିଁ ବା ରହିବ ନାହିଁ । କର୍ମ ଅନୁଯାୟୀ ମୃତ୍ୟୁ ପରେ ମଣିଷ ପୁଣି ଜନ୍ମ ଲାଭ କରୁଛି । ନ ରହିଲା ହିଟଲର । ନ ରହିଲା ମୁସୋଲିନ, ଚର୍ଚ୍ଚିଲା । ନ ରହିଲା ଗୁଜୁଏଲ୍ଟ । ନ ରହିଲା ଗାନ୍ଧୀ ନ ରହିଲା ସୁବାଷ । ନ ରହିଲା କୃଷ୍ଣ ନ ରହିଲା କଂସ । ନ ରହିଲା ରାମ ନ ରହିଲା ରାବଣ । କିନ୍ତୁ ତାଙ୍କର ଆଦର୍ଶ ଓ କାହାଣୀ ଜଗତରେ ରହିଛି ।

କଥାରେ ଅଛି ହଜାର ଶ୍ରୋତାରେ ଗୋଟିଏ ବକ୍ତା, ଲକ୍ଷ କୋଟିରେ ଗୋଟିଏ ବିଦ୍ୱାନ ଓ ତପସ୍ୱୀ ସାଧୁ ଜନ୍ମ ହୁଏ । ସ୍ୱର୍ଗୀୟ ଲକ୍ଷ୍ମୀଚନ୍ଦ୍ର ଦାସ ସେହିପରି ଜଣେ ଅମଳିନ ପ୍ରତିଭା । କୋରାପୁଟ ଜିଲ୍ଲାରେ ଗାନ୍ଧୀଙ୍କ କଂଗ୍ରେସ ଆନ୍ଦୋଳନ ଜନ୍ମ ନେଲା । ଆନ୍ଦୋଳନରେ ମହାନ ତ୍ୟାଗ ହଜାର ହଜାର କର୍ମୀ ଭୋଗ କରିଛନ୍ତି । ଯାହାର ଅନେକ ବିଷୟ ଓ ସତ୍ୟ ଇତିହାସ 'ଜନସଖା' ପତ୍ରିକାରେ ସମ୍ପାଦକ ଲକ୍ଷ୍ମୀଚନ୍ଦ୍ର ଦାସଙ୍କ ଦ୍ୱାରା ପ୍ରକାଶ ପାଇଛି । ସମସ୍ତ ମଧ୍ୟରେ ସବୁଠାରୁ ମହାନ ବ୍ୟକ୍ତି ସ୍ୱର୍ଗତ ଲକ୍ଷ୍ମୀଚନ୍ଦ୍ର ଦାସ ଅନ୍ୟତମ । ସମସ୍ତ ନେତା କର୍ମୀ ସ୍ୱାଧୀନତା ପରେ କିଛି ନା କିଛି ନିଜ ପାଇଁ ଲାଭ ଉଠାଇଛନ୍ତି । କିନ୍ତୁ ସ୍ୱର୍ଗତ ଲକ୍ଷ୍ମୀଚନ୍ଦ୍ର ଦାସ ଗୀତାର କର୍ମ ଯୋଗ ଅନୁଯାୟୀ ସାରା ଜୀବନ କାମ କରିଛନ୍ତି । ସେବା ହିଁ ପରମଧର୍ମ ଏହି ସିଦ୍ଧାନ୍ତ ଜୀବନର ଶେଷ ସମୟ ପର୍ଯ୍ୟନ୍ତ ସେ ଗ୍ରହଣ କରିଥିଲେ ।

ସ୍ୱର୍ଗତ ଲକ୍ଷ୍ମୀଚନ୍ଦ୍ର ଦାସ ଜଣେ ମହାନ ତ୍ୟାଗୀ, ସାହସୀ, ଦୟାଶୀଳ, ଉଦାର, ବିଚାରବନ୍ତ, ସଂଯମୀ, ସିଦ୍ଧାନ୍ତବାଦୀ, ସତ୍ୟଧର୍ମୀ ଚରିତ୍ରବାନ, କର୍ମଯୋଗୀ ଓ ସାଧୁ ଥିଲେ । ସାଦା ଥାନ ଖଦଡ଼ ପୋଷାକରେ ସେ ଶ୍ରେଷ୍ଠ ସାଧୁ ଜୀବନଯାପନ କରିଥିଲେ । ତାଙ୍କ ପରି ଲୋକ ସମାଜରେ ପ୍ରାପ୍ତି ହେବା କଷ୍ଟକର । ନିଖିଳ ଭାରତ କଂଗ୍ରେସ କମିଟିର ସଭାପତି ୟୁ.ଏନ. ଧେବର କୋରାପୁଟ ଆଗମନ ସମୟରେ ମୋତେ କଂଗ୍ରେସ ବିଷୟରେ ପଚାରି ଥିଲେ । ମୁଁ ସ୍ୱର୍ଗତ ଦାସଙ୍କ ପରିଚୟ ଗୁପ୍ତ ଭାବରେ ଦେଇଥିଲି । ତତ୍କାଳୀନ କଂଗ୍ରେସ ସଭାପତି ସ୍ୱର୍ଗତ ଧେବର ନବରଙ୍ଗପୁର 'ଜନସଖା' ଅଫିସରେ ସ୍ୱର୍ଗତ ଲକ୍ଷ୍ମୀଚନ୍ଦ୍ର ଦାସଙ୍କ ସହ କଥା ପ୍ରସଙ୍ଗରେ କହିଥିଲେ, "You are very fortunate than me''। ଆଜି ଦେଶରେ ୱାର୍ଡ଼ମେମ୍ବର ଠାରୁ ମନ୍ତ୍ରୀ ହେବା ପାଇଁ ନାନା ଉପାୟ ଅବଲମ୍ବନ କରାଯାଉଅଛି । ଥରେ ପଦପଦବୀ ପାଇବା ବ୍ୟକ୍ତି ସାରାଜୀବନ ସେହି ପଦ ଛାଡ଼ିବାକୁ ଅନିଚ୍ଛୁକ । କଳେବଳେ କୌଶଳେ ନିଜ ପଦବୀକୁ ବଞ୍ଚାଇବା ପାଇଁ ଚେଷ୍ଟା କରନ୍ତି । କିନ୍ତୁ ସ୍ୱର୍ଗତ ଲକ୍ଷ୍ମୀଚନ୍ଦ୍ର ଦାସଙ୍କ ଜୀବନ ବିଲକୁଲ ଏହାଠାରୁ ଅଲଗା ଥିଲା ।

ନବରଙ୍ଗପୁର ନିର୍ବାଚନ ମଣ୍ଡଳୀରେ ଏମ୍.ଏଲ୍.ଏ. ପଦବୀ ପାଇଁ କଂଗ୍ରେସ ପକ୍ଷରୁ ପ୍ରାର୍ଥୀ କରିବାକୁ ସ୍ୱର୍ଗତ ଲକ୍ଷ୍ମୀଚନ୍ଦ୍ର ଦାସଙ୍କ ନାମ ପ୍ରଥମେ ନିଷ୍ପତ୍ତି ହୋଇଥିଲା । ଡାଃ, ମହତାବ ସ୍ୱର୍ଗତ ଦାସଙ୍କୁ ଏମ୍.ଏଲ୍.ଏ. ହେବାପାଇଁ ବହୁତ ପ୍ରବର୍ତାଇଥିଲେ । କିନ୍ତୁ ସ୍ୱର୍ଗତ ଲକ୍ଷ୍ମୀଚନ୍ଦ୍ର ଦାସ ତାହାକୁ ଗ୍ରହଣ କରି ନ ଥିଲେ ଏବଂ ତାଙ୍କ ପ୍ରସ୍ତାବ କ୍ରମେ ସ୍ୱର୍ଗତ ସଦାଶିବ ତ୍ରିପାଠୀଙ୍କୁ ଟିକଟ ଦିଆଯାଇଥିଲା । ନିର୍ବାଚନ ଭାର ଏବଂ ପାଣ୍ଠି ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ସ୍ୱର୍ଗତ ଲକ୍ଷ୍ମୀଚନ୍ଦ୍ର ଦାସ ଓ ସ୍ୱର୍ଗତ ରାଧାମୋହନ ସାହୁଙ୍କ ଜରିଆରେ ଦିଆଯାଉଥିଲା । ସ୍ୱର୍ଗତ ଲକ୍ଷ୍ମୀଚନ୍ଦ୍ର ଦାସଙ୍କ ଦ୍ୱାରା ହିଁ ଦୁର୍ଦ୍ଦାନ୍ତ ଗଣତନ୍ତ୍ର ପରିଷଦ ନବରଙ୍ଗପୁର ନିର୍ବାଚନ ମଣ୍ଡଳୀରେ ପରାସ୍ତ ହେଉଥିଲା ।

ସ୍ୱାଧୀନତା ଆନ୍ଦୋଳନ ସମୟରେ ପାପଡ଼ାହାଣ୍ଡି ଗୁଳିକାଣ୍ଡ ମକଦ୍ଦମାରେ ଅଭିଯୁକ୍ତ ଶହ ଶହ କର୍ମୀଙ୍କୁ ସ୍ୱର୍ଗତ ଲକ୍ଷ୍ମୀଚନ୍ଦ୍ର ଦାସ କୋର୍ଟରେ ଦଣ୍ଡାଦେଶରୁ ମୁକ୍ତ କରିଥିଲେ । ତାଙ୍କର ରୋମାଞ୍ଚକର ଲେଖା ପ୍ରଚାରପତ୍ର ଓ 'ଜନସଖା'ରେ ପ୍ରତିଦିନ ପ୍ରକାଶିତ ହେଉଥିଲା । ହଜାର ହଜାର ଲୋହ ତାଙ୍କ ଲେଖାରୁ ପ୍ରେରଣା ପାଉଥିଲେ । ସେ ଅର୍ଥ ବା ପଦବୀ ପାଇଁ କେବେ ଲାଳାୟିତ ନ ଥିଲେ । ସେ ଯେତେ ବଡ଼ ବ୍ୟକ୍ତି ହେଉନା କାହିଁକି ଅନ୍ୟାୟ ହେଲେ ତାଙ୍କର ବିରୋଧ କରୁଥିଲେ । ତାଙ୍କ ଜୀବନ ମଧ୍ୟରେ ଜାତି ପ୍ରଥା ଓ ସଂକୀର୍ଣ୍ଣତାକୁ ସେ ସ୍ଥାନ ଦେଇନଥିଲେ । ସମ୍ବଲପୁର ଘଟଣାରେ 'ଜନସଖା' ଦ୍ୱାରା ଓଡ଼ିଆ ଲୋକଙ୍କୁ ଓ ଦେଶଦ୍ରୋହୀଙ୍କୁ ସେ ଚେତାଇ ଦେଇଥିଲେ । ସେ 'ଜନସଖା'ରେ ଯାହା ଲେଖୁଥିଲେ ତାହା ତାଙ୍କ ହୃଦୟର ଆବାଜ ଥିଲା । କୌଣସି ବ୍ୟକ୍ତିର ପ୍ରଲୋଭନ ଓ କାରସାଦିରେ ତାଙ୍କୁ ଫାନ୍ଦରେ ପକାଇବା ସାହସ ନ ଥିଲା ।

ସ୍ୱର୍ଗତ ଲକ୍ଷ୍ମୀଚନ୍ଦ୍ର ଦାସ ପୁରା ଶାସ୍ତ୍ର ଜ୍ଞାନୀ ଓ ବେଦାନ୍ତବାଦୀ ଥିଲେ । ସେଥିପାଇଁ ତାଙ୍କୁ ମନ୍ଦିର, ମସଜିଦ୍, ଗୀର୍ଜାକୁ ଯିବାର ଆବଶ୍ୟକତା ନ ଥିଲା । ତାଙ୍କ ଯୋଗୁଁ ହିଁ ପି.ଆର୍.ଟାଟା କମ୍ପାନୀର ଦାନରେ ନବରଙ୍ଗପୁର ଶହୀଦ ଭବନ ପାଇଁ ଜମି କିଣାଯାଇଥିଲା । ବିଶ୍ୱାସରାୟ ବାବୁ ଯେତେବେଳେ ରାମରାଜ୍ୟ ପରିଷଦ ଗଠନ କଲେ ଓ ପ୍ରାର୍ଥୀ ଠିଆ କରିବା ପାଇଁ ସହାୟତା ମାଗିଲେ, ସ୍ୱର୍ଗତ ଦାସ କହିଥିଲେ, ''ମୁଁ କଂଗ୍ରେସ ତ୍ୟାଗ କରି ତୁମକୁ ସାହାଯ୍ୟ କରିପାରିବି ନାହିଁ । ଆମେ କଂଗ୍ରେସର କାମ କରୁଛୁ । କିନ୍ତୁ ଆପଣ ଛାଡ଼ିଛନ୍ତି । ମୁଁ ଛାଡ଼ିନାହିଁ ।'" ସ୍ୱର୍ଗତ ରାଧାମୋହନ ସାହୁ ଓ ସଦାଶିବ ତ୍ରିପାଠୀ ଅନେକ କଥାରେ ସ୍ୱର୍ଗତ ଲକ୍ଷ୍ମୀଚନ୍ଦ୍ର ଦାସଙ୍କ ପରାମର୍ଶ ନେଉଥିଲେ । ସ୍ୱର୍ଗତ ତ୍ରିପାଠୀ ବାବୁ ମୋତେ କହିଥିଲେ- '"କଲ୍ୟାଣୀ ବାବୁ, ଲକ୍ଷ୍ମୀଚନ୍ଦ୍ର ଭଳି ଲୋକ ମିଳନ୍ତି ନାହିଁ । ଥରେ ସ୍ୱର୍ଗତ ଦାସ ତାଙ୍କ ପ୍ରଥମ ପୁତ୍ରର ମୃତ୍ୟୁ ଘଟିଥିଲେ ମଧ୍ୟ ମୃତ୍ୟୁ ପର ଦିବସରେ ହିଁ ସେ କଂଗ୍ରେସ ପ୍ରଚାରରେ ବାହାରି ପଡ଼ିଥିଲେ । ଏ ଭଳି ବ୍ୟକ୍ତିତ୍ୱ କ'ଣ ମିଳିବା ସମ୍ଭବ ।''

ତାଙ୍କ ଜୀବନରେ ଜଣେ ଘର ମାଡ଼ିବସିବା ଓ ଝିଅର ଅକାଳ ମୃତ୍ୟୁ ଘଟଣା ବହୁତ ଆଘାତ ଦେଇଥିଲା । ଉମରକୋଟର ଶହୀଦ ବଗା ପୂଜାରୀଙ୍କ ଭୂମିରେ ପୋଲିସର ଅକଥନୀୟ ଜୁଲମ ଶୁଣି ତାଙ୍କର ରକ୍ତଚାପ ବୃଦ୍ଧି ପାଇଥିଲା ଏବଂ ସେ ଦିନଠାରୁ ତାଙ୍କର ଦେହ ଖରାପ ହୋଇଯାଇଥିଲା । ଜୀବନରେ ମୃତ୍ୟୁ ପାଇଁ କିନ୍ତୁ ତାଙ୍କର ଲେଶମାତ୍ର ଭୟ ନ ଥିଲା । କାହାକୁ ସେବା କରାଇବାର ଉଦ୍ଦେଶ୍ୟ ନ ଥିଲା । କିନ୍ତୁ କିଛି ଉପାୟ ନ ଥିଲା । ତାଙ୍କର ଜୀବନରେ ମୁଖରେ ଦୁଃଖର ଛାୟା ମୁଁ କେବେ ଦେଖିନାହିଁ । ସବୁବେଳେ ହସ ହସ ମୁହଁରେ ସେ ରହୁଥିଲେ । ସନ୍ଥ, ସାଧୁ, ତ୍ୟାଗୀ ପ୍ରତି ତାଙ୍କର

ଅଗାଧ ଭକ୍ତି ଥିଲା । ବେଦ, ଶାସ୍ତ୍ର ଚର୍ଚ୍ଚା ପାଇଁ ତାଙ୍କର ସଦାସର୍ବଦା ବହୁତ ଇଚ୍ଛା ରହୁଥିଲା । ସେ ଅଲେଖ ମହିମା ସମ୍ପ୍ରଦାୟର ବ୍ରହ୍ମଲୀନ ଅନନ୍ତରାମ ବାବାଙ୍କୁ ବହୁତ ଭଲ ପାଉଥିଲେ।

ସ୍ୱର୍ଗତ ଲକ୍ଷ୍ମୀଚନ୍ଦ୍ର ଦାସ ସର୍ବଦା କହୁଥିଲେ- 'ମୁଁ ଗରିବ ଥିଲି । କିନ୍ତୁ ଭଗବାନ ଆଜି ଯାହା ଦେଇଛନ୍ତି ତାହା ତାଙ୍କର ପ୍ରସାଦ ଅଟେ । ସେଥିରେ ମୁଁ ବଡ଼ ଖୁସି ଓ ସନ୍ତୁଷ୍ଟ ।' ସେ ନ୍ୟାୟ, ପରିଶ୍ରମ ଓ ସତ୍ ଉପାୟରେ ଧନ ଅର୍ଜନ କରିଛନ୍ତି । ''ଆଖି ବନ୍ଦ କଲେ କାହାର କିଏ''- ଏକଥା ସବୁବେଳେ ସେ କହୁଥିଲେ । ମୃତ୍ୟୁକୁ ସେ କେବେ ଭୂଲି ନ ଥିଲେ । 'ବୟସ, ପଦବୀ ଅଧିକାର ଜୀବନରେ ରହେ ନାହିଁ' - ଏହା ସର୍ବଦା ତାଙ୍କ ମୁଖରୁ ଶୁଣାଯାଉଥିଲା । ଜୀବ, ପରମାତ୍ମା, ପୂର୍ବଜନ୍ମ, ମୋକ୍ଷ, ନିର୍ବାଣ, ପ୍ରକୃତି, ପ୍ରଳୟ, ମହାପୁରୁଷଙ୍କ ଉପରେ ସେ ବହୁତ ଚର୍ଚ୍ଚା କରିବାକୁ ଇଚ୍ଛା କରୁଥିଲେ ।

ଖୋସାମତିଆ ଓ ମୁତାଧରୁ ମାନଙ୍କୁ ସେ ପଦାରେ ପକାଉଥିଲେ । ପାଖ ପଶିବାକୁ ଦେଉ ନଥିଲେ । ଘର ଠାରୁ ଜଗତ ପର୍ଯ୍ୟନ୍ତ ଅନେକ କଥା ଭାବୁଥିଲେ । ଦିନେ ହେଲେ ମିଥ୍ୟା କଥା ମୁଁ ତାଙ୍କ ମୁଖରୁ ଶୁଣିବାକୁ ପାଇନାହିଁ । ସେ ଇଚ୍ଛା କରିଥିଲେ କେତେ ବଡ଼ ଲୋକ ହୋଇ ଥାଆନ୍ତେ । କିନ୍ତୁ ଭୋଗ ପଛରେ ରୋଗର ପାହାଡ଼ ଲୁଚିଥିବା ସେ ଜାଣିଥିଲେ । ଥରେ ବିକ୍ରମପୁରର ଜଣେ ଧନୀ ଲୋକର ଜମି ନିଲାମରେ ସେ କିଣିଥିଲେ । ଉକ୍ତ ଲୋକଟି ସ୍ୱର୍ଗତ ଦାସଙ୍କୁ ସର୍ବଦା ଅପମାନଜନିତ କଥା କହୁଥିଲା । କିନ୍ତୁ ବିଧିର ବିଧାନ, ଉକ୍ତ ଜମି ସ୍ୱର୍ଗତ ଦାସଙ୍କୁ ସମର୍ପଣ କରାଗଲା । ସେ ସ୍ୱର୍ଗତ ଦାସଙ୍କ ଗୋଡ଼ତଳେ ପଡ଼ିଯାଇ କୁଟୁମ୍ବ ରକ୍ଷା କରନ୍ତୁ ବୋଲି କାନ୍ଦି କାନ୍ଦି ନିବେଦନ କରିଥିଲେ । ସ୍ୱର୍ଗତ ଦାସ ତାଙ୍କ ଜମି ଫେରାଇ ଦେଇଥିଲେ । ଲୋକେ ଅବାକ୍ ହୋଇଯାଇଥିଲେ ।

ମୋ ଦେଶ ଜ୍ଞାନୀ ହେଉ- ଏହି ଭାବନା ସ୍ୱର୍ଗତ ଲକ୍ଷ୍ମୀଚନ୍ଦ୍ର ଦାସଙ୍କ ଥିଲା । ସେ ସଦାବେଳେ ହିନ୍ଦୁସ୍ଥାନ ଓ ଭାରତ ବୋଲି ଲେଖୁଥିଲେ । ତାଙ୍କ 'ଜନସଖା'ରେ ବହୁ ଲେଖା ଅନୁବାଦ ହୋଇ ସମୟେ ସମୟେ ଦିଲ୍ଲୀ ପଠାଯାଉଥିଲା । ଆଜି ଆଉ କୋରାପୁଟ ଜିଲ୍ଲାରେ ଜନତାର ଗୁହାରୀ ଶୁଣିବା ପାଇଁ କୌଣସି ନେତା ନାହାନ୍ତି । ଯେଉଁମାନେ ଅଛନ୍ତି ସେମାନେ ସର୍ବଦା ଅଗା, ଜଗା, ଖଗା ଏବଂ ସ୍ୱାର୍ଥୀ । ତାଙ୍କର ଲେଖା ଅନୁଯାୟୀ ସବୁ ଜାଲସେବା ଚାଲିଛି ।

ଆଜି ଲକ୍ଷ୍ମୀଚନ୍ଦ୍ର ଦାସ ସ୍ୱର୍ଗରେ । ରାଷ୍ଟ୍ରର ଗତିମତି ଅନ୍ଧକାର । ଦେଶ ବୁଡ଼ିବା ଉପରେ । ଆଜି ଦେଶଭକ୍ତ, ତ୍ୟାଗୀ, ଜ୍ଞାନୀ, ସାହସୀ, ସଙ୍ଗଠକ, ପରୋପକାରୀ, ବିଦ୍ୟାବୁଦ୍ଧିଶୀଳ ସ୍ୱର୍ଗତ ଲକ୍ଷ୍ମୀଚନ୍ଦ୍ର ଦାସଙ୍କ ଆବଶ୍ୟକତା ରହିଛି । ପୁନର୍ବାର ଭାରତ ମାଟିରେ ପରମାତ୍ମା ତାଙ୍କୁ ଜନ୍ମ ଦିଅନ୍ତୁ । ତାଙ୍କର ଶୀଘ୍ର ଆଗମନ ହେଉ । ମୁଁ ପରମାତ୍ମାଙ୍କ ଠାରେ ଏହା ପ୍ରାର୍ଥନା କରୁଛି ।

(ପ୍ରଥମ ଶ୍ରାଦ୍ଧବାର୍ଷିକୀ ସ୍ମରଣିକାରୁ ଉଦ୍ଧୃତ - ୧୯୮୬)

*****

# ସେ ଥିଲେ ମହାନ ବିପ୍ଳବୀ

-**ଭାଗୀରଥି ପାତ୍ର**
ସଭାପତି, ନବଜାଗରଣ ସାହିତ୍ୟ ସଂସଦ
ନବରଙ୍ଗପୁର

ଭାରତର ସ୍ୱାଧୀନତା ବିପ୍ଳବରେ ଯେପରି ଆମେ ନେତାଜୀ ସୁଭାଷ ବୋଷଙ୍କୁ ଜଣେ ଲଢୁଆ ଜନନାୟକ ଭାବେ ପରିଚୟ ପାଉଁ, ସେଭଳି କୋରାପୁଟ ଜିଲ୍ଲାର ସ୍ୱାଧୀନତା ଇତିହାସରେ ସ୍ୱର୍ଗତ ଲକ୍ଷ୍ମୀଚନ୍ଦ୍ର ଦାସ ଜଣେ ବିପ୍ଳବୀ ନେତା ଭାବେ ସୁପରିଚିତ ଥିଲେ । ସେ କିଶୋର ଅବସ୍ଥାରୁ ଉଚ୍ଚ ବିଦ୍ୟାଳୟ ଶିକ୍ଷା ତ୍ୟାଗକରି ଭାରତ ଛାଡ଼ ଆନ୍ଦୋଳନ ବା ସ୍ୱରାଜ ବିପ୍ଳବରେ ଯୋଗ ଦେଇଥିଲେ ।

ସ୍ୱର୍ଗୀୟ ଦାସ ନିଜର ଯୁବକ ବୟସରେ ଏପରି ସଙ୍ଗଠନ କୃତିତ୍ୱ ପ୍ରଦର୍ଶନ କରିଥିଲେ ଯେ, ସାଂପ୍ରତିକ ଯୁବକମାନଙ୍କୁ ତାହା ବିଶ୍ୱାସ କରିବା ପାଇଁ ଅନେକ ସମୟ ଲାଗିବ । ସେ ଖଣ୍ଡିଏ ସାଇକେଲରେ  ବସି ଏବଂ ସେଥିରେ ଅନ୍ୟ ଜଣେ ସହକର୍ମୀଙ୍କୁ ବସାଇ ନବରଙ୍ଗପୁର ସବଡ଼ିଭିଜନର ଏ ପ୍ରାନ୍ତରୁ ସେ ପ୍ରାନ୍ତ ନବରଙ୍ଗପୁରରୁ ଉମରକୋଟ, ଉମରକୋଟରୁ ରାଇଘର, ଚାନ୍ଦାହାଣ୍ଡି, ନବରଙ୍ଗପୁରରୁ ତେନ୍ତୁଳିଖୁଣ୍ଟି, ଲମତାଗୁଡ଼ା, ଇନ୍ଧନପୁର ଭଳି ଦୂରଦୂରାନ୍ତ ଅନାମଧେୟ ଓ ଜଣାଅଜଣା ମଫସଲ ଗ୍ରାମମାନଙ୍କୁ ଯାଇ ଗାନ୍ଧୀବାଣୀ, କଂଗ୍ରେସ ସମ୍ବାଦ ତଥା ବିପ୍ଳବର ବାର୍ତ୍ତା ଘରେ ଘରେ ପ୍ରଚାର କରୁଥିଲେ ।

ସେ ଗ୍ରାମାଞ୍ଚଳର ସାପ୍ତାହିକ ହାଟମାନଙ୍କୁ ଯାଇ ଅଗ୍ନିସମ ଭାଷଣମାନ ଦେଇ ଲୋକଙ୍କୁ ବିପ୍ଳବୀ ଚେତନା ଦେବା ସଙ୍ଗେ ସଙ୍ଗେ ଦେଶର ପରିସ୍ଥିତି ସଂପର୍କରେ ଅବହିତ କରାଇ ଜନସାଧାରଣଙ୍କୁ ଦେଶ ପ୍ରେମୀ କରାଉଥିଲେ । ତାଙ୍କ ପ୍ରେରଣାରେ ହଜାର ହଜାର ବନବାସୀ କର୍ମୀ ହୋଇ ଦେଶକାମରେ ଆଗେଇଥିଲେ ।

ପାପଡ଼ାହାଣ୍ଡି ଗୁଳି କାଣ୍ଡ ତଥା ତତ୍‌କାଳୀନ ମକଦ୍ଦମାରେ ସେ ଓକିଲ ଭଳି ବିଚାରପତିଙ୍କ ଆଗରେ ଏପରି ସବୁ ଅକାଟ୍ୟ ଯୁକ୍ତି ବାଢ଼ିଥିଲେ ଯେ ସେଇ କାରଣରୁ ବହୁ ନିର୍ଦ୍ଦୋଷୀ କର୍ମୀ ମୁକ୍ତ ହୋଇ ଛାଡ଼ ପାଇପାରି ଥିଲେ। ଏଥିରୁ ତାଙ୍କର ନିର୍ଭୀକତା ଓ ବିଚାରଶକ୍ତି ଅନୁମେୟ । ବନ୍ଦୀଶାଳାରେ ମଧ  ଜେଲ କର୍ତ୍ତୃପକ୍ଷଙ୍କ ଅନ୍ୟାୟର ପ୍ରତିବାଦ କରିବା, ଖରାପ ବ୍ୟବହାର ହେଲେ ଅନଶନ କରିବା ତଥା ସହବନ୍ଦୀ ମାନଙ୍କୁ ଦେଶପ୍ରେମ ଭଗବତ ଚିନ୍ତା ଓ ତ୍ୟାଗ ଶିକ୍ଷା ଦେଉଥିଲେ ।

ଦେଶ ପରିସ୍ଥିତି ସମ୍ବନ୍ଧରେ ଲୋକମାନଙ୍କୁ ସଚେତନ କରାଇବା ସକାଶେ ସେ କଳାପଟା ସମ୍ବାଦର ପ୍ରଚଳନ କରିଥିଲେ । ପ୍ରତିଦିନ ନବରଙ୍ଗପୁର କଂଗ୍ରେସ କାର୍ଯ୍ୟାଳୟ ସମ୍ମୁଖ ସଡ଼କରେ ଗୋଟିଏ କଳାପଟା ରଖି ସେଥିରେ ବିଶେଷ ଦୈନିକ ଘଟଣାମାନ ଚକ୍‌ଖଡ଼ିରେ ଲେଖୁଥିଲେ । ଏହା ବହୁ ଲୋକ ପାଠ କରି ଦେଶର ତଟକା ଖବରମାନ ପାଉଥିଲେ । ଏହାର ପରବର୍ତ୍ତୀ କାଳରେ ସେ ଜନସେବା ନାମରେ ଏକ ଛାପାଖାନା ସ୍ଥାପନ କରି 'ଜନସଖା' ନାମକ ସାପ୍ତାହିକ ପତ୍ରିକା ପ୍ରକାଶ କଲେ । ତାହା ଅଦ୍ୟାବଧି ବହୁ କାଳ ଧରି ନିରବଚ୍ଛିନ୍ନ ଭାବରେ ପ୍ରକାଶ ପାଇ ଆସୁଛି ଏବଂ ବହୁ  ଜନକଲ୍ୟାଣକର ଖବର ଓ ଲେଖାମାନ ପରିବେଷଣ କରି ଜନହିତ ସାଧନ କରୁଛି । ଏହାହିଁ ତାଙ୍କୁ ପରବର୍ତ୍ତୀ କାଳରେ ଚିର ଅମର କରି ରଖିବ ।

ତାଙ୍କର ରାଜନୈତିକ ଜୀବନକୁ ଛାଡ଼ିଦେଲେ ବ୍ୟକ୍ତିଗତ ଜୀବନରେ ସେ ଗୁଣୀ ଜନ ଥିଲେ । ଲୋକଙ୍କର ସାମାନ୍ୟ ଅସୁବିଧା ବେଳେ ନିଜେ ସାହାଯ୍ୟ କରିବା, ଅନ୍ୟାନ୍ୟ ଅସୁବିଧା ବେଳେ କାହାଦ୍ୱାରା ସାହାଯ୍ୟ କରାଇଦେବା ତାଙ୍କର ପ୍ରବୃତ୍ତି ଥିଲା । ଅନ୍ୟାୟ ଦେଖିଲେ ଦୃଢ଼ ତଥା ନିର୍ଭୀକ ଭାବେ ମୁହେଁ ମୁହେଁ

ପ୍ରତିବାଦ କରିବା ତାଙ୍କର ଦୃଢ଼ ବ୍ୟକ୍ତିତ୍ୱର ପରିଚାୟକ । ଅଫିସର, ମନ୍ତ୍ରୀ, ଦୁର୍ଦ୍ଧାନ୍ତ, ଧନୀକ ଯେତେ କ୍ଷମତା ସଂପନ୍ନ ଓ ବଡ଼ଲୋକ ହେଲେ ମଧ୍ୟ ଦୁର୍ନୀତି ଦେଖିଲେ ସମାଲୋଚନା କରିବାରେ ସେ ପଛାଉ ନ ଥିଲେ ।

ସମସ୍ତ ବ୍ୟକ୍ତିର ବ୍ୟକ୍ତିତ୍ୱ ପରିଗଣିତ ହେବାପାଇଁ ଯୋଗ୍ୟ ବିବେଚିତ ହୁଏ ନାହିଁ, ସେହି ବ୍ୟକ୍ତିତ୍ୱରେ ଦୃଢ଼ତା, ସେବା କିମ୍ବା ପ୍ରତିଭା ରହିବା ଆବଶ୍ୟକ; ତା'ହେଲେ ସେ ସମାଜରେ ସମାଦର ଲାଭ କରେ । ଲକ୍ଷ୍ମୀଚନ୍ଦ୍ର ଦାସଙ୍କର ସେହିଭଳି ଦୃଢ଼ ବ୍ୟକ୍ତିତ୍ୱ ଥିଲା । କେହି ତଥାକଥିତ ବଡ଼ ଲୋକ କାଳବେଳ ଆସିଲେ ଅସଂଖ୍ୟ ବ୍ୟକ୍ତି ସେହି ବଡ଼ଲୋକଙ୍କ ପଛରେ ଗୋଡ଼ାନ୍ତି, କେତେକ ଫର୍ଲଙ୍ଗ ଫର୍ଲଙ୍ଗ ଚାଲି ତାଙ୍କ ବସାଘର ପର୍ଯ୍ୟନ୍ତ ତ କେହି କେହି ହାତରୁ ପେଟ୍ରୋଲ ପୋଡ଼ି ମାଇଲ ମାଇଲ ମୋଟର ଗାଡ଼ିରେ ଗ୍ରାମରୁ ଗ୍ରାମାନ୍ତର ତାଙ୍କ ପଛରେ ଗୋଡ଼ାନ୍ତି, କିନ୍ତୁ ସ୍ୱର୍ଗୀୟ ଦାସ ନିଜ ଜନସେବା ଛାପାଖାନା ପିଣ୍ଡାରେ ଗୋଟିଏ ଆରାମ ଚୌକିରେ ଗୋଡ଼ ହଲାଇ ହଲାଇ ବସିଥାନ୍ତି । ବଡ଼ ଲୋକଙ୍କ ପାଖକୁ ସେ ଯାଆନ୍ତି ନାହିଁ, ବଡ଼ ଲୋକ ତାଙ୍କ ପାଖକୁ ଆସନ୍ତି । କତିପୟନାମୀ ନେତା ଭୁବନେଶ୍ୱର ରାଜଧାନୀକୁ ଯିବାପାଇଁ ତାଙ୍କୁ ବହୁବାର ଅନୁରୋଧ କରିଥିଲେ ମଧ୍ୟ ସେ ଯାଇନାହାନ୍ତି ।

ବୟସ ଥିବାବେଳେ ସ୍ୱରାଜ ଆନ୍ଦୋଳନରେ ସେ ଯୋଗଦେଇ କୋରାପୁଟ ଜିଲ୍ଲାର ଗ୍ରାମାଞ୍ଚଳ ପାଦରେ ଚାଲି ଚାଲି ବୁଲୁଥିଲେ । ଯେଉଁ ଦୂର ଦୂରାନ୍ତ ଅଗମ୍ୟ ଜନପଦକୁ ସହରୀ ଲୋକେ ଡ଼ରିମରି ଯାଉନଥିଲେ, ସେ ଯେତେ ଦୂର ସମ୍ଭବ ସାଇକେଲ ଚଢ଼ି ଏବଂ ସାଇକେଲ 'କେରିୟର'ରେ ସଙ୍ଗୀ କର୍ମୀଙ୍କୁ ବସାଇ ଦିନ ଦିନ ଧରି ଯାତ୍ରା କରୁଥିଲେ । ଏଇପରି ପୁରପଲ୍ଲୀ ସର୍ବତ୍ର ବୁଲି ସ୍ୱାଧୀନତାର ବାର୍ତ୍ତା ଏବଂ ଗାନ୍ଧୀଜୀଙ୍କ ''ବାପୁ-ବାଣୀ'' ସହସ୍ର ସହସ୍ର ନରନାରୀଙ୍କ ମଧ୍ୟରେ ପହଞ୍ଚାଇ ଦେଉଥିଲେ । ଏଥିପାଇଁ କାହାରି ଗାଳି, ମନ୍ଦ, ସରକାରୀ କର୍ମଚାରୀଙ୍କ ଆକ୍ରମଣ, ପୋଲିସ ନିର୍ଯ୍ୟାତନା, ଜେଲ, ଲାଠି, ଗୁଳି କାହାରିକୁ ସେ ଡ଼ରି ନାହାନ୍ତି । ସରକାରୀ ଅଧିକାରୀ ହେଉ କିମ୍ବା ନିଜ ଦଳର କୌଣସି ଉଚ୍ଚ ପଦାଧିକାରୀ ନେତା ଯେ କେହି ହେଉ, ଯଦି ସେ ଅନ୍ୟାୟ କଥା କହେ, ସ୍ୱର୍ଗୀୟ ଦାସ ସଙ୍ଗେ ସଙ୍ଗେ ନିର୍ଭୀକ ଭାବେ ଏବଂ ଉଚ୍ଚ କଣ୍ଠରେ ତାର ପ୍ରତିବାଦ କରିବାକୁ କେବେ ପଛେଇ ନାହାନ୍ତି ।

ସେ କୌଣସି କ୍ଷମତାକୁ ଯାଇ ନ ଥିଲେ ମଧ୍ୟ ସମସ୍ତ ପଦାଧିକାରୀ ଓ ନେତା ତାଙ୍କୁ ତଥା ତାଙ୍କ ନିର୍ଭୀକତାକୁ ସବୁବେଳେ ଡରୁଥିଲେ । ସେ ଇଚ୍ଛା କରିଥିଲେ ସ୍ୱାଧୀନତା ସଂଗ୍ରାମୀ ଭତ୍ତା ଏବଂ ଲୋକ-ପ୍ରତିନିଧି ପଦ ପାଇଥାନ୍ତେ କିନ୍ତୁ ସେବା ଓ ତ୍ୟାଗର ଆଦର୍ଶରେ ସେସବୁ ମୋହକୁ ଏଡ଼ାଇ ଦେଇଥିଲେ । ଗାନ୍ଧୀଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଏବଂ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପଦାଙ୍କ ଅନୁସରଣ କରି ସେ ଜୀବନକୁ ଦେଶସେବା ସ୍ରୋତରେ ଭସାଇ ଦେଇଥିଲେ ।

କିଛି କାଳ ହେଲା ଲୋକଙ୍କର ଅର୍ଥଗତ ତଥା ସ୍ୱାର୍ଥଗତ ଜୀବନଯାପନ ପ୍ରଣାଳୀ ଅଭ୍ୟାସଗ୍ରସ୍ତ ହୋଇଯାଇଛି, ଅତଏବ କୌଣସି ଉଦ୍ଦେଶ୍ୟ, ଆଶା କିମ୍ବା ସ୍ୱାର୍ଥ ନ ଥାଇ ଏକାଠି ବସି ଦେଶ ପାଇଁ ଚିନ୍ତା କରିବା, ଆଲୋଚନା କରିବା ସ୍ୱପ୍ନ ପ୍ରାୟ ହେଲାଣି । କିନ୍ତୁ ସ୍ୱର୍ଗୀୟ ଦାସ ନିଜ ପ୍ରେସରେ ବସିଥିବାବେଳେ ଯେ କୌଣସି ଦୁଇ, ଚାରିଜଣ ସଙ୍ଗୀ ଭେଟିଗଲେ କୌଣସି ନା କୌଣସି ଦେଶ, ଜାତି ଓ ସମାଜର ସମସ୍ୟା ସମ୍ପର୍କରେ ବିଚାର ଆଲୋଚନା କରିବା ପ୍ରାୟ ପ୍ରତିନିତ୍ୟ ଦୃଷ୍ଟି ଗୋଚର ହେଉଥିଲା । ଏହା ବ୍ୟତୀତ ସାମାନ୍ୟତମ ହେଲେ ମଧ୍ୟ ପରର ଅଭାବ ଅସୁବିଧା ଓ ଦୁର୍ଯୋଗ ବେଳେ ସାହାଯ୍ୟ, ସହଯୋଗ କରିବା ଅନେକେ ଅନୁଭବ କରନ୍ତି ।

ତାଙ୍କ ଜୀବନରେ ସାପ୍ତାହିକ 'ଜନସଖା' ପ୍ରକାଶନ ସବୁଠାରୁ ବଳିଷ୍ଠ ପ୍ରତିଷ୍ଠା ଭାବେ ସ୍ମରଣୀୟ ହୋଇ ରହିବ; ଏଥିରେ ସନ୍ଦେହର ଅବକାଶ ନାହିଁ । ପୂର୍ବ ଓ ପରବର୍ତ୍ତୀ କାଳରେ କୋରାପୁଟ ଜିଲ୍ଲାରେ ବହୁ ପତ୍ରପତ୍ରିକା ଜନ୍ମ ଲାଭ କରିଛି ଏବଂ ବିଲୀନ ମଧ୍ୟ ହୋଇଯାଇଛି, କିନ୍ତୁ 'ଜନସଖା' ତାର ନିଷ୍ଠାପର ପ୍ରକାଶକ

ତଥା ସମ୍ପାଦକ ସ୍ୱର୍ଗୀୟ ଦାସଙ୍କ ଦୃଢ଼ତା ଯୋଗୁଁ ଦୀର୍ଘ ଜୀବନ, ନିର୍ଭୀକତା ଏବଂ ସର୍ବୋପରି ନିୟମିତତା ରକ୍ଷା କରି ଅଗ୍ରଗଣ୍ୟ ହେବାର ଗୌରବ ଲାଭ କରିଛି ।

ପ୍ରତି ସୋମବାର ଦିନ ନବରଙ୍ଗପୁରରେ ଏକ ବିରାଟ ସାପ୍ତାହିକ ହାଟ ବସେ ଏବଂ ସାପ୍ତାହିକ 'ଜନସଖା' ପ୍ରକାଶ ପାଏ । ଲୋକଙ୍କ ଏକପ୍ରକାର ଧାରଣା ହୋଇଯାଇଛି ଯେ, ଏ ଦୁଇଟି କେବେ ବନ୍ଦ ହେବାର ନୁହେଁ । ଅନେକ ବିସ୍ମରଣ ବ୍ୟକ୍ତି ଅଛନ୍ତି, ସେମାନେ କେଉଁଦିନ କେଉଁବାର ପାଶୋରି ଯାଇଥାନ୍ତି । କେହି 'ଜନସଖା' ପଢୁଥିବା ଦେଖିଲେ ସ୍ୱତଃ କହିପକାନ୍ତି- ଆଜି ସୋମବାର କିରେ ? ଏଥିରୁ ପତ୍ରିକାର ନିୟମିତତା ଅନୁମେୟ । ସରକାରଙ୍କ ଭୋଟର ତାଲିକା ମୁଦ୍ରଣ କରିବା ପ୍ରତ୍ୟେକ ଛାପାଖାନାର ଏକ ଲାଭଜନକ ବ୍ୟବସାୟ ଥିଲା, ପ୍ରେସ ଏଥିରୁ କିଛି ନା କିଛି ଲାଭ କରି ଅନ୍ୟ ସମୟର କ୍ଷତି ପୂରଣ କରନ୍ତି, ଏହି ସୁଯୋଗ ପ୍ରାୟ ପାଞ୍ଚ ବର୍ଷରେ ଥରେ ଆସେ । ଏହି ପରିପ୍ରେକ୍ଷୀରେ ମଧ୍ୟ ''ଜନସଖା'' କେବେ ବନ୍ଦ ହୋଇନାହିଁ । ଆପତ୍ତିକାଳୀନ ପରିସ୍ଥିତି ''ଏମାରଜେନ୍‌ସି'' ବେଳେ ପତ୍ରିକା ଯାଞ୍ଚ ବ୍ୟବସ୍ଥା ହୋଇଥିଲା । ସେତେବେଳେ ବିରକ୍ତି ଯୋଗୁଁ ସ୍ୱର୍ଗୀୟ ଦାସ ଅଳ୍ପ କେତେ ସପ୍ତାହ ସେ ପ୍ରକାଶନ ବନ୍ଦ ରଖିଥିଲେ, ତା ବ୍ୟତୀତ ଆଜି ସୁଦ୍ଧା 'ଜନସଖା' ଧାରାବାହିକ ଭାବେ ଚାଲିଥିବା କମ୍ ପ୍ରଶଂସାର କଥା ନୁହେଁ ।

ପତ୍ରିକାର ନିର୍ଭୀକ ପ୍ରକାଶନ ଯୋଗୁଁ କେତେଯେ ମାଲିମକଦ୍ଦମା, ଧମକଚମକ, ଗାଳିଫଜିତ୍ ଇତ୍ୟାଦି ଝଡ଼ଝଞ୍ଜା ଦେଖାଦେଇଛି, ସ୍ୱର୍ଗତ ଦାସ କେଉଁଥିରେ ଦବିନଯାଇ ଶେଷ ଅବଧି 'ଜନସଖା'ର ପ୍ରକାଶନ ଅବ୍ୟାହତ ରଖିଥିଲେ । ଏହି ପତ୍ରିକା ମାଧ୍ୟମରେ ଗାଁ ଗହଳିର ପ୍ରତ୍ୟେକ ଦୁଃଖ, ସୁଖ, ଅଭାବ, ଅଭିଯୋଗ ଲୋକଲୋଚନକୁ ଆଣି ପାରୁଥିଲେ; ପଣ୍ଡିତ ଗୋପବନ୍ଧୁଙ୍କ 'ସମାଜ' ଭଳି ଏହା ଏକ ଜନସେବାର ମାଧ୍ୟମ ବୋଲି ସେ ଭାବୁଥିଲେ ଏବଂ ଜୀବନପଣ କରି ତାକୁ ବଞ୍ଚାଇ ରଖିଥିଲେ ।

ସାଂପ୍ରତିକ କାଳରେ ସବୁଠାରୁ ବଡ଼ କଥା ହେଲା ସେ ଜଣେ ରାଜନୈତିକ ଭାବାପନ୍ନ ବ୍ୟକ୍ତି ହେଲେ ମଧ୍ୟ ସେ ଥିଲେ ଧର୍ମପ୍ରାଣ ଓ ଭଗବତ ବିଶ୍ୱାସୀ । ବିଶେଷ କରି ମର୍ଯ୍ୟାଦା ପୁରୁଷୋତ୍ତମ ଭଗବାନ ଶ୍ରୀରାମଙ୍କୁ ଓ ଶ୍ରୀକୃଷ୍ଣ ଗୋପୀନାଥଙ୍କୁ ସେ ଭକ୍ତି କରୁଥିଲେ । ତାଙ୍କ ରାଜନୈତିକ ଜୀବନର ଶେଷ ଅବଧିରେ ସେ କହୁଥିଲେ, ''ଭାରତୀୟ ରାଜନୀତି ଯଦି ଧର୍ମଛଡ଼ା ହୁଏ ଏବଂ ନେତୃମଣ୍ଡଳୀ ଯଦି ଭଗବତ ବିଶ୍ୱାସ ତ୍ୟାଗ କରନ୍ତି, ତା ହେଲେ ଆମ ଦେଶ ବୁଡିଯିବ ।

ଉତ୍ତର ବୟସରେ ସେ ଧର୍ମ ତଥା ଆଧ୍ୟାତ୍ମିକ ଦିଗରେ ମନୋନିବେଶ କରିଥିଲେ । ଦେଶରେ ଧର୍ମଭାବର ପ୍ରସାର ହେଲେ ହେଁ ଦେଶର ଦୁର୍ଗତି ମେଣ୍ଟିବ ବୋଲି ମତ ଦେଉଥିଲେ । ଭଗବାନ ଶ୍ରୀରାମଙ୍କ ନାମ ସବୁ କ୍ଷେତ୍ରରେ ବ୍ୟବହାର କରି ତାଙ୍କର ଶରଣ ନେଇଥିଲେ । ଦେଶର ମଠ ମନ୍ଦିରର ଉନ୍ନତି ପ୍ରତି ଚିନ୍ତା ଏବଂ ସାଧୁ ସନ୍ଥଙ୍କ ପ୍ରତି ତାଙ୍କର ସମ୍ମାନ ଥିଲା । ଅଲେଖ ମହିମା ଧର୍ମୀ ସାଧୁମାନଙ୍କୁ ଦେଖିଲାମାତ୍ରେ ଡ଼ାକି ଆଦର ଅଭ୍ୟର୍ଥନା କରୁଥିଲେ । ମୋଟରେ ସେ ଥିଲେ ଜଣେ ମହାନ ବିପ୍ଳବୀ ।

ମୋଟ ଉପରେ କହିବାକୁ ଗଲେ ସ୍ୱର୍ଗୀୟ ଦାସଙ୍କର ଥିଲା ତିନୋଟି ଦୃଢ଼ ତଥା ବଳିଷ୍ଠ ବ୍ୟକ୍ତିତ୍ୱ, ତାହାହେଲା ପ୍ରଥମତଃ ରାଜନୈତିକ ବା ଦେଶପ୍ରୀତିର ବ୍ୟକ୍ତିତ୍ୱ, ଦ୍ୱିତୀୟତଃ ପତ୍ରିକା ସମ୍ପାଦନା ମାଧ୍ୟମରେ ଜନସେବାର ବ୍ୟକ୍ତିତ୍ୱ ଏବଂ ତୃତୀୟତଃ ଧାର୍ମିକ ବ୍ୟକ୍ତିତ୍ୱ । ସେ ବ୍ୟକ୍ତିତ୍ୱାବଳୀରେ ନିଷ୍ଠା, ଅଧ୍ୟବସାୟ, କର୍ମତତ୍ପରତା ଏବଂ ନିର୍ଭୀକତା ଥିବାରୁ ତାହା ହୋଇଛି ଦୀର୍ଘସ୍ଥାୟୀ ଏବଂ ଚିରସ୍ମରଣୀୟ । ସେଭଳି ବ୍ୟକ୍ତି ଆମର ନମସ୍ୟ ।

(ପ୍ରଥମ ଓ ତୃତୀୟ ଶ୍ରାଦ୍ଧବାର୍ଷିକୀ ସ୍ମରଣିକାରୁ ଉଦ୍ଧୃତ - ୧୯୮୬/୮୮)

# ସ୍ପଷ୍ଟବାଦୀତାର ପ୍ରତୀକ – ଲକ୍ଷ୍ମୀବାବୁ

**-ବିଶ୍ୱନାଥ ପଟ୍ଟନାୟକ**
ସ୍ୱାଧୀନତା ସଂଗ୍ରାମୀ, ବନବାସୀ କଲ୍ୟାଣ ଆଶ୍ରମ,
ବାଲିଗୁଡ଼ା (ଫୁଲବାଣୀ)

''ସତ କହିବାକୁ କିଆଁ ଡ଼ରିବି, ସତ କହି ପଛେ ମଲେ ମରିବି ''

ଏହା ଥିଲା ଲକ୍ଷ୍ମୀବାବୁଙ୍କର ଚିରାଚରିତ ଗୁଣ, ତେଣୁ ସେ ଏହି ଗୁଣରେ ଅନେକଙ୍କୁ ଆକର୍ଷିତ କରିପାରିଥିଲେ । ସେ ଯେତେବେଳେ କଂଗ୍ରେସରେ କାମ କରୁଥିଲେ, ନିଷ୍ଠାର ସହ କାମ କରୁଥିଲେ ଏବଂ କଂଗ୍ରେସ ନିର୍ବାଚନ ମାନଙ୍କରେ ଯାହା ଠିକ୍‌ବୋଲି ଭାବୁଥିଲେ ତାହା ସ୍ୱଷ୍ଟ ଭାବରେ ଉପସ୍ଥାପିତ କରୁଥିଲେ । ସେତେବେଳର ଜିଲ୍ଲା କଂଗ୍ରେସ ନେତା ରାଧାକୃଷ୍ଣ ବିଶ୍ୱାସରାୟ, ରାଧାମୋହନ ସାହୁ ଓ ସଦାଶିବ ତ୍ରିପାଠୀ ମଧ୍ୟ ତାଙ୍କ କଥାକୁ ଅନ୍ୟଥା କରିପାରୁ ନଥିଲେ । ସେ କୌଣସି ବାଧାବିଘ୍ନକୁ ନ ମାନି ଅନ୍ୟାୟ ବିରୁଦ୍ଧରେ ଲଢୁଥିଲେ ଏବଂ ସ୍ପଷ୍ଟ ଭାବେ ସର୍ବସାଧାରଣ ସ୍ଥାନରେ କଳାପଟାରେ ଲେଖି ସାଧାରଣ ଲୋକଙ୍କ ଦୃଷ୍ଟି ଆକର୍ଷଣ କରୁଥିଲେ ଏବଂ ଜନସେବା ପ୍ରେସ ସ୍ଥାପନ କରି 'ଜନସଖା' ପତ୍ରିକାରେ ଅନ୍ୟାୟ ବିରୁଦ୍ଧରେ ସ୍ପଷ୍ଟଭାବେ ପ୍ରକାଶ କରୁଥିଲେ । କେବଳ ସେତିକି ନୁହେଁ ନିଜର ଅତି ଆତ୍ମୀୟ ସାଥୀମାନଙ୍କର ବା ନିଜ ପରିବାରର କୌଣସି ଦୋଷ ତୃଟି ଦେଖିଲେ ସେମାନଙ୍କୁ ସ୍ପଷ୍ଟଭାବେ କହୁଥିଲେ ଏବଂ ନିଜସ୍ୱ ପତ୍ରିକା 'ଜନସଖା'ରେ ମଧ୍ୟ ପ୍ରକାଶ କରି ଦେଉଥିଲେ । ଏହି ଗୁଣ ତାଙ୍କର ସାଙ୍ଗସାଥୀ ମାନଙ୍କୁ ଅସୁଖ ବୋଧ ହେଲେ ମଧ୍ୟ ସୁଧାରିବା ଦୃଷ୍ଟିରୁ ଏହା କରୁଥିଲେ ।

ସେ ଯାହା ସହ ଯେତେବେଳେ ଆଲୋଚନା କରନ୍ତି, ସେ ଦେଶ କଥା ଛଡ଼ା ଅନ୍ୟ କୌଣସି କଥା ଆଲୋଚନା କରୁନଥିଲେ, ଦେଶର ପରିସ୍ଥିତି ଦେଖି ସେ ବ୍ୟସ୍ତ ହୋଇ କହୁଥିଲେ ସ୍ୱରାଜ୍ୟ ହେଲେ ଆମେ କଣହେବ ବୋଲି ଆଶା କରୁଥିଲୁ । କଅଣ ହେଲା ? କଅଣ ହେବାକୁ ଯାଉଛି ? କଂଗ୍ରେସର ଆଦର୍ଶ, କର୍ମୀମାନଙ୍କର ଆଦର୍ଶ କେତେ ଉଚ୍ଚରେ ଥିଲା । ଏସବୁ କୁଆଡ଼େ ଗଲା ? ନିଶାର ପ୍ରାଦୁର୍ଭାବ କିପରି ଗାଁ ଗାଁରେ ବଢ଼ି ଚାଲିଛି । ଗାଁ ଗାଁ ରେ ମଦ ସହରମାନଙ୍କରେ ସରକାରୀ ଓ ବିଦେଶୀ ମଦର ପ୍ରଚଳନ, କଂଗ୍ରେସ ଲୋକ ମଧ୍ୟ ବିଦେଶୀ ମଦ ବିକ୍ରିର ମାଲିକ, ଏହି ସବୁ କଥା କହି ବ୍ୟଥିତ ହେଉଥିଲେ ।

ଗାଁ ଗହଳର ଅବସ୍ଥା ସମ୍ପର୍କରେ ମଧ୍ୟ ବହୁତ ଚର୍ଚ୍ଚା କରୁଥିଲେ । ଗାଁ ଗହଳର ତଳେ ପଡ଼ିଥିବା ଲୋକଙ୍କ ଅବସ୍ଥା ସମ୍ପର୍କରେ ଚର୍ଚ୍ଚା କଲାବେଳେ ତାଙ୍କ ହୃଦୟର କୋହ ଜାତ ହେଉଥିଲା । ନିରୀହ ଲୋକ ନ୍ୟାୟ ପାଉନାହାନ୍ତି, ସରକାରୀ ଲୋକଙ୍କ ଜୁଲମ ଚାଲିଛି । ସ୍ୱରାଜ ଦେଶରେ ଏଭଳି ଚାଲିଛି କିନ୍ତୁ ଏହାର ପ୍ରତିକାର ହେଉନାହିଁ, କହି ବ୍ୟଥିତ ହେଉଥିଲେ ।

ସେ ଅନ୍ୟାୟ ଆଗରେ ମୁଣ୍ଡ ପାତିଦେବା ବ୍ୟକ୍ତି ନଥିଲେ, ସବୁ କଥା ସ୍ପଷ୍ଟ କହୁଥିଲେ । ତେଣୁ ସ୍ପଷ୍ଟବାଦୀ କହିବା ଅତ୍ୟୁକ୍ତି ହେବ ନାହିଁ । ତାଙ୍କରି ବାର୍ଷିକ ଶ୍ରାଦ୍ଧ ଦିବସରେ ସେହି ମହାନ ବ୍ୟକ୍ତିଙ୍କୁ ପ୍ରଣାମ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛି ।

(ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ସ୍ମରଣିକାରୁ ଉଦ୍ଧୃତ - ୧୯୮୬)

*********

## ସ୍ୱାଧୀନତା ସଂଗ୍ରାମୀ ଓ ଆଜୀବନ କଂଗ୍ରେସ ପ୍ରେମୀ
## ସ୍ୱର୍ଗୀୟ ଲକ୍ଷ୍ମୀଚନ୍ଦ୍ର ଦାସ
# ଏକ ନିର୍ମଳ ଓ ଆଦରଣୀୟ ଜୀବନ

**-ସୋମନାଥ ମିଶ୍ର**
ଅବସରପ୍ରାପ୍ତ ଆଇ.ଏ.ଏସ୍.,କଟକ

*(ସୋମନାଥ ମିଶ୍ର ସ୍ୱରାଜ ସଂଗ୍ରାମ ଅବଧିରେ ବିଚାରପତି ଭାବେ ପାପଡ଼ାହାଣ୍ଡି ଗୁଳିକାଣ୍ଡ ମକଦ୍ଦମା ବିଚାର କରିଥିଲେ । ଦେଶ ସ୍ୱାଧୀନ ହେବା ପରେ ମିଶ୍ର କୋରାପୁଟ ଜିଲ୍ଲାପାଳ ଭାବେ ମଧ ଅବସ୍ଥାପିତ ହୋଇଥିଲେ ।)*

ନବରଙ୍ଗପୁରର ପୁରୁଖା ସ୍ୱାଧୀନତା ସଂଗ୍ରାମୀ ଓ ଆଜୀବନ କଂଗ୍ରେସ ପ୍ରେମୀ ଲକ୍ଷ୍ମୀଚନ୍ଦ୍ର ଦାସଙ୍କ ବିୟୋଗ ମୋ ପାଇଁ ବିଶେଷ ଦୁଃଖପ୍ରଦ । ତାଙ୍କ କଥା ଭାବିଲେ ୧୯୪୨ ସାଲର ଭାରତ ଛାଡ଼ ଆନ୍ଦୋଳନ ଏବଂ ସେଥିରେ ତାଙ୍କର ଭୂମିକା ସ୍ମୃତି ପଟରେ ଜାଗ୍ରତ ହୁଏ ।

୧୯୪୨ ଓ ୧୯୪୩ ସାଲରେ ମୁଁ କୋରାପୁଟ ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟ ଭାବରେ କାର୍ଯ୍ୟ କରିଥିଲି । ୧୯୪୨ ସାଲର ଭାରତ ଛାଡ଼ ଆନ୍ଦୋଳନରେ କୋରାପୁଟ ଜିଲ୍ଲା ବିଶେଷ ଖ୍ୟାତି ଲାଭ କରିଥିଲା ଏବଂ ଆନ୍ଦୋଳନର ଆରମ୍ଭରୁ ନବରଙ୍ଗପୁର ଅଞ୍ଚଳର ଆନ୍ଦୋଳନକୁ ଜୀବନ୍ତ ରଖିବା ଭାର ଲକ୍ଷ୍ମୀଚନ୍ଦ୍ର ଦାସ ବହନ କରିଥିଲେ ।

ଥାନା ପୋଡ଼ିବା ଏହି ଆନ୍ଦୋଳନର ଗୋଟିଏ ମୁଖ୍ୟ କାର୍ଯ୍ୟ ଥିଲା । ପାପଡ଼ାହାଣ୍ଡି ଫାଣ୍ଡି ଗୃହକୁ ଆକ୍ରମଣ କରି ଧ୍ୱଂସ କରିବା ପାଇଁ ଲକ୍ଷ୍ମୀଚନ୍ଦ୍ର ଦାସ ନବରଙ୍ଗପୁର, ଡ଼ାବୁଗାଁ, ମଇଦଲପୁର ଓ ତେନ୍ତୁଳିଖୁଣ୍ଟି ଥାନା ଅଞ୍ଚଳର ବହୁ ଲୋକଙ୍କୁ ସଂଗଠିତ କରିଥିଲେ । ଅଗଷ୍ଟ ମାସର ଗୋଟିଏ ଅପରାହ୍ନରେ ଚାରିଆଡ଼ୁ ପ୍ରାୟ ୧୦ ହଜାର ଲୋକ ଠେଙ୍ଗାବାଡ଼ି ଧରି ପାପଡ଼ାହାଣ୍ଡି ଫାଣ୍ଡି ଆକ୍ରମଣ କରିବାକୁ ଉଦ୍ୟତ ହୁଅନ୍ତେ ନଦୀ ପୋଲ ମୁଣ୍ଡରେ କେତେକ ସିପାହୀ ଆକ୍ରମଣକାରୀଙ୍କୁ ଅବରୋଧ କଲେ । ଅଧିକାଂଶ ଆକ୍ରମଣକାରୀ ପୋଲ ପାରି ହୋଇ ଫାଣ୍ଡିରେ ପହଞ୍ଚି ପାରିଥିଲେ ଅଳ୍ପ ସଂଖ୍ୟକ ପୋଲିସ କର୍ମଚାରୀଙ୍କ ପକ୍ଷରେ ଫାଣ୍ଡିକୁ ରକ୍ଷା କରିବା ଅସମ୍ଭବ ହୋଇଥାନ୍ତା । ତେଣୁ ସେମାନେ ବନ୍ଧୁକ ଧରି ପୋଲ ମୁହଁରୁ ଜନତା ଉପରକୁ ଗୁଳି ଚଳାଇଲେ । ଗୁଳି ମାଡ଼ରେ ପ୍ରାୟ ୧୧ ଜଣ ବ୍ୟକ୍ତି ଘଟଣା ସ୍ଥଳରେ ଟଳି ପଡ଼ିଲେ ଏବଂ ବହୁ ଲୋକ ଜୀବନ ଭୟରେ ପୋଲ ଉପରୁ ନଦୀ ଗର୍ଭକୁ ଡ଼େଇଁ ପଡ଼ିଲେ । ନଦୀ ସେତେବେଳେ ଜଳପୂର୍ଣ୍ଣ । ଡ଼େଇଁ ପଡ଼ିବା ଲୋକଙ୍କ ମଧ୍ୟରୁ କେତେକ ପହଁରି ଜୀବନ ରକ୍ଷା କରି ପାରିଲେ ଏବଂ ଆଉ କେତେ ଭାସିଯାଇ ଜଳ ସମାଧି ଲାଭ କଲେ ତାହାର ଠିକ୍ ହିସାବ ମିଳିଲା ନାହିଁ ।

ଗୁଳିକାଣ୍ଡ ପରେ ପୋଲିସ ଉପରୋକ୍ତ ଥାନା ଅଞ୍ଚଳମାନଙ୍କରେ ଗାଁ ଗାଁ ବୁଲି ଯେଉଁମାନେ ମେଳିରେ ଯୋଗ ଦେଇଥିଲେ ତାଙ୍କୁ ଧରିବା ପାଇଁ ଚେଷ୍ଟା କଲେ । ଏହିପରି ଭାବରେ ଲକ୍ଷ୍ମୀଚନ୍ଦ୍ର ଦାସଙ୍କୁ ମିଶାଇ ପ୍ରାୟ ୧୦୫ ଜଣ ଲୋକ ଆରେଷ୍ଟ ହୋଇ ନବରଙ୍ଗପୁରର ଗୋଟିଏ ପ୍ରାଇମେରୀ ସ୍କୁଲଗୃହରେ ଅବରୁଦ୍ଧ ହେଲେ ।

ସ୍କୁଲ ଗୃହଟି ଗୋଟିଏ ଅସ୍ଥାୟୀ ଜେଲରେ ପରିଣତ ହେଲା । ଜିଲ୍ଲାର ସମସ୍ତ ଜେଲ ଏବଂ ସବ୍‌ଜେଲ୍ ସେତେବେଳେ ସତ୍ୟାଗ୍ରହୀଙ୍କ ଦ୍ୱାରା ଭରପୂର ହୋଇ ରହିଥିଲା । ତେଣୁ ସ୍କୁଲ ଗୃହଟିକୁ ଅସ୍ଥାୟୀ ଜେଲରେ ପରିଣତ କରାଗଲା । ଉପରୋକ୍ତ ୧୦୫ ଜଣଙ୍କୁ ଅଟକ ରଖାଯାଇ ସେମାନଙ୍କ ବିରୁଦ୍ଧରେ ବେଆଇନ ମେଳି ଓ ଫାଣ୍ଡି ପୋଡ଼ିବା, ଷଡ଼ଯନ୍ତ୍ର କରିବା ପ୍ରଭୃତି ଅଭିଯୋଗ ଅଣାହେଲା ।

ପ୍ରାୟ ୫ ମାସ ଅଟକ ରହିଲା ପରେ ୧୯୪୩ ସାଲ ଫେବୃୟାରୀ ମାସରେ ସେହି ସ୍କୁଲ ପ୍ରାଙ୍ଗଣରେ ଗୋଟିଏ ଅସ୍ଥାୟୀ ଅଦାଲତ ସ୍ଥାପିତ ହୋଇ ସେମାନଙ୍କ ବିଚାର ପାଇଁ ମୁଁ ନିଯୁକ୍ତ ହେଲି । ବିଚାର ଆରମ୍ଭ ବେଳକୁ ୧୦୫ ଜଣ ବନ୍ଦୀଙ୍କ ଭିତରୁ ୧୦ ଜଣ ନାନା ବ୍ୟାଧିଗ୍ରସ୍ତ ହୋଇ ମୃତ୍ୟୁବରଣ କରିଥିଲେ । ଗୋଟିଏ ସଂକୀର୍ଣ୍ଣ ସ୍କୁଲ ଗୃହ ମଧ୍ୟରେ ଅତି ଅସ୍ୱାସ୍ଥ୍ୟକର ପରିବେଶରେ ଏତେ ଲୋକ ଅବରୁଦ୍ଧ ହେବା ଫଳରେ ସେମାନଙ୍କ ମୃତ୍ୟୁ ଘଟିଲା । ଦୀର୍ଘ ୫ ମାସ ମଧ୍ୟରେ ସେମାନେ ଏତେ ଶାରୀରିକ କଷ୍ଟ ଭୋଗ କରିଥିଲେ ଯେ ତତ୍‌କାଳୀନ ଗୋରା ଜିଲ୍ଲାଧୀଶ ଉଇଲକକ୍ ଦୟା ପରବଶ ହୋଇ ଅତିଶୀଘ୍ର ମକଦ୍ଦମା ବିଚାର ଶେଷ କରିବାକୁ ମୋତେ ଉପଦେଶ ଦେଇଥିଲେ ଏବଂ ଆଉ ମଧ୍ୟ ଇଙ୍ଗିତ ଦେଇଥିଲେ ଯେ କାର୍ଯ୍ୟବିଧି ଆଇନର ୫୬୨ ଦଫା ଅନୁଯାୟୀ ଯଦି କେହି ଅଭିଯୁକ୍ତ ବ୍ୟକ୍ତି ଦୋଷ ସ୍ୱୀକାର କରି ଆଉ ଆନ୍ଦୋଳନରତ ହେବ ନାହିଁ ବୋଲି ଚୁକ୍ତିପତ୍ର ସ୍ୱାକ୍ଷର କରିବାକୁ ଇଚ୍ଛୁକ ହୁଏ  ତାହାହେଲେ  ତାକୁ ଛାଡ଼ି ଦିଆଯିବା ଉଚିତ । ଏପରି ଇଙ୍ଗିତରେ ମୁଁ ଆନ୍ତରିକ ଆଶ୍ୱସ୍ତି ଉପଭୋଗ କରିଥିଲି ଏବଂ ଅଭିଯୁକ୍ତଙ୍କ ନେତା ଲକ୍ଷ୍ମୀଚନ୍ଦ୍ର ଦାସ ମଧ୍ୟ ବନ୍ଦୀମାନଙ୍କ ପ୍ରତି ମୋର ଆନ୍ତରିକ ସହାନୁଭୂତି ଲକ୍ଷ୍ୟ କରିପାରିଥିଲେ ।

ବିଚାର ପ୍ରାୟ ୩ ସପ୍ତାହ ଚାଲିଲା ଏବଂ ବନ୍ଦୀମାନଙ୍କ ତରଫରୁ କେହି ଓକିଲ ନ ଥିବାରୁ ଲକ୍ଷ୍ମୀଚନ୍ଦ୍ର ଦାସ ସ୍ୱୟଂ ସାକ୍ଷୀମାନଙ୍କୁ ତାଙ୍କ ବୁଦ୍ଧି ଅନୁଯାୟୀ ଜେରା କରୁଥିଲେ । ଜେରାର ମୁଖ୍ୟ ଧାରା ଥିଲା ମେଳିରେ କୌଣସି ମୁଦାଲାର ଉପସ୍ଥିତି ସମ୍ବନ୍ଧରେ ସାକ୍ଷୀର ଉକ୍ତି କେତେଦୂର ବିଶ୍ୱାସଯୋଗ୍ୟ । ଏହି ମାପକାଠିରେ କୌଣସି ମୁଦାଲା ସମ୍ପର୍କରେ ଅନ୍ତତଃ ଦୁଇଜଣ ସାକ୍ଷୀଙ୍କ ଉକ୍ତି ନିର୍ଭରଯୋଗ୍ୟ । ନ ହେଲେ ଉକ୍ତ ମୁଦାଲାକୁ ଦୋଷୀ ସାବ୍ୟସ୍ତ କରିବି ନାହିଁ ବୋଲି ମୁଁ ମନେ ମନେ ସ୍ଥିର କରିଥିଲି । ୩ ସପ୍ତାହ ବ୍ୟାପୀ ବିଚାରରେ ପ୍ରାୟ ୧୧୦ ଜଣ ସାକ୍ଷୀଙ୍କ ଜମାନବନ୍ଦୀ ନିଆଯିବା ପରେ ମୁଁ ପ୍ରାୟ ୧୫ ଜଣ ମୁଦାଲାଙ୍କୁ ଖଲାସ କରିଦେଇଥିଲି ଏବଂ ବାକି ପ୍ରାୟ ୯୦ ଜଣଙ୍କୁ ଜେଲ ଦଣ୍ଡ ଦେବାର କଥା । ୮୭  ଜଣ ବନ୍ଦୀ ୬ ମାସ ଠାରୁ ୩ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ଭୋଗ କରିବାକୁ ଆଦେଶ ଗ୍ରହଣ କଲେ । ନିଜେ ଲକ୍ଷ୍ମୀଚନ୍ଦ୍ର ଦାସ ୩ ବର୍ଷ କାରାଦଣ୍ଡ ଭୋଗିଥିଲେ ।

ଏହି ମକଦ୍ଦମାର ବିଚାରପତି ହିସାବରେ ମୁଁ ଲକ୍ଷ୍ମୀଚନ୍ଦ୍ର ଦାସଙ୍କୁ ଏବଂ ସେ ମୋତେ ଜାଣିବାକୁ ସୁବିଧା ମିଳିଥିଲା । ପରବର୍ତ୍ତୀ କାଳରେ ସେ ସର୍ବଦା ମୋର ଜଣେ ଶୁଭେଚ୍ଛୁ ଥିଲେ । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ୧୨ ବର୍ଷ ପରେ ୧୯୫୫ ସାଲରେ ମୁଁ ପୁଣି କୋରାପୁଟ ଜିଲ୍ଲାରେ ଜିଲ୍ଲାପାଳ ପଦବୀରେ ଉପସ୍ଥାପିତ ହେଲି ଏବଂ ପୁଣି ଲକ୍ଷ୍ମୀଚନ୍ଦ୍ର ଦାସଙ୍କ ସହିତ ମୋର ଭେଟ ହେଲା ।

ମୁଁ ସବୁବେଳେ ଲକ୍ଷ୍ୟ କରିଛି ଲକ୍ଷ୍ମୀଚନ୍ଦ୍ର ଦାସଙ୍କର କ୍ଷମତା ଲୋଭ ନଥିଲା ଏବଂ ସେ କେବେହେଁ ସୁବିଧାବାଦୀ ନ ଥିଲେ । ତାଙ୍କର ରାଜନୈତିକ ଜୀବନ ନିର୍ମଳ ଓ ଆଦରଣୀୟ । ତାଙ୍କ ଆଦର୍ଶ ସମସ୍ତ  ସାଧାରଣ କର୍ମୀଙ୍କୁ ଉଦ୍‌ବୁଦ୍ଧ କରୁ ।

(୧୯୮୬ ଶ୍ରାଦ୍ଧ ବାର୍ଷିକୀ ସ୍ମରଣିକାରୁ ଉଦ୍ଧୃତ)

*****

# କୋରାପୁଟର ଆଲୋକ ବର୍ତ୍ତିକା

**-ରଘୁନାଥ ପଟ୍ଟନାୟକ**
ଅଧ୍ୟକ୍ଷ, ବିଧି ପୁନ୍ନରୀକ୍ଷଣ କମିଟି, ଓଡ଼ିଶା

କୋରାପୁଟ ଜିଲ୍ଲାର ଲୋକପ୍ରିୟ ସାପ୍ତାହିକ ପତ୍ରିକା 'ଜନସଖା'ର ଜନ୍ମଦାତା ଏବଂ ପ୍ରତିଷ୍ଠାତା ସ୍ୱର୍ଗତ ଲକ୍ଷ୍ମୀଚନ୍ଦ୍ର ଦାସ ଓରଫ ଲକ୍ଷ୍ମୀବାବୁଙ୍କର ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଅବସରରେ 'ଜନସଖା'ର ସ୍ମରଣିକା ପ୍ରକାଶନ ନିତାନ୍ତ ସମୟୋପଯୋଗୀ । ଏହା ଫଳରେ ଧଳା ଖଦଡ଼ଧୋତି ଓ ହାଫ୍‌ସାର୍ଟ ପରିହିତ ଲକ୍ଷ୍ମୀବାବୁଙ୍କର ସହାସ୍ୟ ବଦନକୁ ଯେ କେବଳ ଆମେ ସ୍ମୃତିପଟରେ ଦେଖିପାରିବା ତା ନୁହଁ, ଏହା ଦ୍ୱାରା ତାଙ୍କର ମାନବିକ ଗୁଣାବଳୀ ଓ ସ୍ପଷ୍ଟବାଦୀତା ପୁଣି ଥରେ ଜନସଖାର ପାଠକମାନଙ୍କ ମନକୁ ଆନ୍ଦୋଳିତ କରିବ ।

ଲକ୍ଷ୍ମୀବାବୁ ମରି ନାହାନ୍ତି ଯେ ତରି ଯାଇଛନ୍ତି । ତାଙ୍କରି ଜୀବିତାବସ୍ଥାରେ ସେ ଯେତେ ବେଳେ ଅନ୍ୟାୟ ଅନୀତିର ବିଶ୍ୱରୂପ ଦେଖୁଥିଲେ ନିଜ ଜୀବନକୁ ଧୋକ୍‌କାରି କହୁଥିଲେ ଯେ ଏହି ସବୁ ଦେଖିବା ଅପେକ୍ଷା ମରିଯିବା ହିଁ ଭଲ । କାରଣ ସେ ଥିଲେ ଜଣେ ଗାନ୍ଧୀବାଦୀ, ଦୁର୍ନୀତି ଦୁରାଚାରର ବିରୋଧୀ ।

ତାଙ୍କରି ''ଜନସଖା'' ରହିଛି । ଅନେକ ସାଙ୍ଗସଭା ସହକର୍ମୀ ଅଛନ୍ତି କିନ୍ତୁ ତାଙ୍କରି ସହିତ ଚାଲିଗଲା ତାଙ୍କରି ନିର୍ଭୀକତା ଏବଂ ନିରୋଳା ଜାତୀୟତା । ସ୍ୱର୍ଗତ ଲକ୍ଷ୍ମୀଚନ୍ଦ୍ର ଦାସଙ୍କର ନ ଥିଲା ଆମ୍ଭୃଗର୍ବ । ଥିଲା କେବଳ ଗରିବ ତଥା ଆଦିବାସୀ ହରିଜନଙ୍କ ସୁଖସମୃଦ୍ଧି ପାଇଁ ଆବେଗ ଏବଂ ସାମାଜିକ ତଥା ଶାସନରେ ଦୋଷ ତୃଟି ବିରୋଧରେ ଦୃଢ଼ ମନୋବଳ । ସେ ଜାତୀୟ କିମ୍ବା ରାଜ୍ୟସ୍ତରୀୟ ନେତାଙ୍କ ଭଳି ଗୌରବର ଅଧିକାରୀ ନ ଥିଲେ ମଧ୍ୟ କୋରାପୁଟିଆ କଂଗ୍ରେସ କର୍ମୀଙ୍କ ଦୃଷ୍ଟିରେ ସେ ଥିଲେ ସମସ୍ତଙ୍କ ଅତି ପ୍ରିୟ । ସ୍ୱାଧୀନତା ପୂର୍ବ ଏବଂ ପର ରାଜନୈତିକ ଘଟଣା ବଳୀକୁ ପଖାଳି ସେ ତାଙ୍କର ପଖାଳ (ଭାତ) ପ୍ରିୟ ଆଦିବାସୀ ହରିଜନ କର୍ମୀ ତଥା ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ ଯୋଗାଇ ଦେଉଥିଲେ । ଆଜି ଆଉ ସେ ପଖାଳ ନାହିଁ କି ତବତ ମଧ୍ୟ ନାହିଁ । ଆଜି ସାରା ଦେଶରେ ମରୁଡ଼ି କୋରାପୁଟ ଅବସ୍ଥା ମଧ୍ୟ ଅତୀବ ଶୋଚନୀୟ । ଗତବର୍ଷ ବର୍ଷାଭାବରୁ ସୁଆଁ, ମାଣ୍ଡିଆ କୁଦ ଗୁରଜୀ ପ୍ରଭୃତି ଖାଦ୍ୟଶସ୍ୟ ଏବଂ ଅଳସୀ ତେନ୍ତୁଳି ଭଳି ଅର୍ଥକାରୀ ଫସଲ ପୋଡ଼ି ହୋଇଯାଇଥିଲା । ଏ ବର୍ଷ ସେସବୁ ସମେତ ଧାନ ଜମିର ଫସଲ ପୋଡ଼ିଯାଇଛି। ଲୋକେ ଋଣ ଭାରରେ ବୁଡ଼ି ରହିଛନ୍ତି । ସରକାର ଯାହା ସାହାଯ୍ୟ ପଠାନ୍ତି ସେ ସବୁତ କର୍ମଚାରୀଙ୍କୁ ଅଣ୍ଟୁ ନାହିଁ, ଲୋକେ ପାଇବେ କେଉଁଠୁ ? ଉପଯୁକ୍ତ ଖାଦ୍ୟ ନପାଇ ପାହାଡ଼ ଉପର ଲୋକେ ବିଶେଷ କରି ପିଲାମାନେ ରୋଗବ୍ୟାଧିର ଶୀକାର ହୋଇ ମରି ପଡୁଛନ୍ତି । ତାଙ୍କ ପାଇଁ ଡ଼ାକ୍ତର ନାହିଁ, ଔଷଧ ନାହିଁ, ସେବା କିମ୍ବା ଚିକିତ୍ସା ନାହିଁ । କେତେକ ଲୁଗା ଅଭାବରେ ଅଖା ପିନ୍ଧନ୍ତି, ପାନୀୟ ଜଳ ଅଭାବରୁ ନାଳ ନର୍ଦ୍ଦମାର ପାଣି ପିଅନ୍ତି । ଲାଞ୍ଚମିଛ ଅନ୍ୟାୟ ଅନୀତି ସବୁ ପୂର୍ବକାଳଠୁ ବଳି ପଡ଼ିଲାଣି । ଲକ୍ଷ୍ମୀବାବୁ କଣ ଏସବୁ ସହ୍ୟ କରି ପାରିଥାଆନ୍ତେ ।

ଆଜି ମଧ୍ୟ ଆମ ଗାଁ ଗହଳିର ଲୋକେ କହନ୍ତି - ''ଲକ୍ଷ୍ମୀବାବୁ ମରେ ନାଇ ଯେ ଆମର ଯୋଇ ଲିଭିଗଲା ।'' ପ୍ରକୃତରେ ସେ ଥିଲେ କୋରାପୁଟ ଜିଲ୍ଲାର ଆଲୋକବର୍ତ୍ତିକା ।

(ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ସ୍ମରଣିକାରୁ ଉଦ୍ଧୃତ - ୧୯୮୭)

*******

# ସେ ଥିଲେ ଜଣେ ବିପ୍ଳବୀ ନେତା

**-ନୃସିଂହାନନ୍ଦ ବ୍ରହ୍ମା**
ବିଧାୟକ, କୋରାପୁଟ

ଭାରତ ମାତାଙ୍କର କୋଳରେ ଜନ୍ମଗ୍ରହଣ କରିଥିବା କେତେକ ବିପ୍ଳବୀଯୁବକ ସ୍ୱାଧୀନତା ଆନ୍ଦୋଳନରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରୁ ଚନ୍ଦ୍ରଶେଖର ଆଜାଦ, ଖୁଦିରାମ୍, ଭଗବତ ସିଂହ, ଶ୍ରୀ ଅରବିନ୍ଦ ଅବିସ୍ମରଣୀୟ । ବ୍ରିଟିଶ୍ ସାମ୍ରାଜ୍ୟବାଦକୁ ଏମାନେ ଦୋହଲାଇ ଦେଇଥିଲେ । ସେହିପରି ଓଡ଼ିଶାରେ ଯେଉଁ କେତେଜଣ କୃତିସନ୍ତାନ ଜନ୍ମଗ୍ରହଣ କରିଥିଲେ ଯେଉଁ ମାନେ କି ସ୍ୱାଧୀନତା ଆନ୍ଦୋଳନରେ ବୈପ୍ଳବିକ ଭୂମିକା ଗ୍ରହଣ କରିଥିଲେ ଏବଂ ନିଜକୁ ଉତ୍ସର୍ଗ କରିଥିଲେ, ସେମାନଙ୍କ ମଧ୍ୟରୁ କୋରାପୁଟ ଜିଲ୍ଲାର ନବରଙ୍ଗପୁର ସହରରେ ଜନ୍ମଗ୍ରହଣ କରି ଥିବା ବିପ୍ଳବୀ ଲକ୍ଷ୍ମୀଚନ୍ଦ୍ର ଦାସ ଅନ୍ୟତମ । ତାଙ୍କ ସମ୍ପର୍କରେ ଆଲୋଚନା କଲାବେଳେ କୋରାପୁଟ ଜିଲ୍ଲାର ସ୍ୱରାଜ ଆନ୍ଦୋଳନର ସୂତ୍ରପାତରେ ସେ ଓତଃପ୍ରୋତ ଭାବେ ଘନିଷ୍ଠ ଭାବେ ଜଡିତ ।

ସ୍ୱରାଜ ଆନ୍ଦୋଳନରେ କୋରାପୁଟ ଜିଲ୍ଲା କଂଗ୍ରେସ କମିଟି ମୁଖ୍ୟ ଭୂମିକା ଗ୍ରହଣ କରିଥିଲା । ଏହା ତାର ଜୀବନ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ମୂହୁର୍ତ୍ତ ଥିଲା । ଏହି ସମୟରେ ଜିଲ୍ଲା ନେତା ଓ କର୍ମୀଙ୍କ ଅପୂର୍ବ ତ୍ୟାଗ ଉତ୍ସର୍ଗର ନିଦର୍ଶନ ଦେଖିବାକୁ ମିଳେ ।

୧୯୪୨ ଅଗଷ୍ଟ ମାସ ଦୁଇ ତାରିଖରେ କୋରାପୁଟ ଜିଲ୍ଲା କଂଗ୍ରେସ କମିଟିର ଏକ ପୂର୍ଣ୍ଣାଙ୍ଗ ଅଧିବେଶନ ଆହୂତ ହୋଇଥିଲା । ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ଅହିଂସା ସଂଗ୍ରାମ କିପରି ଭାବେ କାର୍ଯ୍ୟକାରୀ ହେବ, ସେଥିପାଇଁ ଏକ କାର୍ଯ୍ୟକ୍ରମ ପ୍ରସ୍ତୁତ କରି ସମସ୍ତ କଂଗ୍ରେସ କର୍ମୀଙ୍କୁ ସଜାଗ କରାଗଲା । ନିଖିଳ ଭାରତ କଂଗ୍ରେସ କମିଟି ବୈଠକରେ ଯୋଗଦେବା ପାଇଁ ରାଧାକୃଷ୍ଣ ବିଶ୍ୱାସରାୟ ବମ୍ବେ ଗଲେ । ଅଗଷ୍ଟ ସାତ ଓ ଆଠ ତାରିଖ ଦୁଇଦିନ କମିଟିରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି 'ଭାରତ ଛାଡ଼' ପ୍ରସ୍ତାବ କଂଗ୍ରେସ ଗ୍ରହଣ କରିଥିଲା । ବମ୍ବେ ଛାଡ଼ିବା ପୂର୍ବରୁ ବିଶ୍ୱାସରାୟ, ରାଧାମୋହନ ସାହୁ, ଲକ୍ଷ୍ମୀଚନ୍ଦ୍ର ଦାସ ଓ ବିଶ୍ୱନାଥ ପଟ୍ଟନାୟକଙ୍କ ପାଖକୁ ଗୁପ୍ତ ଚିଠି ପଠାଇ କଂଗ୍ରେସର କାର୍ଯ୍ୟକ୍ରମ ନିଷ୍ପତ୍ତି ଜଣାଇ ଦେଇଥିଲେ । ଜୟପୁର ଠାରେ ରାଧାମୋହନ ସାହୁ, ନବରଙ୍ଗପୁର ଠାରେ ସଦାଶିବ ତ୍ରିପାଠୀ ଓ ବିଶ୍ୱାସରାୟ ବମ୍ବେରୁ ଫେରିଲା ବେଳେ କୋରାପୁଟ ଠାରେ ଗିରଫ ହେଲେ ।

କୋରାପୁଟ ଜିଲ୍ଲାର ସ୍ୱାଧୀନତା ଆନ୍ଦୋଳନରେ ଯେଉଁ ସଂଗ୍ରାମୀମାନେ ମୁଖ୍ୟ ଭୂମିକ ଗ୍ରହଣ କରିଥିଲେ, ସେମାନଙ୍କ ମଧ୍ୟରୁ ସ୍ୱର୍ଗତ ଲକ୍ଷ୍ମୀଚନ୍ଦ୍ର ଦାସ ପ୍ରମୁଖ ଥିଲେ । ବିଶ୍ୱାସରାୟ ଗୁପ୍ତ ଚିଠିଟି ଲକ୍ଷ୍ମୀଚନ୍ଦ୍ର ଦାସଙ୍କୁ ତାଙ୍କ ଭାଇ ରାମଚନ୍ଦ୍ର ଦାସଙ୍କ ମାରଫତରେ ପଠାଇଥିବା ଜଣାପଡ଼ିବା ପରେ ରାମଚନ୍ଦ୍ରଙ୍କୁ ସରକାରୀ କାର୍ଯ୍ୟରୁ ବହିଷ୍କାର କରାଯାଇଥିଲା । ଏ ପରିବାରକୁ ବହୁବାର ତତ୍‌କାଳୀନ ବ୍ରିଟିଶ୍ ସରକାରଙ୍କ କୋପଦୃଷ୍ଟିର ଶୀକାର ହେବାକୁ ପଡିଥିଲା ।

ନବରଙ୍ଗପୁର କଂଗ୍ରେସ ଅଫିସରେ ଏକ ସାଇକେଲଷ୍ଟାଇଲ୍ ମୁଦ୍ରଣ ଯନ୍ତ୍ର ଥିଲା । ଏହା ସ୍ୱରାଜ ସଂଗ୍ରାମ ପାଇଁ ବହୁତ କାର୍ଯ୍ୟରେ ଆସିଥିଲା । ବିଶ୍ୱାସରାୟଙ୍କ ଚିଠି ପାଇବା ପରେ ଏହି ସାଇକେଲଷ୍ଟାଇଲ୍ ମୁଦ୍ରଣ ଯନ୍ତ୍ର ସାହାଯ୍ୟରେ ହଜାର ହଜାର ପ୍ରଚାରପତ୍ର ଛପାଯାଇ ରାତାରାତ ବିଭିନ୍ନ ସ୍ଥାନକୁ ଲକ୍ଷ୍ମୀଚନ୍ଦ୍ର ଦାସ ପଠାଇବାର ବ୍ୟବସ୍ଥା କରିଥିଲେ । ଏଥିରେ ଲେଖା ଥିଲା- 'ଗାନ୍ଧୀ ମହାତ୍ମାର ଡ଼ାକ ସ୍ୱରାଜ ପାଇଁ ଲଢ଼େଇ କର, ନିଜକୁ ନିଜେ ନେତା ବୋଲି ଭାବ, ସରକାର ବୋଲି କେହି ନାହିଁ । ପାନୁ ସିସ୍ତୁ ମେଡ଼ି ଦିଅ ।' ଲକ୍ଷ୍ମୀଚନ୍ଦ୍ର ଦାସ

ପ୍ରଚାରପତ୍ର ଡ଼ାବୁଗାଁ, ଉମରକୋଟ, ରାଇଘର, କୋଡ଼ିଙ୍ଗା, ପାନାବେଡ଼ା ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରେ ବଣ୍ଟନ ପାଇଁ ରାତାରାତି ପଠାଇ ଦେଇଥିଲେ ।

"On 13.8.1942, Lakhmi Chandra Das of Nowrangpur visited Dabugam and informed Sonu Majhi to break law. At the same time he instighted to damage Soraguda Bridge and Jatabal Bridge." (ନବରଙ୍ଗପୁରର ଲକ୍ଷ୍ମୀଚନ୍ଦ୍ର ଦାସ ଡ଼ାବୁଗାଁ ହାଟକୁ ଆସିଥିଲେ ଏବଂ ସେ ଆଇନ ଅମାନ୍ୟ ଆନ୍ଦୋଳନ କରିବାକୁ ସନୁ ମାଝୀକୁ ପରାମର୍ଶ ଦେଇଥିଲେ ଏବଂ ସରାଗୁଡ଼ା ଓ ଜଟାବାଲ ବ୍ରିଡ଼ଜ ନଷ୍ଟ କରିଦେବାକୁ ପ୍ରବର୍ତ୍ତାଇ ଥିଲେ ।) ଏହା ତତ୍କାଳୀନ ପୋଲିସର ରିର୍ପୋଟରେ ଉଲ୍ଲେଖିତ ହୋଇଛି।

ଚାରି ଆଡ଼େ ଲଢ଼େଇ ଆରମ୍ଭ ହୋଇଗଲା । ବ୍ରିଡ଼ଜ ଭଙ୍ଗା ଟେଲିଫୋନ ତାର କଟା ବ୍ୟାପକ ଭାବେ ଚାଲିଲା । ଜିଲ୍ଲାର ସମସ୍ତ କଂଗ୍ରେସ ଅଫିସକୁ ଜବତ କରାଗଲା । ୧୯୪୨ ଅଗଷ୍ଟ ୨୪ ତାରିଖରେ ମାଧବ ପ୍ରଧାନୀଙ୍କ ନେତୃତ୍ୱରେ ହଜାର ହଜାର କଂଗ୍ରେସ କର୍ମୀ ଏକତ୍ରିତ ହୋଇ ଏକ ଶୋଭାଯାତ୍ରାରେ ଡ଼ାବୁଗାଁ ଅଭିମୁଖେ ଯାଉଥିଲେ । ସଂଗ୍ରାମୀମାନେ ପତକା ସହ ଟାଙ୍ଗୀ, ଠେଙ୍ଗା, ବଟାନଳୀ ମଧ୍ୟ ନିଜ ସାଙ୍ଗରେ ଆଣିଥିଲେ । ତୁରୀ ନଦୀ ନିକଟରେ ସଂଗ୍ରାମୀମାନେ ପାଦଦେବା ସଙ୍ଗେ ସଙ୍ଗେ ସଶସ୍ତ୍ର ପୋଲିସ ପହଞ୍ଚିଯାଇଥିଲେ । ସଂଗ୍ରାମୀମାନେ ଖସି ପଳାଇବାକୁ ରାସ୍ତା ନ ଥିଲା। ପୋଲିସ ଗୁଳି ଚଳାଇଲେ, ୧୧ ଜଣ ସଂଗ୍ରାମୀ ପୋଲିସ ଗୁଳିରେ ଘଟଣାସ୍ଥଳରେ ମୃତ୍ୟୁବରଣ କଲେ ଏବଂ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ କଂଗ୍ରେସ କର୍ମୀ ସ୍ୱାଧୀନତା ସଂଗ୍ରାମୀ ଗୁରୁତର ଭାବେ ଆଘାତ ପାଇ ନବରଙ୍ଗପୁର ଡ଼ାକ୍ତରଖାନାରେ ଚିକିତ୍ସିତ ହେଲେ । ତୁରୀ ନଦୀ କୂଳରେ ବ୍ରିଟିଶ୍ ଗୁଳି ବର୍ଷଣ ଚାଲିଥିବା ସମୟରେ ଜଣେ ସଂଗ୍ରାମୀ ସି.୧୭୦ ସିପାହୀକୁ ଟାଙ୍ଗୀମାଡ଼ରେ ଆହତ କରିଥିଲେ । ଉକ୍ତ ଆହତ ସିପାହୀର ନାମ ମୁତ୍ୟାଲୁ । ତାଙ୍କ କାନ ପଛପଟେ ଟାଙ୍ଗୀ ମାଡ଼ ହୋଇଥିଲା । କଂଗ୍ରେସ କର୍ମୀମାନଙ୍କ ଉପରେ ଅଦାଲତରେ ମକଦ୍ଦମା କରାଗଲା । ସ୍ୱର୍ଗତ ଲକ୍ଷ୍ମୀଚନ୍ଦ୍ର ଦାସ କର୍ମୀମାନଙ୍କ ତରଫରୁ ଅଦାଲତରେ ସାକ୍ଷ୍ୟ ଉପସ୍ଥାପନ କଲେ ଏବଂ ତାଙ୍କର ବଳିଷ୍ଠଯୁକ୍ତି ଫଳରେ କଂଗ୍ରେସ କର୍ମୀ ମାନଙ୍କ ଦଣ୍ଡ ଲାଘବ ହୋଇପାରିଥିଲା ।

କୋରାପୁଟ ଜିଲ୍ଲାରେ ଲକ୍ଷ୍ମୀଚନ୍ଦ୍ର ଦାସ କଂଗ୍ରେସ କର୍ମୀ ମହଲରେ ଏବଂ ସାଧାରଣଙ୍କ ନିକଟରେ ଲକ୍ଷ୍ମୀବାବୁ ନାମରେ ବିଶେଷ ପରିଚିତ ଥିଲେ । ଜଣେ ନିଷ୍ଠାପର ବିପ୍ଳବୀ କଂଗ୍ରେସ କର୍ମୀ । ଗରିବ ଲୋକଙ୍କ ଦୁଃଖ ଦେଖିଲେ ସେ ସହ୍ୟ କରିପାରୁ ନ ଥିଲେ । ତୁରନ୍ତ ପ୍ରତିକାର ପାଇଁ ସେ ଦୃଢ଼ ପଦକ୍ଷେପ ନେଉଥିଲେ । ଅନ୍ୟ ପକ୍ଷରେ ସେ କଂଗ୍ରେସ ଦଳର ଜଣେ ପ୍ରତିଭାଶାଳୀ ସଂଗଠକ ଥିଲେ । ସମସ୍ତ କର୍ମୀ ଏବଂ ନେତା ତାଙ୍କ କଥାକୁ ସମ୍ମାନ ଦେଉଥିଲେ । ୧୯୫୪ ମସିହାରେ ତାଙ୍କ ସହ ମୋର ନବରଙ୍ଗପୁର ଠାରେ ପ୍ରଥମ ସାକ୍ଷାତରେ ସେ ମୋତେ କହିଥିଲେ, 'ବ୍ରହ୍ମାବାବୁ ଆପଣ ଦେଶବାସୀଙ୍କ ସେବା କରନ୍ତୁ । ଅନ୍ୟ କାମରେ ମନ ବଳାନ୍ତୁ ନାହିଁ। ଦେଶସେବା ଦ୍ୱାରା ହିଁ ମନରେ ଶାନ୍ତି ଆସେ ।' ତାଙ୍କ କଥା ଆଜି ସୁଦ୍ଧା ସବୁବେଳେ ପ୍ରତିଧ୍ୱନିତ ହେଉଛି ।

ଲକ୍ଷ୍ମୀବାକୁ କ୍ଷମତା ରାଜନୀତିରେ ପ୍ରବେଶ କରିବାପାଇଁ ଚାହିଁଥିଲେ ସେ ଏମ୍.ଏଲ୍.ଏ., ଏମ୍.ପି. କିମ୍ବା ମନ୍ତ୍ରୀ ସହଜରେ ହୋଇପାରିଥାନ୍ତେ । କିନ୍ତୁ ଦେଶସେବା ତାଙ୍କର ବ୍ରତ ଥିଲା । ସେ କ୍ଷମତା ରାଜନୀତିର ଦୂରରେ ରହି ଦେଶସେବା କରି ନିଜ ଜୀବନକୁ ଉତ୍ସର୍ଗ କରିଥିଲେ ।

ସେ ରାମ ଭକ୍ତ ଥିଲେ ଏବଂ ସବୁବେଳେ ସତ୍ୟ ତାଙ୍କ ମୁଖରୁ ବାହାରୁଥିଲା । ଶ୍ରୀରାମଙ୍କର ଚରଣାରବିନ୍ଦରେ ନିଜ ମନକୁ ରଖି ଜନସେବା କରି ଚାଲିଥିଲେ ।

ଜନସେବା ପ୍ରେସରେ ତାଙ୍କର ଫୋଟକୁ ଦେଖିଲେ ଆଖିରୁ ଅଶ୍ରୁ ଗଡ଼ିପଡୁଛି । ସେହି ମହାନ ବ୍ୟକ୍ତି ଥିଲେ ମୋର ପଥ ପ୍ରଦର୍ଶକ । ତାଙ୍କରି ଚରଣରେ ମୋର ଭକ୍ତିର ନୈବେଦ୍ୟ ଆଜି ଅର୍ପଣ କରୁଛି ।

(ପ୍ରଥମ ଶ୍ରାଦ୍ଧବାର୍ଷିକୀ ସ୍ମରଣିକାରୁ ଉଦ୍ଧୃତ – ୧୯୮୭)

# କୋରାପୁଟିଆର ଗର୍ବ ଲକ୍ଷ୍ମୀଚନ୍ଦ୍ର ଆଙ୍ଗା

**-ଶ୍ରୀ ହାବିବୁଲ୍ଲା ଖାନ**
ରାଷ୍ଟ୍ରମନ୍ତ୍ରୀ,
ଗୋଷ୍ଠୀ ଉନ୍ନୟନ, ଗ୍ରାମ୍ୟ ପୁନର୍ଗଠନ

କୋରାପୁଟ ଜିଲ୍ଲାର ଗର୍ବ ହେଉଛନ୍ତି ସେହି ମହାପୁରୁଷମାନେ ଯେଉଁମାନେ କି ଦେଶ ଓ ଜାତି ପାଇଁ ସାରା ଜୀବନ ବିତାଇଛନ୍ତି । ଶହୀଦ ଲକ୍ଷ୍ମଣ ନାୟକ, ଲକ୍ଷ୍ମୀଚନ୍ଦ୍ର ଦାସ ଓ ସଦାଶିବ ତ୍ରିପାଠୀ ଏବଂ ଅନେକ ଯେଉଁମାନଙ୍କର ଶରୀର ବିସ୍ମୃତ ଗର୍ଭରେ ଲୀନ ହୋଇଗଲେ ମଧ୍ୟ ସେମାନେ ଆଜି ପର୍ଯ୍ୟନ୍ତ ବଞ୍ଚି ରହିଛନ୍ତି ।

ଲକ୍ଷ୍ମୀଚନ୍ଦ୍ର ଦାସ ମୋର ରାଜନୀତିକ ଗୁରୁ କହିଲେ ଅତ୍ୟୁକ୍ତି ହେବ ନାହିଁ । ମୁଁ ଜୀବନରେ ଦୁଇ ଜଣଙ୍କୁ ପ୍ରକୃତ ସମ୍ମାନ ଦେଇ ଆସିଛି । ପ୍ରଥମେ ମୋର ମାମୁଁ, ଏ. ଆର୍. ଖାନ୍, ଦ୍ୱିତୀୟରେ ଲକ୍ଷ୍ମୀଚନ୍ଦ୍ର ଆଙ୍ଗା । ଦୀର୍ଘଦିନର ରାଜନୀତି ଜୀବନ ମଧ୍ୟରେ ମୁଁ ଏପରି ଜଣେ ବ୍ୟକ୍ତିଙ୍କୁ ଦେଖିନାହିଁ ଯେ କି ଲକ୍ଷ୍ମୀଚନ୍ଦ୍ର ଆଙ୍ଗାଙ୍କ ଭଳି । ତାଙ୍କ ନିର୍ମଳ ହୃଦୟ ଓ ଶ୍ରେଷ୍ଠ ଆଚରଣ ଓ ତାଙ୍କର ନୀତି ତାଙ୍କୁ ଅମର କରି ରଖିଛି ।

ଲକ୍ଷ୍ମୀଚନ୍ଦ୍ର ଆଙ୍ଗା କୌଣସି ବ୍ୟକ୍ତିର ଭୁଲ ଦେଖିଲେ ସିଧା ସିଧା 'ଜନସଖା'ରେ ବାହାର କରୁଥିଲେ । ମୁଁ ନିଜେ କିମ୍ବା ଯେ କୌଣସି ରାଜନୀତିଜ୍ଞ ଭୁଲ କରି ଲକ୍ଷ୍ମୀଚନ୍ଦ୍ର ଆଙ୍ଗାଙ୍କ ପାଖରୁ ଖସିଯିବାର ବାଟ ନ ଥିଲା । ମୁଁ ଯେତେବେଳେ ପ୍ରଥମେ ଏମ୍.ଏଲ୍.ଏ. ହୋଇ ତାଙ୍କ ପାଖକୁ ଆଶୀର୍ବାଦ ପାଇଁ ଯାଇଥିଲି, ସେ ଯାହା କହିଥିଲେ ତାହା ଆଜି ପର୍ଯ୍ୟନ୍ତ ମୋର ମନେ ଅଛି । ସେ କହିଥିଲେ, 'ସେ ଯାହାହେଉ ଆଜି ନବରଙ୍ଗପୁର ଗୋଟିଏ ଯୁବକକୁ ପାଇଲା ଓ ଏହା ଦ୍ୱାରା ଆମ ଅଞ୍ଚଳର ଅନେକ ଉନ୍ନତି ହେବ ।' ସେତିକି ନୁହେଁ, ଜନସଖା ଅଫିସରେ ମୋ ନାମରେ କିଏ କେବେ ମୋ ବିପକ୍ଷରେ କହୁଥିଲେ ସେ ସିଧା ସିଧା କହୁଥିଲେ ହାବିବୁଲା ସେପରି ଲୋକ ନୁହେଁ ।

ସେପରି ଜନସେବୀ ଆଜକୁ ଚାରିବର୍ଷ ତଳେ ଆମମାନଙ୍କଠାରୁ ବହୁ ଦୂରକୁ ଚାଲିଗଲେ । ତାଙ୍କର ଗୁଣ ଲୋକଙ୍କ ମନରୁ ଯାଇନାହିଁ; ସେ ସମସ୍ତଙ୍କ ପାଖରେ ବଞ୍ଚି ରହିଛନ୍ତି ଓ ବଞ୍ଚି ରହିବେ ମଧ୍ୟ । ଆଜି ତାଙ୍କର ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଦିବସରେ ମୁଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛି ତାଙ୍କର ଆତ୍ମା ପରମାତ୍ମାରେ ମିଶୁ । ପରିବାର କୁଶଳରେ ଥିବା ସଙ୍ଗେ ସଙ୍ଗେ ତାଙ୍କର ଆଶୀର୍ବାଦ ସବୁଦିନ ମୋ ପାଇଁ ଶୁଭାଶୀର୍ବାଦ ହୋଇ ରହୁ । ଏହାହିଁ ମୋର କାମନା ।

(ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ସ୍ମରଣିକାରୁ ଉଦ୍ଧୃତ - ୧୯୮୯)

******

# ସେବା କରିବାରେ ଆନନ୍ଦ

**-ରାମନାଥ ପଣ୍ଡା**
ଭୁବନେଶ୍ୱର

ସ୍ୱର୍ଗତ ଲକ୍ଷ୍ମୀଚନ୍ଦ୍ର ଦାସଙ୍କ କଥା ମନେ ପଡ଼ିଲେ, ବହୁତ କଥା ମନେ ପଡ଼ିଯାଏ । ବହୁତ ଦିନ ଧରି ଆମେ ସବୁ ଗୋଟିଏ ସଂଗଠନ ମଧ୍ୟରେ କାମ କରିଥିଲୁ, ତେଣୁ ସେହି କାମ କରିବା ଭିତରେ କେତେ କେତେ ଘଟଣା ଘଟି ଯାଇଛି । ଏହିପରି କିଛି କିଛି କଥା ଘଟିଛି, ଯାହାକି ଆଜି ମଧ୍ୟ କହି ହେବ ନାହିଁ । କହିବା ଉଚିତ ହେବ ନାହିଁ । ବିଶେଷ କରି ଲକ୍ଷ୍ମୀବାବୁ ଯେପରି ମୁଁହଖୋର, ଖାରାଖାଣ୍ଡି ଲୋକ, ସେଥିରେ ହାଁ ହାଁ କରୁ କରୁ ଅନେକ କିଛି ଘଟିଯାଏ । ସେ ଯାହା ସତ୍ୟ ମଣୁ ଥିଲେ, ଠିକ୍ ବୋଲି ଭାବୁଥିଲେ ତଳେ ପଡୁ କି ଉପରେ ପଡୁ କହି ଦେଉଥିଲେ, କରି ପକାଉଥିଲେ । ଫଳରେ ବଡ଼ ଅଡୁଆ ପରିସ୍ଥିତି ବେଳେ ବେଳେ ସୃଷ୍ଟି ହେଉଥିଲା ।

ମୁଁ ଯେତେବେଳେ କୋରାପୁଟ ଜିଲ୍ଲା କଂଗ୍ରେସ କମିଟିର ସାଧାରଣ ସଂପାଦକ ଥିଲି, ସେତେବେଳେ ମୁଖ୍ୟତଃ ତିନିଜଣଙ୍କୁ ଜଗିରଖି କାମ କରିବାକୁ ହେଉଥିଲା । ଜଣେ ହେଲେ ସଦାଶିବ ତ୍ରିପାଠୀ, ଅନ୍ୟ ଜଣକ ଜଗନ୍ନାଥ ରାଓ, ଆରଜଣକ ହେଲେ ଗଣେଶ୍ୱର ମହାପାତ୍ର । ଜଣେ ଥିଲେ ପ୍ରତିପତିଶାଳୀ ନେତା, ଅନ୍ୟଜଣକ ବିତ୍ତଶାଳୀ ଆଇନଜ୍ଞ, ଆର ଜଣକ ଭାରି ଅଖାଡୁଆ ପ୍ରକୃତିର ଏମ୍.ଏଲ୍.ଏ. ଓ ଜିଲ୍ଲା କଂଗ୍ରେସ କୋଷାଧ୍ୟକ୍ଷ । ଯେଉଁଦିନ ଯେଉଁ କଥା ଆଲୋଚନା କରିବାକୁ ଥାଏ, ସେ ବିଷୟରେ ଆଗରୁ ମୁଁ ସବୁକଥା ଲକ୍ଷ୍ମୀବାବୁଙ୍କୁ କହି ଦେଇଥାଏ । କାରଣ ଲକ୍ଷ୍ମୀବାବୁ ଯଦି କଥାଟି ଠିକ୍ ବୋଲି ବୁଝିଯାଇଥିବେ ତାହେଲେ ସଭାରେ ଆଉ ଇନ୍ଦ୍ରଚନ୍ଦ୍ର ମାନିବେ ନାହିଁ । ମୁଁ ଦେଖେ ସେ ଜଣେ ଲୋକ କେବଳ ଏହି ତିନ ଜଣଙ୍କୁ ଦବେଇ ପାରୁଥିଲେ ।

ଲକ୍ଷ୍ମୀବାବୁ ଭାରି ରାଗୀ ଲୋକ । ବିଶେଷ କରି ସର୍ବସାଧାରଣଙ୍କ ସ୍ୱାର୍ଥ ବିରୁଦ୍ଧରେ ଯଦି କିଏ କିଛି କରିବାକୁ ଯାଉଛି ବୋଲି ସେ ଜାଣିବେ, ତାହେଲେ ତାର ଜୀବନ ଖାଇଯିବେ ।

ଥରେ ଜୟପୁର ପାର୍ଲିଆମେଣ୍ଟ ନିର୍ବାଚନ ଚାଲିଥାଏ । ଜଗନ୍ନାଥ ରାଓ ଠିଆ ହୋଇଥାନ୍ତି । ନିର୍ବାଚନ ପ୍ରଚାରରେ ବୀରେନ୍ ମିତ୍ର ଆସିଥିଲେ । ସଭା ସରିଲାପରେ ଜୟପୁର ଗେଷ୍ଟ ହାଉସ୍‌ରେ ଭୋଜି ଖାଇଲା ବେଳେ ସଦାଶିବ ବାବୁ ମୋତେ କହିଲେ ବୀରେନ୍‌ବାବୁ ଏଠାରୁ ଏକୁଟିଆ ଝାରସୁଗୁଡ଼ା ଯିବେ ପ୍ଳେନ୍‌ରେ ତ ଜାଗା ଅଛି, ତୁ ତାଙ୍କ ସହ ଚାଲିଯା । ପରେ ଭୁବନେଶ୍ୱରରୁ ବସ୍‌ରେ ଫେରି ଆସିବୁ ।

ଏକଥା ଶୁଣି ଜଗନ୍ନାଥ ରାଓ ପରେ ମୋ ପାଖକୁ ଆସି କହିଲେ, ‘ଅସଲ ବେଳେ ତୁମେ ଚାଲିଗଲେ କିମିତି ହେବ ? ତୁମେ ଯାଅନାହିଁ ।’ କହୁ କହୁ ମୁଁ କହିଦେଲି ପ୍ଳେନ୍‌ରେ ଜାଗା ଖାଲି ଅଛି ବୋଲି ମୁଁ କଣ ସତରେ ଚାଲି ଯିବି ? ମୁଁ ଯିବା ପାଇଁ ଯେଉଁଦିନ ପ୍ଳେନ୍‌ରେ ସିଟ୍ ଖାଲି କରାଯିବ ସେଦିନ ଯାଇ ଯିବି । ଆପଣ କିଛି ବ୍ୟସ୍ତ ହୁଅନ୍ତୁ ନାହିଁ । ଏ କଥା ଶୁଣି ଜଗନ୍ନାଥ ବାବୁ ଖୁସିତ ହେଲେ କିନ୍ତୁ ସଦାଶିବ ବାବୁଙ୍କୁ ଲଗାଯୋଡ଼ା କରି ଏକଥା କହି ଦେଲେ । ସେଥିରେ ସଦାଶିବ ବାବୁ ମୋ ଉପରେ ଭୀଷଣ ଭାବେ ଚିଡ଼ିଗଲେ ।

ଏ ଅବାଞ୍ଛିତ ପରିସ୍ଥିତି ଦେଖି ମୁଁ ଲକ୍ଷ୍ମୀବାବୁଙ୍କ ନିକଟକୁ ଯାଇ ସବୁ କହିଲି । ବିସ୍ମୟର କଥା, ଅଳ୍ପ ସମୟ ମଧ୍ୟରେ ଲକ୍ଷ୍ମୀବାବୁ, ସଦାଶିବ ବାବୁ ଓ ଜଗନ୍ନାଥ ରାଓ ଉଭୟଙ୍କୁ ଏପରି ଶୋଧିଲେ ଯେ ଉଭୟ ଏକଦମ୍ ଚୁପ୍ ହୋଇଗଲେ ।

ସେ ଯାହା କହିଲେ, ତାର ସାରାଂଶ ହେଉଛି, ‘‘ରାମନାଥ ପଣ୍ଡା ଜଣେ କର୍ମୀ । ସେ କାମ କରିବା ଲୋକ । ଇଲେକ୍‌ସନ୍ ଚାଲିଛି । ଏଇଟା ଆମର ପ୍ରେଷ୍ଟିଜ୍ । ଏତିକିବେଳେ ସେ ନେତା ମାନଙ୍କର ବେଠିଆ କରିବାକୁ କାହିଁକି ଯିବ ? ସେ ଯାହା କହିଛି ଠିକ୍ କହିଛି । କିନ୍ତୁ ଏ ଜଗନ୍ନାଥ ରାଓ ଏମିତି ଲଗାଯୋଡ଼ା କରି କାହିଁକି କହିଲେ । ଇତ୍ୟାଦି.....ଇତ୍ୟାଦି..........

ମୋଟ କଥା ହେଉଛି କଂଗ୍ରେସ ଦଳର ଓ ଲୋକଙ୍କର କାମଠାରୁ ଲକ୍ଷ୍ମୀବାବୁଙ୍କ ଦୃଷ୍ଟିରେ ଆଉ କୌଣସି କଥା ବଡ଼ ନ ଥିଲା । ମୁଁ ଲକ୍ଷ୍ୟ କରିଛି ତାଙ୍କ ଜୀବନ କାଳ ଭିତରେ ସେ ଯଦି କିଛି ଆନନ୍ଦ ପାଉଥିଲେ, ତାହାଥିଲା ଲୋକଙ୍କ ସେବା କରିବାରେ ଆନନ୍ଦ । ଅନ୍ୟ କୌଣସି କଥା ବା ଉଚ୍ଚପଦ ପାଇଁ ତାଙ୍କର ଲାଳସା ନ ଥିଲା ।

‘ଜନସଖା’ ଯେତେବେଳେ ସେ ଆରମ୍ଭ କଲେ କେବଳ ପତ୍ରିକା ଜରିଆରେ ଲୋକଙ୍କର ଓ ଦେଶର ସେବା ପାଇଁ ହିଁ କଲେ । କାରଣ ଏହି ସେବା କରିବାରେ ହିଁ ସେ ପ୍ରକୃତ ଆନନ୍ଦ ପାଉଥିଲେ ।

(ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ସ୍ମରଣିକାରୁ ଉଦ୍ଧୃତ – ୧୯୮୭)

# ବିରଳ ବ୍ୟକ୍ତିତ୍ୱ

**– ଅଧ୍ୟାପକ ଶିବରାମ ପାତ୍ର**
ନବରଙ୍ଗପୁର

ଚିରକାଳ କେବଳ ତେଲଲୁଣର ସଂସାର ପ୍ରତି ଅଙ୍ଗୀକାରବଦ୍ଧ ଥାଇ ଆମର ଏ ସମାଜର ଅଧିକାଂଶ ଲୋକ ଜୀବନ ବିତାଇଛନ୍ତି । କ୍ୱଚିତ୍ ଲୋକ ଅଧିକା କିଛି କରିଥାନ୍ତି । ସେ 'କିଛିଟି' ବୃହତର ସମାଜ ପ୍ରତି ସ୍ମରଣୀୟ ଅବଦାନ ହୋଇଥାଏ । 'କିଛି ଲୋକ' 'କିଛି କରୁ ଥିବା' ଯୋଗୁଁ ଆମର ଏ ସଭ୍ୟତା, ଏ ସଂସ୍କୃତି । ତେଣୁ ସେ କିଛି ପାଇଁ ଆମର ଗୌରବ । ସେ କିଛି ଭିତରୁ ଆମର 'ଲକ୍ଷ୍ମୀବାବୁ' ଜଣେ ।

ଲକ୍ଷ୍ମୀବାବୁ ସାଧାରଣ ଭିତରୁ ଅସାଧାରଣ । ସାଧାରଣଙ୍କ ଭଳି ତାଙ୍କ ଦୈନନ୍ଦିନ ଜୀବନ ଅବଶ୍ୟ ଏକାପରି ଥିଲା । କିନ୍ତୁ ତାଙ୍କ ଚିନ୍ତା ଭାବନା ଦର୍ଶନ ଓ କର୍ମ ଅସାଧାରଣ ।

ଲକ୍ଷ୍ମୀଚନ୍ଦ୍ର ଦାସଙ୍କ ଶ୍ରାଦ୍ଧ ଅବସରରେ ପ୍ରକାଶିତ 'ଜନସଖା'ର ତିନୋଟି ବିଶେଷାଙ୍କରେ ତାଙ୍କ ସମୟର ଲୋକ ଯେଉଁମାନେ ତାଙ୍କର ପ୍ରତ୍ୟକ୍ଷ ସମ୍ପର୍କରେ ଆସିଥିଲେ ତାଙ୍କ ସମ୍ପର୍କରେ ଆପଣା ବକ୍ତବ୍ୟ ଛଳରେ ଯାହା କହିଛନ୍ତି ସେଥିରୁ ସ୍ପଷ୍ଟ ବୋଧ ହୁଏ - ଲକ୍ଷ୍ମୀବାବୁ ଜଣେ ନ୍ୟାୟ ନିଷ୍ଠ ସତ୍ୟନିଷ୍ଠ ନିର୍ଭୀକ ନିଷ୍ଠାପର ସଚ୍ଚୋଟ ଦୁର୍ନୀତିମୁକ୍ତ ନିରାଡ଼ମ୍ବର ନିରଳସ ସାହସୀ ଲଢୁଆ ତ୍ୟାଗୀ ଦେଶପ୍ରେମୀ ସାମ୍ବାଦିକ ସଂସ୍କାରକ ତଥା ରାଜନୈତିଜ୍ଞ ଥିଲେ ।

ଅସାଧାରଣ ବ୍ୟକ୍ତିଙ୍କ କାର୍ଯ୍ୟ ସର୍ବଦା ଅଦ୍‌ଭୁତ ଓ ଅଭିନବ । ସେମାନେ ଯାହା କହନ୍ତି ବା କରନ୍ତି ସମସାମୟିକ ସମାଜ ତାହା କ୍ୱଚିତ୍ ଗ୍ରହଣ କରିଥାଏ । ସମାଜର ସମଝଦାର ଲୋକ ତାର ସ୍ୱାଗତ କରିଥାନ୍ତି । ଲକ୍ଷ୍ମୀବାବୁଙ୍କ ଜୀବନରେ ଏପରି ଘଟିଛି ।

ଲକ୍ଷ୍ମୀବାବୁ ସମାଜସେବା ରାଜନୀତି ସାମ୍ବାଦିକତା ଆଦି ନା ନା କ୍ଷେତ୍ରରେ କାମ କରିବା ବେଳେ ଆପଣାର ସ୍ୱାତନ୍ତ୍ର୍ୟ ରକ୍ଷା କରିଛନ୍ତି । ନିର୍ଭୀକ ହୋଇ ନିଜ ଆଦର୍ଶରେ ଅଟଳ ରହିଛନ୍ତି । ସକଳ କ୍ଷେତ୍ରରେ ସଂସ୍କାର ଚାହିଁଛନ୍ତି - କଥା ଓ କର୍ମରେ ସମନ୍ୱୟ ରକ୍ଷା କରିଛନ୍ତି । ବିବାହ ବ୍ରତାଦି ସାମାଜିକ ଅନୁଷ୍ଠାନରେ ସାନ ସାନ ସଂସ୍କାର ଆଣି ସମାଜକୁ ସୁନ୍ଦର କରିହେବ – ଏ ବିଶ୍ୱାସ ତାଙ୍କର ଥିଲା । ତେଣୁ ଆପଣା ପୁତ୍ର ସତ୍ୟପ୍ରିୟ ରାମକୃଷ୍ଣର ବ୍ରତୋପନୟନ ଉତ୍ସବକୁ ବନ୍ଧୁମାନଙ୍କୁ ଯେଉଁ ମୁଦ୍ରିତ ନିମନ୍ତ୍ରଣ ପଠାଇଲେ ସେଥିରେ ସୂଚନା ଦେଇଥିଲେ – 'କ୍ଷମାଦେବ ବ୍ରତଭିକ୍ଷା ବେଳେ କିଛି ଦେବା ମନା ।'

ନମନ୍ତ୍ରଣ ପତ୍ରଟି ଏହିପରି ଥିଲା :-

*ଓଁ ଶ୍ରୀ ଗଣେଶଙ୍କୁ ଜୁହାର*

*ମହାଶୟ,*

*ମୁଁ ବଡ଼ ଆନନ୍ଦର ସହ ଆପଣଙ୍କୁ ନିମନ୍ତ୍ରଣ କରୁଅଛି ଯେ, ମୋର ପୁଅ ଆୟୁଷ୍ମାନ୍ ସତ୍ୟପ୍ରିୟ ରାମକୃଷ୍ଣର ପଇତାଲଗା ବ୍ରତ ଉତ୍ସବ ୧୮୮୬ ଶକାବ୍ଦ ମାଘ ମାସ ଶୁକ୍ଳ ଷଷ୍ଠୀ ରବିବାର ତା ୭.୨.୧୯୬୫ ଦିନ ଏକ ଘଣ୍ଟାରେ ବୃଷ ଲଗ୍ନରେ ନବରଙ୍ଗପୁରର ମୋର ଘରଠାରେ ହେବ ।*

*ଏଣୁ ଆପଣମାନେ ଦୟା କରି ସେହି ଉତ୍ସବରେ ଯୋଗ ଦେଇ ପୁଅକୁ ଆଶୀର୍ବାଦ ଦେବେ ବୋଲି ମୁଁ ଭକ୍ତିର ସହ ଅନୁରୋଧ କରୁଛି ।*

ନିନ୍ତନ୍ତ୍ରଣ ପତ୍ରଟିରେ ସୁଦ୍ଧା ଲକ୍ଷ୍ମୀଚନ୍ଦ୍ରଙ୍କ ସ୍ୱାତନ୍ତ୍ର୍ୟ । ନିମନ୍ତ୍ରଣ ପାଇ ଲକ୍ଷ୍ମୀଚନ୍ଦ୍ରଙ୍କ ବନ୍ଧୁମାନେ ଅଭିହୂତ ହୋଇଛନ୍ତି । ଓଡ଼ିଶାର ପ୍ରସିଦ୍ଧ ବ୍ୟକ୍ତି ଆପଣାର ଉତ୍ତରରେ ଆଶୀର୍ବାଦ ସହ ଲେଖନ୍ତି :

'ବ୍ରତ ବେଳେ ଭୀକ୍ଷା ଦେବା ମନା ।' ଏହା ଯୁଗୋପଯୋଗୀ ବିଚାର । ଏଥିପାଇଁ କୃତଜ୍ଞତା ଜଣାଉଛି ।

– ବିଶ୍ୱନାଥ ପଟ୍ଟନାୟକ

ବାଲିଗୁଡା


'ବ୍ରତ ଭୀକ୍ଷାବେଳେ କିଛି ଦେବା ମନା' କରି ଯେଉଁ ନୂତନ ପରମ୍ପରା ସୃଷ୍ଟି କଲେ । ଏଥିପାଇଁ ଉତ୍ସବରେ ଯୋଗଦେବାର ଭାରି ଇଚ୍ଛା ହେଉଛି ।

-ମଦନ ମୋହନ ସାହୁ

ପାଇକମାଳ

ସୁନ୍ଦର ଭାବେ ପ୍ରସ୍ତୁତ ଭାତ ହାଣ୍ଡିରୁ ଏ ଏକ ଦୃଷ୍ଟାନ୍ତ । ଏପରି ଆଉରି ଅନେକ ଅଛି ଯାହା ଶୁଣିଲେ ସୁଖ ମିଳିବ, ମନକୁ ଅନେକ ଜ୍ଞାନ ମିଳିବ ଓ ଶକ୍ତି ବଢ଼ିବ । ଲକ୍ଷ୍ମୀବାବୁଙ୍କ ପଥ ଓ ପୃଥିବୀ ତପନିଷ୍ଠ ସାଧକର ଥିଲା । ସେଥିଲେ ନିରହଙ୍କାର ନିସ୍ୱାର୍ଥ । ତେଣୁ ତଳୁ ଉପର ଯାଏ କୁଲି ନାଲି କରି ଚଳୁଥିବା ଲୋକଙ୍କର ଏସେମ୍ଲି, ପାର୍ଲିଆମେଣ୍ଟକୁ ନିର୍ବାଚିତ ହେବାକୁ ଚାହୁଁ ଥିବା ବା ନିର୍ବାଚିତ ହୋଇଥିବା ବିଶିଷ୍ଟ ରାଜନୈତିକ କର୍ମୀ ଓ ନେତାଯାଏ ସମାଜର ସକଳ ସ୍ତରର ସେ ଆଦରର ଲୋକ ଥିଲେ । ସମସ୍ତେ ତାଙ୍କର ସାହାଯ୍ୟ ସମର୍ଥନ ପରାମର୍ଶ ଆଶୀର୍ବାଦ ଚାହିଁଛନ୍ତି । ସେ ଏକ ବିରଳ ବ୍ୟକ୍ତିତ୍ୱ । ସେ ବ୍ୟକ୍ତିତ୍ୱର ଅଧିକ ଅଧ୍ୟୟନ ଲୋଡ଼ା । ସେଥିରୁ ଆମେ ଆମର ପଥ ଓ ପୃଥିବୀକୁ ମହନୀୟ କରି ଗଢ଼ିପାରିବା ।

(ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ସ୍ମରଣିକାରୁ ଉଦ୍ଧୃତ - ୧୯୮୯)



Regd No O—91

କୋରାପୁଟର ଏକମାତ୍ର ସରଳ ସାପ୍ତାହିକ ପତ୍ରିକା

# ଜନସଖା

"ଜନସଖା" ସୋମବାର ଦିନ ବାହାରେ
ବାର୍ଷିକ ଚାନ୍ଦା ଟ ୪୯
ଅର୍ଦ୍ଧ ବାର୍ଷିକ ଚାନ୍ଦା ଟ ୨୫

୩ୟ ବର୍ଷ ୪ର୍ଥ ସଂଖ୍ୟା | ନବରଙ୍ଗପୁର (କୋରାପୁଟ) ମାର୍ଚ୍ଚ ୨୧ ତାରିଖ ସୋମବାର ୧୯୬୦ | ମୂଲ୍ୟ ୭ ନୟା ପଇସା

## କୋରାପୁଟ ଜିଲାର କଂଗ୍ରେସ ଏମ୍, ପି ଓ ଏମ୍, ଏଲ, ଏ, ଙ୍କ ଇସ୍ତଫା ଦାବୀ

### କଂଗ୍ରେସ କର୍ମୀମାନଙ୍କର ବୈଠକ ଶୀଘ୍ର ବସୁଛି
### ସରକାର ଜିଲ୍ଲା ପ୍ରତି ହେଳା କରୁ ଥିବାରୁ କଂଗ୍ରେସ କର୍ମୀଙ୍କ ଭିତରେ ଅଶାନ୍ତି ଖେଳିଛି

(ନିଜ ପ୍ରତିନିଧିଙ୍କ ଠାରୁ)

ନବରଙ୍ଗପୁର ୨୦-୩- କୋରାପୁଟ ଜିଲାରେ ପୋଲିସ ଶାସନ ଦୁର୍ବଳତା, ଜଙ୍ଗଲ ଶାସନରେ ଲୋକଙ୍କ ଅସନ୍ତୋଷ ଉପରେ ଜିଲା କଂଗ୍ରେସ କାର୍ଯ୍ୟକାରୀ କମିଟି ପ୍ରସ୍ତାବ ଗ୍ରହଣ କରିଥିଲେ । ସେଥିରେ ଡାବୁଗାଁ ପୋଲିସ ସମ୍ବନ୍ଧରେ ବିଚାର ମଧ୍ୟ ହୋଇଥିଲା । ଓଡ଼ିଶା ବିଧାନ ସଭାରେ କୋରାପୁଟ ପୋଲିସ ଶାସନ ବିରୁଦ୍ଧରେ ଆଲୋଚନା ହୋଇ ଡାବୁଗାଁ ପୋଲିସ ... କୋରାପୁଟ ଜିଲା ପ୍ରତି ହେଉଥିବା ଅବହେଳା ଉପରେ ବିଚାର କରାଯିବ । ଆହୁରି ମଧ୍ୟ ଜଣାଯାଏ ଯେ ସେଥିରେ ଜିଲାର କଂଗ୍ରେସ ଏମ୍,ପି, ଓ ଏମ୍, ଏଲ,ଏ, ମାନଙ୍କୁ, ଜିଲାରେ ସରକାର କରୁଥିବା ଅବହେଳାର ପ୍ରତିବାଦ ସ୍ୱରୂପ, ସେମାନଙ୍କ ପ୍ରତିନିଧି ପଦ ଛାଡ଼ିବାକୁ ଦାବୀ କରାଯିବ ।

—o—

... ମାନେ ସେଠାର ଲୋକମାନଙ୍କୁ ନାନା କଥା କହି ଉରାଉଛନ୍ତି । ଆମ ହାତରେ ସବୁଅଛି । ପଇସା ଦେଲେ ସବୁ କରିଦେବୁ ବୋଲି କହୁଛନ୍ତି ବୋଲି ଖବର ମିଳେ ।

—o—

### ଓଡ଼ିଶା ବିଧାନ ସଭାରେ ପୋଲିସ ବିଷୟରେ କିଏ କଅଣ କହୁଛନ୍ତି

ପୋଲିସ ଅଫିସରଙ୍କୁ ଦଣ୍ଡଦେବା ଉଦ୍ଦେଶ୍ୟରେ ସରକାର ସେମାନଙ୍କୁ କୋରାପୁଟ ଜିଲାକୁ ବଦଳି କରି ଦେଉଛନ୍ତି । ଫଳରେ ସେମାନେ ସେଠାରେ ଯାଇ ଆଦିବାସୀ ହରିଜନ ...

## [illegible] ଖବର

—ଚୀନ ସୈନ୍ୟ ଭାରତର ପ୍ରାୟ ୨୦ ହଜାର ବର୍ଗ ମାଇଲ ଭୂମି ମାଡ଼ି ବସିଛନ୍ତି ।

—ଆସନ୍ତା ତୃତୀୟ ପଞ୍ଚବାର୍ଷିକ ଯୋଜନା ବିଷୟରେ ୩ ଶହ ତେର କୋଟି ଟଙ୍କା ଖର୍ଚ୍ଚରେ ୨ କୋଟି ବାଳକ ବାଳିକାଙ୍କୁ ବିନା ବେତନରେ ବାଧ୍ୟତା ମୂଳକ ପାଠ ପଢ଼ାଯିବ ।

—ଆସାନସୋଲ ଓ ରାଉରକେଲା ମଧ୍ୟରେ ବିଜୁଳି ଶକ୍ତି ଦ୍ୱାରା ଚାଳିତ ରେଳ ଯା ଆସ କରିବାର ପ୍ରସ୍ତାବ ହୋଇଛି ।

—ଚୌଦ୍ୱାର ଠାରେ ତୃତୀୟ କାଗଜ କଳକୁ ଅର୍ଥ ଓ ଶିଳ୍ପ ମନ୍ତ୍ରୀ ଶ୍ରୀ ରାଜେନ୍ଦ୍ର ...

# ମୋ ସ୍ମୃତିରୁ ପଦେ....

-**ପ୍ରଭୁଦାନ ଭତ୍ରା**
ସାମ୍ବାଦିକ, ଜୟପୁର

ଭାରତର ସ୍ୱାଧୀନତାର ୪୦ତମ ସ୍ୱାଧୀନତା ଦିବସ ଉତ୍ସବ ପାଳନ କରୁଥିବା ଅବସରରେ ୩୯ ବର୍ଷ ତଳର କଥା ମନେପଡ଼େ । ବର୍ତମାନ ସେସବୁ ଇତିହାସ କାହାଣୀ ପ୍ରବାଦ ହୋଇ ରହିଯିବ । ଅତୀତର ଘଟଣା ସହିତ ଓତଃପ୍ରୋତ ଭାବେ ସଂପୃକ୍ତ ମହା ମନୀଷୀ ଓ ତ୍ୟାଗୀ ବୀରମାନଙ୍କୁ ସ୍ମରଣ କରିବା ହିଁ ଇତିହାସ ଓ ଶ୍ରଦ୍ଧାଞ୍ଜଳି  କୁହାଯାଏ । ୩୯ ବର୍ଷ ତଳେ ସିନା ଆମେ ସ୍ୱାଧୀନତା ପାଇଥିଲୁ କିନ୍ତୁ ସ୍ୱାଧୀନତା ଦିବସର ପାଞ୍ଚବର୍ଷ କିମ୍ବା ଦଶବର୍ଷ ତଳର ଘଟଣା ଗୁଡ଼ିକୁ ସ୍ମୃତିପଟକୁ ଆଣିଲେ ଆମେ ଆମ ସ୍ୱାଧୀନ ଭାରତର ମହାନ ସଂଗ୍ରାମୀ ଓ ବ୍ୟକ୍ତିମାନଙ୍କୁ ଓ ସେମାନଙ୍କ ତ୍ୟାଗର କଥାମାଳା ସବୁ ଜାଣିପାରିବୁ । ସେହି ସମୟ ଥିଲା ସ୍ୱାଧୀନତା ପାଇଁ ସଂଗ୍ରାମର ସମୟ, ଆନ୍ଦୋଳନର ଦିନ ଗୁଡ଼ିକ- ଉଦାହରଣ ସ୍ୱରୂପ ୧୯୪୨ ଆନ୍ଦୋଳନ । ତ୍ୟାଗପୂତ ବୀର ସୈନିକମାନଙ୍କ ବହୁ ଘଟଣା ଚକ୍ଷୁ ଆଗରେ ନାଚିଉଠେ ।

ସେହି ସମୟର ଜଣେ ବିଶିଷ୍ଟ ଦେଶପ୍ରେମୀ ସ୍ୱାଧୀନତା ସଂଗ୍ରାମୀ ଦେଶମାତୃକାର ଜଣେ ବରେଣ୍ୟ ସୁଯୋଗ୍ୟ ସନ୍ତାନ ଥିଲେ ଆମ ପୂଜ୍ୟ ନେତା ଲକ୍ଷ୍ମୀଚନ୍ଦ୍ର ଦାସ । ଜନ୍ମସ୍ଥାନ ନବରଙ୍ଗପୁର ସହରରେ ।  ଲକ୍ଷ୍ମୀଚନ୍ଦ୍ର ଦାସ ଓ ଗ୍ରାମାଞ୍ଚଳରେ ସେ ସୁପରିଚିତ ଥିଲେ ଲକ୍ଷ୍ମୀବାବୁ ନାମରେ ।

୧୯୪୨ ଅଗଷ୍ଟ ବିପ୍ଳବର ଆଗର ଘଟଣା, ମହାତ୍ମାଗାନ୍ଧୀଙ୍କ ସ୍ୱରାଜ୍ୟ ଆନ୍ଦୋଳନର ଡ଼ାକରା ଭାରତର ଚତୁର୍ଦ୍ଦିଗରେ ବିଜୁଳି ବେଗରେ ଖେଳିଯାଇଥିଲା । ସ୍ୱର୍ଗତ ଲକ୍ଷ୍ମୀଚନ୍ଦ୍ର ଦାସ ଉଚ୍ଚଶିକ୍ଷା ଚାକିରୀ ଓ ବଡ଼ଲୋକୀ ହେବାର ଚିନ୍ତାଧାରାରୁ ଦୂରେଇ ଯାଇଥିଲେ । ଗାନ୍ଧୀଜୀଙ୍କ ଡ଼ାକରା ପାଇ ସ୍ୱାଧୀନତା ଆନ୍ଦୋଳନର ଜଣେ ଶୃଙ୍ଖଳିତ ସୈନିକ ଭାବେ ଡ଼େଇଁ ପଡ଼ିଲେ ସଂଗ୍ରାମରେ ସକ୍ରିୟ ଅଂଶ ଗ୍ରହଣ କରିବା ପାଇଁ । ଚାରି ଅଣିଆ କଂଗ୍ରେସ ସଭ୍ୟ ହୋଇ ସୁତାକାଟି, ସ୍ୱଦେଶୀ ଖଦଡ଼ପିନ୍ଧି ସରଳ ନିରାଡ଼ମ୍ବର ଭାବେ ଗାନ୍ଧୀଙ୍କ ସ୍ୱରାଜ ବାର୍ତ୍ତା ଗ୍ରାମାଞ୍ଚଳରେ ପହଞ୍ଚାଇବା ପାଇଁ ସେ ଦୃଢ଼ପରିକର ହୋଇ ଗୃହଜଞ୍ଜାଳ ଓ ପାରିବାରିକ ସମସ୍ୟା ସମୁହକୁ ଭୃକ୍ଷେପ ନ କରି ଜଣେ ଶୃଙ୍ଖଳିତ ଆଜ୍ଞାକାରୀ ସୈନିକ ଭାବେ ବାହାରି ପଡ଼ିଥିଲେ 'ବନ୍ଦେ ମାତରଂ ଗୀତ ଗାଇ ଗାଇ । ତାଙ୍କ ବନ୍ଧୁ କର୍ମୀ ସହ ବର୍ତ୍ତମାନ  ଜୀବିତ ମହମ୍ମଦ ବାଜୀ, ସିମାଞ୍ଚଳ ବେହେରା, ରବି ସିଂ ମାଝୀ, ଜଗନ୍ନାଥ ତ୍ରିପାଠୀ ପ୍ରମୁଖ ଗ୍ରାମାଞ୍ଚଳର କର୍ମୀଙ୍କ ଗହଣରେ ଆଗେଇ ଚାଲନ୍ତି ଅରଟ ଚିହ୍ନିତ କଂଗ୍ରେସର ତ୍ରିରଙ୍ଗ ପତକା ହାତରେ ନେଇ । ଗ୍ରାମାଞ୍ଚଳରେ କଂଗ୍ରେସ କର୍ମୀ ସଂଗ୍ରହ କରିବା, ଗାନ୍ଧୀଜୀଙ୍କ ସ୍ୱରାଜ୍ୟବାର୍ତ୍ତା ପ୍ରତିଲୋକଙ୍କ ନିକଟରେ ପହଞ୍ଚାଇବା, ଗଡ଼ମ, ବେଠି, ପାନୁ ସିସ୍ତୁ ପ୍ରଭୃତି ଗୋରା ସରକାର ଓ ରାଜତନ୍ତ୍ର ଶାସନ ବିରୁଦ୍ଧରେ ଜନମତ ସୃଷ୍ଟି କରିବା, ସ୍ୱାଧୀନ ଚେତନା ପ୍ରଦାନ କରିବା ଓ ଜନସାଧାରଣଙ୍କୁ ଏକଜୁଟ କରି ଆନ୍ଦୋଳନକୁ ଗଢ଼ି ତୋଳିବା ପାଇଁ ସେ ଥିଲେ ଅଗ୍ରଣୀ ଓ ସୁସଙ୍ଗଠକ ବୀର ।

ସ୍ୱର୍ଗତ ଲକ୍ଷ୍ମୀବାବୁ ଥିଲେ ଜଣେ ସୁବକ୍ତା । ଗ୍ରାମାଞ୍ଚଳରେ ସେ ଦେଶିଆ ଭାଷାରେ ଭାଷଣ ଦେବାରେ ପ୍ରବୀଣ ଥିଲେ । ତାଙ୍କ ଭାଷଣରେ ଥିଲା ତଡ଼ିତର ପ୍ରବାହ । ଲୋକଙ୍କ ଧମନୀର ରକ୍ତ ନାଚିଉଠୁଥିଲା - ତାତିଯାଉଥିଲା । ହଜାର ହଜାର ଗ୍ରାମାଞ୍ଚଳର ଦେଶିଆ କର୍ମୀ ଆଗେଇ ଆସୁଥିଲେ ଶପଥ ନେଇ ସ୍ୱାଧୀନତା ସଂଗ୍ରାମରେ ଝାସ ହେବାପାଇଁ । ସୁତାକାଟି, ଖଦଡ଼ ପିନ୍ଧି, ସ୍ୱଦେଶୀ ବସ୍ତ୍ର, ସ୍ୱଦେଶୀ ଜିନିଷ ବ୍ୟବହାର ପ୍ରତି ସେ ଉଦ୍‌ବୋଧନ ହେଉଥିଲେ । ସ୍ୱର୍ଗତ ଲକ୍ଷ୍ମୀଚନ୍ଦ୍ର ଦାସଙ୍କ ବୈପ୍ଳବିକ ନେତୃତ୍ୱକୁ ଏ ଜିଲ୍ଲାର କର୍ମୀ ଓ ନେତୃସ୍ଥାନୀୟ ବ୍ୟକ୍ତିମାନେ ପ୍ରଶଂସା କରୁଥିଲେ । ସେ ଥିଲେ କର୍ମୀ ବାହିନୀର ସେନାପତି ବା କମାଣ୍ଡର ।

ପାପଡ଼ାହାଣ୍ଡିର ୧୯୪୨ ଅଗଷ୍ଟ ବିପ୍ଳବରେ ଯେଉଁ ତାଣ୍ଡବଲୀଳା ଘଟିଯାଇଥିଲା । ସେଥିର ସୁସଙ୍ଗଠକ ଥିଲେ ସେନାପତି ଲକ୍ଷ୍ମୀବାବୁ । ଠିକ୍ ଘଟଣାର ପୂର୍ବବର୍ତ୍ତୀ ସମୟରେ ଗୋରା ପୋଲିସଙ୍କ ଦ୍ୱାରା ସେ ଗିରଫ ହୋଇ କାରାବରଣ କରିଥିଲେ ।

ପାପଡ଼ାହାଣ୍ଡିର ତୁରୀ ନଦୀରେ ରକ୍ତ ବନ୍ୟା ଛୁଟିଥିଲା । ବହୁ କର୍ମୀଙ୍କ ଜୀବନଦୀପ ଲିଭିଯାଇଥିଲା । ବହୁ କର୍ମୀ ଗିରଫ ହୋଇ କାରାବରଣ କରିଥିଲେ । ସେମାନଙ୍କ ନେତୃତ୍ୱ ନେଉଥିଲେ ଲକ୍ଷ୍ମୀବାବୁ । ଓକିଲର ଆବଶ୍ୟକତା ପଡ଼ି ନ ଥିଲା । ଲକ୍ଷ୍ମୀବାବୁ ଏହି ମକଦ୍ଦମାରେ ନିଜେ ଜବାବ ସୁଆଲ କରି କର୍ମୀମାନଙ୍କୁ ମକଦ୍ଦମାରୁ ଜୟଲାଭ କରାଇଥିଲେ ।

ସେ ଥିଲେ ଜଣେ ସୁ-ସାହିତ୍ୟିକ, ସୁ-ବକ୍ତା, ସୁ-ସଂଗଠକ ଓ ସ୍ପଷ୍ଟବାଦୀ । ସ୍ୱାଧୀନତା ସଂଗ୍ରାମୀ ଭାବେ ଓ ଗାନ୍ଧୀଜୀଙ୍କ ପ୍ରକୃତ ଦାୟଦ ଭାବେ ସେ ନିଜ କର୍ତ୍ତବ୍ୟ ସମ୍ପାଦନ କରୁଥିଲେ । ଗୋରା ସରକାରଙ୍କ ଲାଠି, ଗୁଳି, ଜେଲ ତାଙ୍କୁ କର୍ତ୍ତବ୍ୟରୁ ବିଚ୍ୟୁତ କରିପାରି ନ ଥିଲା । କର୍ତ୍ତବ୍ୟ ପରାୟଣ ତାଙ୍କ ଜୀବନର ବ୍ରତ ଥିଲା ଏବଂ ତାଙ୍କ ଚରିତ୍ରର ଏକ ଶ୍ରେଷ୍ଠ ଗୁଣ ଥିଲା ।

ସେ କ୍ଷମତାଲୋଭୀ ନ ଥିଲେ । ସ୍ୱାଧୀନତା ପରେ ସେ ବିଧାୟକ ହେବାପାଇଁ ବହୁବାର ଟିକଟ ପାଇ ଫେରସ୍ତ କରି ଦେଇଥିଲେ । କ୍ଷମତା ପଛରେ ଧାଇଁବା ତାଙ୍କ ଇଚ୍ଛା ନ ଥିଲା । କ୍ଷମତା ଏକ ମାୟାସୁଖ ବୋଲି ସେ ସର୍ବଦା ଉପଦେଶ ଦେଉଥିଲେ ।

ଭାରତର ସ୍ୱାଧୀନତା କର୍ମର ଫଳ ଦେଖି ସେ ଖୁସି ହେଲେ । ରାମରାଜ୍ୟର ଯେଉଁ ପରିକଳ୍ପନା ଗାନ୍ଧୀଙ୍କର ଥିଲା, ସେହି ରାମରାଜ୍ୟ ପାଇଁ ସେ ରାମ ଆଶ୍ରିତ ହୋଇ ରହିଲେ । ସ୍ୱାଧୀନତାର ବହୁବର୍ଷ ପରେ ମଧ୍ୟ ରାମରାଜ୍ୟର କୌଣସି ସୂଚନା ପାଇଲେ ନାହିଁ । ସ୍ୱପ୍ନ, ସ୍ୱପ୍ନରେ ହିଁ ରହିଗଲା । ସେତେବେଳେ ସେ ବିରକ୍ତି ପ୍ରକାଶ କରି ଶାସନ ପ୍ରଣାଳୀ ଶାସକମାନଙ୍କ ଉପରେ କଠୋର ସମାଲୋଚନା କରୁଥିଲେ । ସ୍ୱାର୍ଥାନ୍ଧ ବ୍ୟକ୍ତିଙ୍କୁ ସେ ଘୃଣା କରୁଥିଲେ ।

କୋରାପୁଟବାସୀଙ୍କ ସେବା ଓ କଂଗ୍ରେସର ସେବା ପାଇଁ ସେ 'ଜନସେବା ପ୍ରେସ' ସ୍ଥାପନ କରିଥିଲେ । ଜୀବନର ଶେଷ ନିଶ୍ୱାସ ଯାଏ ସେହି ପ୍ରେସ ଗୃହରେ ରହି ଜନସାଧାରଣଙ୍କ ଅବସ୍ଥା ଅନୁଧ୍ୟାନ କରୁଥିଲେ । କୋରାପୁଟିଆଙ୍କ ସମସ୍ୟା ସର୍ବସାଧାରଣରେ ଉପସ୍ଥାପନ କରିବାକୁ ସରଳ ଓଡ଼ିଆ କୋରାପୁଟିଆ ଗାଉଁଲି ଭାଷାରେ ସେ 'ଜନସଖା' ସାପ୍ତାହିକ ପତ୍ରିକା ପ୍ରକାଶ କରି ଜୀବନର ଶେଷ ରକ୍ତବିନ୍ଦୁ ଯାଏ ପତ୍ରିକା ମାଧ୍ୟମରେ ଜନସାଧାରଣଙ୍କ ସେବା କରିଥିଲେ ଓ ସଂଗ୍ରାମ ମଧ୍ୟ କରୁଥିଲେ । ତାଙ୍କ ପ୍ରତିଷ୍ଠିତ 'ଜନସଖା' ଏଯାଏ ଅନବରତ ଓ ନିୟମିତ ପ୍ରକାଶ ପାଉଛି ।

ସ୍ୱର୍ଗତ ଲକ୍ଷ୍ମୀବାବୁ ଥିଲେ ଜଣେ ନିର୍ଭୀକ ସମ୍ପାଦକ, ଲେଖକ ଓ ସାହିତ୍ୟିକ । ପତ୍ରିକା ମାଧ୍ୟମରେ ବହୁ ଘଟଣା ପ୍ରକାଶ କରି ଅଫିସର ଓ ସ୍ୱାର୍ଥାନ୍ୱେଷୀ ରାଜନୈତିକ ନେତୃବୃନ୍ଦଙ୍କ ଚକ୍ଷୁ ଶୂଳ ଓ ଈର୍ଷା ଦୃଷ୍ଟିରେ ରହୁଥିଲେ । ସେ କୌଣସି କଥାକୁ ଭୟଭୀତ ନ ହୋଇ କର୍ତ୍ତବ୍ୟ ପାଳନରେ ବ୍ରତୀ ହୋଇ ରହିଥିଲେ । 'ଜନସଖା' ଥିଲା ତାଙ୍କର ଏକମାତ୍ର ଅମୋଘ ଅସ୍ତ୍ର । ସେହି ଅସ୍ତ୍ର ସାହାଯ୍ୟରେ ସେ ସମାଜକୁ ଶୃଙ୍ଖଳିତ ଓ ଦୁର୍ନୀତିମୁକ୍ତ କରି ଗଢ଼ିବାକୁ ଶେଷ ନିଶ୍ୱାସଯାଏ ସଂଗ୍ରାମ କରୁଥିଲେ ।

ସ୍ୱାଧୀନତା ସଂଗ୍ରାମୀ ଭତ୍ତା ସେ ଗ୍ରହଣ କରି ନଥିଲେ । ଆମ ଦେଶକୁ ଗୋରା ସରକାର ହାତରୁ ଉଦ୍ଧାର କରିଥିଲୁ । ଏହା ଆମ କର୍ତ୍ତବ୍ୟ ଥିଲା । ଦେଶପ୍ରେମ ବହ୍ନି ଆମ ହୃଦୟରେ ଜଳୁଥିଲା । ଏଣୁ ସ୍ୱାଧୀନତା ସଂଗ୍ରାମୀ ଭତ୍ତା ଗ୍ରହଣ କରିବା ପାପ ବୋଲି ସେ ବିଚାର କରୁଥିଲେ ଓ ଭତ୍ତା ଗ୍ରହଣ କରିନଥିଲେ । ଏପରି ଆଦର୍ଶବାନ ଓ ନିସ୍ୱାର୍ଥ ବ୍ୟକ୍ତି ଆମ ସମାଜରେ କ୍ୱଚିତ୍ ଦେଖାଯାନ୍ତି ।

ଆଜି ଲକ୍ଷ୍ମୀବାବୁ ନାହାନ୍ତି । ସେ ଆମ ଗହଣରେ ନ ଥିଲେ ବି ଯେଉଁ ମହାନ ଆଦର୍ଶ ଓ ଚିନ୍ତାଧାରା ଛାଡ଼ିଯାଇଛନ୍ତି ତାହା ଯଦି ଆମେ ଗ୍ରହଣ କରି ତାଙ୍କ ପଦାଙ୍କ ଅନୁସରଣ କରୁଁ ତାହା ହେଲେ ତାଙ୍କ ପ୍ରତି ଆମର ଶ୍ରଦ୍ଧାଞ୍ଜଳି ଓ ସମ୍ମାନ ଅକ୍ଷୁର୍ଣ୍ଣ ରହିବ ଓ କର୍ତ୍ତବ୍ୟ ସାଧିତ ହେବ ।

ଏହି ଅବସରରେ ଏତିକି ଲେଖି ସେହି ମହାନ ଅମର ଆତ୍ମା ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଭକ୍ତିପୂତ ପୁଷ୍ପାଞ୍ଜଳୀ ଉତ୍ସର୍ଗ କରୁଛି ।

(ପ୍ରଥମ ଶ୍ରାଦ୍ଧବାର୍ଷିକୀ ସ୍ମରଣିକାରୁ ଉଦ୍ଧୃତ - ୧୯୮୬)

# କଳାପଟାରୁ 'ଜନସଖା'

-**ପ୍ରତାପ ତ୍ରିପାଠୀ**
ସରକାରୀ ସ୍ୱୀକୃତିପ୍ରାପ୍ତ ସାମ୍ବାଦିକ, ପ୍ରଜାତନ୍ତ୍ର
ନବରଙ୍ଗପୁର

'ଜନସଖା' କହିଲେ କୋରାପୁଟ ଜିଲ୍ଲାର ଗାଁ ଗହଳିରେ ଜଣେ ବ୍ୟକ୍ତି ବିଶେଷଙ୍କୁ ବୁଝାଉଥିଲା । ସେ ଥିଲେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଓ ନିର୍ଭୀକ ସାମ୍ବାଦିକ ସ୍ୱର୍ଗତ ଲକ୍ଷ୍ମୀଚନ୍ଦ୍ର ଦାସ । ଏହି ବ୍ୟକ୍ତିଙ୍କର ବିଶେଷତ୍ୱ ଥିଲା ଜନତାର ସଖା ହୋଇ ଆଜୀବନ ସଂଗ୍ରାମ କରିବା । କିଶୋର ଅବସ୍ଥାର ୧୯ ବର୍ଷ ବୟସରୁ ୬୯ ବର୍ଷର ଦୀର୍ଘ ଜୀବନ ଏହି ବ୍ୟକ୍ତି ସମାଜରେ ଜନଚେତନା ସୃଷ୍ଟି କରି ଓ କୁ-ସଂସ୍କାର, ଦୁର୍ନୀତିର ବିରୋଧ କରି କର୍ମମୟ ଜୀବନ ଅତିବାହିତ କରିଥିଲେ । କୋରାପୁଟ ଜିଲ୍ଲା କାହିଁକି ସାରା ଓଡ଼ିଶାରେ ଏଭଳି ସାମ୍ବାଦିକ ଜୀବନ ବିରଳ ଅଟେ ।

୧୯୩୬ ମସିହା ଉତ୍କଳ ସମ୍ମିଳନୀଠାରୁ ସ୍ୱାଧୀନତା ସଂଗ୍ରାମ ପର୍ଯ୍ୟନ୍ତ କୋରାପୁଟ ଭଳି ଏକ ଦୁର୍ଗମ ବନ ପାହାଡ଼ଘେରା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଯେତେବେଳେ ଶିକ୍ଷା ଓ ସାମ୍ବାଦିକ ଚେତନାର ସର୍ବନିମ୍ନ ସମ୍ବଳ ଥିଲା,  ସେତେବେଳେ ବାହ୍ୟ ଜଗତର ସମସ୍ତ ମୁକ୍ତ ଗଣଚେତନା ଜାଗ୍ରତ କରିବାର ମାଧମ ଏକ କଳାପଟା ଜରିଆରେ ମୁଖ୍ୟରାସ୍ତାରେ ବିବରଣୀ ଲେଖି ଯାଉଥିଲେ । ଶହ ଶହ ଲୋକେ ସକାଳୁ ନବରଙ୍ଗପୁର ସହରରେ ଏହି କଳାପଟା ଦେଖି ନେତୃବର୍ଗଙ୍କ ମତାମତ, ଦେଶର ସ୍ୱାଧୀନତା ସଂଗ୍ରାମର ବିବରଣୀ ଓ ସମାଜ ସଂସ୍କାରର ବାର୍ତ୍ତା ଜାଣିପାରୁଥିଲେ । ଏହା ଅନ୍ୟ ସହର ଗୁଡ଼ିକୁ ବ୍ୟାପୁ ଥିଲା ।

ସମ୍ବାଦ ପରିବେଷଣର ଏହିଭଳି ବିଚାରବନ୍ତ ଉଦ୍ଭାବନ ବୋଧହୁଏ ଅନ୍ୟ କେଉଁଠି ବିରଳ । ଏହା ଏ ଅଞ୍ଚଳରେ କମ୍ ପ୍ରଭାବ ପକାଇ ନ ଥିଲା । ଯାହାରି ଫଳରେ ସ୍ୱାଧୀନତା ସଂଗ୍ରାମର ଅଗ୍ନିଶିଖା ଲେଲିହାନ ଜିହ୍ୱାମେଲି ବଣ କନ୍ଦରରେ ବିପ୍ଳବର ତାଣ୍ଡବ ସୃଷ୍ଟି କରିଥିଲା । ଏହାର ଫଳ ସ୍ୱରୂପ ଲକ୍ଷ୍ମଣ ନାୟକଙ୍କ ଫାଶୀ ଠାରୁ ଆରମ୍ଭ କରି ପାପଡ଼ାହାଣ୍ଡିଠାରେ ୧୯ ଜଣ ସ୍ୱାଧୀନତା ସଂଗ୍ରାମୀର ପୋଲିସ ଗୁଳିରେ ଆତ୍ମବଳି ସମ୍ଭବ ହୋଇଥିଲା ।

ଲକ୍ଷ୍ମୀଚନ୍ଦ୍ର ଦାସ ଏହି ସ୍ୱାଧୀନତା ବିପ୍ଳବର ଅଗ୍ରଭାଗରେ ରହି ତତ୍‌କାଳୀନ ସମସ୍ତ ବିବରଣୀ ସମାଜ, ଆଶା ଏବଂ ନ୍ୟୁ-ଓଡ଼ିଶାକୁ ଯୋଗାଉଥିଲେ । ଏପରିକି କୋରାପୁଟ ଜେଲରେ ବନ୍ଦୀ ରହି ମଧ୍ୟ କୌଶଳ କ୍ରମେ ସମସ୍ତ ସଂଗ୍ରାମର ବିବରଣୀ ଅତ୍ୟାଚାରର ଖବର ଯୋଗାଇ ଦେଉଥିଲେ । ଏଥି ପାଇଁ ସ୍ୱର୍ଗତ ଦାସ ତତ୍‌କାଳୀନ 'ସମାଜ'ର ବାର୍ତ୍ତା ସମ୍ପାଦକ ରାଧାନାଥ ରଥଙ୍କ ସହିତ ଯୁକ୍ତିତର୍କ କରିବାକୁ ପଡ଼ିଥିଲା । ରାଧାନାଥ ବାବୁ ଜୟପୁର ରାଜାସାହେବ ବିକ୍ରମଦେବଙ୍କ ଅତିଥି ହୋଇ ଆସିଥାନ୍ତି । ତାଙ୍କୁ ଯୁବକ ଲକ୍ଷ୍ମୀଚନ୍ଦ୍ର ସାକ୍ଷାତ କରି ଜେଲ ବିବରଣୀ କାହିଁକି ଛପାଗଲା ନାହିଁ ବୋଲି ଯୁକ୍ତି ବାଢ଼ିଥିଲେ । ରାଧାନାଥ ବାବୁ ତତ୍‌କାଳୀନ ରାଜନୈତିକ ପରିସ୍ଥିତି ଓ ସରକାରଙ୍କ ଦମନନୀତି ବୁଝାଇ ଏହା ଦୁଃସାଧ ବୋଲି ବର୍ଣ୍ଣନା କରିଥିଲେ । ଉକ୍ତ ବିବରଣୀ ଲକ୍ଷ୍ମୀଚନ୍ଦ୍ର ଦାସଙ୍କ ସୁପୁତ୍ର ସତ୍ୟପ୍ରିୟ ଦାସଙ୍କ ଲିଖିତ ''କୋରାପୁଟିଆର ସ୍ୱରାଜ ସଂଗ୍ରାମ'' ବହିରେ ଉଲ୍ଲେଖିତ ଅଛି ।

କଳାପଟାରୁ ସ୍ୱାଧୀନତା ପରେ ''ଜନସଖା'' ସାପ୍ତାହିକର ଜନ୍ମ ନେଲା । ଏହି ସାପ୍ତାହିକ ଓଡ଼ିଶାର ୨୯ ବର୍ଷ ଧାରାବାହିକ ପ୍ରକାଶିତ ଏକମାତ୍ର ପତ୍ରିକା ଯାହାର ମାତ୍ର ଦୁଇଟି ସଂଖ୍ୟା 'ଜରୁରୀକାଳୀନ ପରିସ୍ଥିତି'ର ପ୍ରତିବାଦରେ ବନ୍ଦ କରି ଦିଆଯାଇଥିଲା । ଏପରିକି ଜରୁରୀକାଳୀନ ପରିସ୍ଥିତିରେ ଗୋଟିଏ ସପ୍ତାହର


‘ଜନସଖା’ର ୨୧ ଗୋଟି ସମ୍ବାଦ ଉପରେ ବିଧାୟକମାନେ ପ୍ରଶ୍ନ ଉତ୍ଥାପନ କରିଥିଲେ । ଯାହା ଫଳରେ ଏହି ପତ୍ରିକା ଉପରେ ସରକାର ସେନ୍ସରସିପ୍ ଲାଗୁ କରିଥିଲେ ।

ଏହି ପତ୍ରିକାର ଦୀର୍ଘ ୨୯ ବର୍ଷର ନିର୍ଭୀକ ସାମ୍ବାଦିକତା ସ୍ୱର୍ଗତ ଲକ୍ଷ୍ମୀଚନ୍ଦ୍ର ଦାସ କରିଆସିଥିଲେ । ଏପରିକି ମୃତ୍ୟୁର ଠିକ କିଛି ସମୟ ପୂର୍ବରୁ ସମ୍ପାଦକୀୟ ଲେଖି ଚୀର ନିଦ୍ରାରେ ନିମଗ୍ନ ହେଲେ । ସ୍ୱର୍ଗତ ଦାସଙ୍କୁ ତତ୍‌କାଳୀନ ନିଖିଳ ଭାରତ କଂଗ୍ରେସ କମିଟିର ସଭାପତି ଧେବର ଭାଇ ନବରଙ୍ଗପୁର ଗସ୍ତରେ ଆସି ସ୍ୱର୍ଗତ ଦାସଙ୍କୁ ସାକ୍ଷାତ କରି କହିଥିଲେ, ‘‘ଲକ୍ଷ୍ମୀଭାଇ ତୁମାରି ସେବା ହମ୍‌ସେ ଭି ଆଚ୍ଛା ହାଏ ।’’

ସ୍ୱର୍ଗତ ଲକ୍ଷ୍ମୀଚନ୍ଦ୍ର ଦାସ ତାଙ୍କ ସମ୍ପାଦନା କାଳରେ ବହୁ ମାଲି ମୋକଦ୍ଦମାରେ ସାମ୍ବାଦିକତା ପାଇଁ ଜଡ଼ିତ ହୋଇ ସବୁଥିରେ ବିଜୟୀ ହୋଇପାରିଥିଲେ । ଏପରିକି କଳାହାଣ୍ଡି ରାଜା ପ୍ରତାପ କେଶରୀ ଦେଓ, ସାମ୍ବାଦିକ ସତ୍ୟବାଦୀ ରଥଙ୍କ ଭଳି ବ୍ୟକ୍ତିଙ୍କ ବିଷୟରେ ନିର୍ଭୀକ ଭାବେ ସମ୍ବାଦ ପ୍ରକାଶ କରି ଆଇନର ଯୁଦ୍ଧରେ ବିଜୟୀ ହୋଇପାରିଥିଲେ । ପତ୍ରିକା ଜରିଆରେ ଦୁର୍ନୀତିର ବିରୋଧ କରିବା, ସମାଜର ସଂସ୍କାର ଆଣିବା, ରାଜନୈତିକ ମତବ୍ୟକ୍ତ କରିବାରେ ତାଙ୍କ ସ୍ପଷ୍ଟବାଦୀତା ସମସ୍ତେ ସ୍ୱୀକାର କରୁଥିଲେ । ଏହି ସମ୍ବାଦପତ୍ର ପ୍ରକାଶନ ପରେ କୋରାପୁଟ ଜିଲ୍ଲାରେ ବହୁ ନୂଆଁ ନୂଆଁ ପତ୍ରିକା ଜନ୍ମ ନେଇ ଥିଲା । ଏପରିକି ‘ଜନସଖା’ର ଅନେକ ସାମ୍ବାଦିକ ସେହି ପତ୍ରିକା ଗୁଡିକର ସମ୍ପାଦକ ହୋଇଥିଲେ ।

ସ୍ୱାଧୀନତା ପରେ କୋରାପୁଟ ଜିଲ୍ଲାର ଶତକଡ଼ା ୬୦ ଭାଗ ‘‘ଜନସଖା’’ରେ ପ୍ରକାଶିତ ବିଭିନ୍ନ ସମ୍ବାଦ ଉପରେ ପ୍ରତିକାର ଲୋଡ଼ି ବିଧାନସଭାରେ ଜିଲ୍ଲାର ବିଧାୟକମାନେ ପ୍ରଶ୍ନ କରୁଥିଲେ ।

(ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ସ୍ମରଣିକାରୁ ଉଦ୍ଧୃତ - ୧୯୮୭)



Regd No O—91

କୋରାପୁଟର
ଏକମାତ୍ର
ସରଳ
ସାପ୍ତାହିକ ପତ୍ରିକା

# ଜନସଖା

"ଜନସଖା" ସୋମବାର ଦିନ
ବାହାରେ
ବାର୍ଷିକ ଚାନ୍ଦା ଟ ୪୯
ଅର୍ଦ୍ଧ ବାର୍ଷିକ ଚାନ୍ଦା ଟ ୨୫

୩ୟ ବର୍ଷ ୩୪ଶ ସଂଖ୍ୟା | ନବରଙ୍ଗପୁର (କୋରାପୁଟ) ନଭେମ୍ବର ୨୧ ତାରିଖ ସୋମବାର ୧୯୬୦ | ମୂଲ୍ୟ ୭ ନୟା ପଇସା

### କୋରାପୁଟ ପୋଷ୍ଟମ୍ୟାନ ସସ୍‌ପେଣ୍ଡ

(ଆମ ସମ୍ବାଦଦାତାଙ୍କ ଠାରୁ)

କୋରାପୁଟ ୧୯-୧-

ଶ୍ରୀ ନିମାଇ ଚକ୍ରପାଣିଙ୍କୁ ସସ୍‌ପେଣ୍ଡ କରା ଯାଇଛି । ସେ ଜଣେ ପୋଷ୍ଟମ୍ୟାନ ଥିଲେ । ପୋଷ୍ଟ ମାଷ୍ଟରଙ୍କ ବିରୁଦ୍ଧରେ ସାକ୍ଷ୍ୟ ଦେଇ ଥିବାରୁ ତାଙ୍କୁ ସସ୍‌ପେଣ୍ଡ ହୋଇଛି ବୋଲି ଲୋକେ କୁହାକୁହି ହେଉଛନ୍ତି ।

### ସେବା ସଂଘର ଗୀତ ଗୋବିନ୍ଦ

ଏଠାର ନାରୀ ସେବାସଂଘ ପକ୍ଷରୁ ...

### ନବରଙ୍ଗପୁର ରେଭେନ୍ୟୁ ଇନସ୍‌ପେକ୍ଟର ସମ୍ମିଳନୀ

(ନିଜ ପ୍ରତିନିଧିଙ୍କ ଠାରୁ)

ନବରଙ୍ଗପୁର ୨୦-୧୧

ଗତ ୧୮ ତାରିଖରେ ରେଭେନ୍ୟୁ ଇନ୍‌ସ୍‌ପେକ୍ଟରମାନଙ୍କର ଗୋଟିଏ ସଭା ଏଠାର ତହସିଲଦାର ଅଫିସଠାରେ ହୋଇଥିଲା । ଓଡ଼ିଶା ସରକାରଙ୍କ ଆସିଷ୍ଟାଣ୍ଟ ଫାଇନାନ୍‌ସିଆଲ ଏଡ୍‌ଭାଇଜର ସେଥିରେ ଯୋଗ ଦେଇ ଥିଲେ । ଅଶିକ୍ଷିତ ଚପରାଶି ମାନଙ୍କୁ କାର୍ଯ୍ୟରୁ ଅନ୍ତର କରି ଦେବାକୁ ସେ ...

୬ । ସୁନାରୀ ସାହିର ଗୋଟିଏ ଘର ।
୭ । ଗୋଡ଼ସାହି (କଆବାଡ଼ ଓ ମହାଦେବ ଦେଉଳ)
୮ । କେଉଟସାହି, ପ୍ରତାପ ସାଗର ।
୯ । ରାଜସାହିର ଜଣେ ସୁନାରୀ ଘର ।
୧୦ । ପୋଲିସ ଥାନା ପଛପଟ

### କିରାସିନ ଦୀପ ଜଳୁ

କେଉଟସାହି, ନାରାୟଣ ଦେଉଳ ସାହିରୁ ତେଲ ସାହିସିବା ଦାଦରକୁ, ନୂଆବନ୍ଧ ସାହିର ଦକ୍ଷିଣ ପଟରେ କିରାସିନ ବତୀ ମଧ୍ୟ ଜଳୁନାହିଁ । ଗଡଖାଇ ଓ କେଉଟସାହିରେ ବତୀ ନଥିବା ସଙ୍ଗେ ୨ ରାସ୍ତା ମଧ୍ୟ ଖରାପ ...

ଏଠାର ଜଗନ୍ନାଥ ମନ୍ଦିର ସାମନାରେ ଦଣ୍ଡକାରଣ୍ୟ ପ୍ରଚାର ବିଭାଗ ପକ୍ଷରୁ ସିନେମା ଦେଖା ଯାଇଥିଲା । ଡି, ପି, ଆଇ, ଙ୍କ ନିର୍ଦ୍ଦେଶ ଅନୁଯାୟୀ ଛାତ୍ରଛାତ୍ରୀଙ୍କ ନିଜ ଖର୍ଚ୍ଚରେ କେନ୍ଦ୍ର ବିଦ୍ୟାଳୟରେ ସ୍ୱେଚ୍ଛ ହୋଇ ଶିକ୍ଷକମାନେ ଓ ପିଲେ ଖାଇଥିଲେ ବୋଲି ଜଣାଯାଏ ।

### ରାଜ୍ୟ ଯୁବ ମଙ୍ଗଳ ବୋର୍ଡରେ କୋରାପୁଟ

ଓଡ଼ିଶା ରାଜ୍ୟପାଳଙ୍କ ସଭାପତିତ୍ୱରେ ଗଠିତ ରାଜ୍ୟ ଯୁବ ମଙ୍ଗଳ ବୋର୍ଡରେ କୋରାପୁଟ ସ୍ଥାନ ପାଇ ...

# ଅକାତରେ ଢ଼ାଳିଦେବୁ ରକ୍ତ

**-ଏନ୍ . ଅହମ୍ମଦ**
ଏଡ଼ଭୋକେଟ, ନବରଙ୍ଗପୁର

କୋରାପୁଟ ଜିଲ୍ଲାର ବିଶିଷ୍ଟ ବିପ୍ଳବୀ ସ୍ୱାଧୀନତା ସଂଗ୍ରାମୀ ତଥା 'ଜନସଖା' ପତ୍ରିକାର ଜନ୍ମଦାତା ଲକ୍ଷ୍ମୀଚନ୍ଦ୍ର ଦାସ ଆମ ପରିବାରର ଏକ ଅଂଶବିଶେଷ ଥିଲେ । ମୁଁ ତାଙ୍କୁ ଦାଦା ବୋଲି ଡ଼ାକୁଥିଲି । ଓକିଲ ଯେପରି ନିଜର ମକଦ୍ଦମା ଚଳାଇବା ପାଇଁ ସଙ୍କୁଚିତ ହୁଏ, ଡ଼ାକ୍ତର ଯେପରି ନିଜର ରୋଗୀମାନଙ୍କୁ ପରୀକ୍ଷା କରିବାକୁ ସଙ୍କୁଚିତ ହୁଏ, ସେହିପରି ମୋ ଦାଦାଙ୍କ ବିଷୟରେ କ'ଣ ଲେଖିବି କିଛି ମୁଁ ବୁଝିପାରୁନାହିଁ । ତଥାପି ଏକ ଦୁଃଖଭରା  ହୃଦୟ ନେଇ ମୁଁ କିଛି ଲେଖିବି ।

ଚାହୁଁ ଚାହୁଁ ଲକ୍ଷ୍ମୀଦାଦାଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଆସି ପହଞ୍ଚିଗଲା । କେହି ଜଣେ ଯଦି ଆତ୍ମୀୟ ମରିଯାଏ, ତାର ଆତ୍ମୀୟମାନେ ପରମ୍ପରାକୁ ଅନୁସରଣ କରି ପ୍ରତିବର୍ଷ ଶ୍ରାଦ୍ଧ ଦିବସ ପାଳିଥାନ୍ତି । ତାହାକୁ ଏକ ପ୍ରକାର ବ୍ୟକ୍ତି ପୂଜା ବୋଲି ମୁଁ ମନେ କରେ । ଲକ୍ଷ୍ମୀଦାଦାଙ୍କର ଶ୍ରାଦ୍ଧ ଏକ ଆଦର୍ଶର ପୂଜା । ଯେଉଁ ଆଦର୍ଶ ପାଇଁ ସେ ଜୀବନ ସାରା ସଂଗ୍ରାମ କରୁଥିଲେ । ସ୍ୱାଧୀନତାର ସଂଗ୍ରାମକୁ ଗାଁ ଗଣ୍ଡା ଓ ପ୍ରତ୍ୟେକ ଲୋକଙ୍କ ମନରେ ଖେଳାଇଥିଲେ । ଗୋରା ସରକାରଙ୍କ ଅନ୍ୟାୟ, ଅତ୍ୟାଚାର, ଶୋଷଣ, ଜୁଲମ, ସାହୁକାର ଶାସନ ଇତ୍ୟାଦି ବିରୋଧରେ ସ୍ୱର ଉତ୍ତୋଳନ କରିବାର ମନୋଭାବକୁ କୋରାପୁଟ ଜିଲ୍ଲାରେ ଆଣି ଥୋଇଥିଲେ ଓ ସେହି ଭାବଧାରାକୁ କାର୍ଯ୍ୟକାରୀ କରିବା ପାଇଁ ଶେଷ ନିଶ୍ୱାସ ତ୍ୟାଗ ପର୍ଯ୍ୟନ୍ତ କର୍ମ ଓ ନିଜର ପତ୍ରିକା 'ଜନସଖା' ଜରିଆରେ ପ୍ରଚାର କରୁଥିଲେ । ଏଣୁ ଲକ୍ଷ୍ମୀଦାଦାଙ୍କ ପୂଜା ଏକ ବ୍ୟକ୍ତି ପୂଜା ନୁହେଁ, ଏକ ଆଦର୍ଶର ପୂଜା ।

ଲକ୍ଷ୍ମୀଦାଦାଙ୍କର ବହୁତ ଗୁଡ଼ିଏ ମହତ ଗୁଣ ଥିଲା । ସେ ଜଣେ ଓଜସ୍ୱିନୀ ବକ୍ତା ଥିଲେ । ରାଜା ରାଜୁଡ଼ା, ମହାଜନ, ଜମିଦାର, ବ୍ରିଟିଶ୍ ସରକାର ମାନଙ୍କର ଅନ୍ୟାୟ ଅତ୍ୟାଚାର ତଥା ମନୋମୁଖୀ ଶାସନ ବିରୁଦ୍ଧରେ ଲକ୍ଷ୍ମୀଦାଦା ଯେଉଁପରି ଭାଷଣ ଦେଉଥିଲେ, ସେଥିରେ ଲୋକେ ଉତ୍ତେଜିତ ହୋଇ ଯାଉଥିଲେ । ତେଣୁ ତାଙ୍କ ସଭା ଗୁଡ଼ିକରେ ବହୁତ ଭିଡ଼ ହେଉଥିଲା ।

ଲୋକେ ତାଙ୍କ କଥା ଗ୍ରହଣ କରୁଥିଲେ ଓ କାର୍ଯ୍ୟକାରୀ କରାଉଥିଲେ । ଲକ୍ଷ୍ମୀଦାଦାଙ୍କ ପରି ଏକ ତ୍ୟାଗବାନ, ମହତ୍‌ପୁରୁଷ ଆଉ କେହି ନ ଥିଲେ । ଯେତେବେଳେ ସାରା କୋରାପୁଟ ଜିଲ୍ଲାର କର୍ମୀମାନେ ଲକ୍ଷ୍ମୀଦାଦାଙ୍କୁ ବିଧାନ ସଭାର ସଭ୍ୟକରିବା ପାଇଁ ଅଡି ବସିଲେ ସେତେବେଳେ ସେ ରୋକଠୋକ ମନା କରିଦେଇଥିଲେ ଓ ସଦାଶିବ ତ୍ରିପାଠୀଙ୍କୁ ପ୍ରାର୍ଥୀ କରିବା ପାଇଁ ସୁପାରିଶ କରିଥିଲେ । ସେ କୋରାପୁଟ ଜିଲ୍ଲା କଂଗ୍ରେସର ପ୍ରାଣବିନ୍ଦୁ ଥିଲେ । ଦଳ ଭିତରେ କୌଣସି ପଦବୀ ପାଇଁ ସେ ଲାଳାୟିତ ନ ଥିଲେ । ଅନେକ ପଦ ପଦବୀ ଅର୍ପଣ କରାଯାଇଥିଲେ ସୁଦ୍ଧା ସେ ତାକୁ ପ୍ରତ୍ୟାଖ୍ୟାନ କରି ଦେଇଥିଲେ । ସ୍ୱାଧୀନତା ପ୍ରାପ୍ତି ପରେ ଯେଉଁ ସଂଗ୍ରାମୀ ପେନ୍‌ସନ୍ ମିଳିଲା ତାକୁ ବି ସେ ରୋକ୍‌ଠୋକ୍ ଭାବରେ ପ୍ରତ୍ୟାଖ୍ୟାନ କରିଦେଇଥିଲେ ଓ ସଂଗ୍ରାମୀମାନଙ୍କୁ ପେନ୍‌ସନ୍ ଦେବା ବିରୁଦ୍ଧରେ ଲେଖୁଥିଲେ । ତାଙ୍କର ତ୍ୟାଗର ଅନେକ ଦୃଷ୍ଟାନ୍ତ ରହିଛି । ସେ ଜଣେ ସତ୍ୟପ୍ରିୟ, ସ୍ପଷ୍ଟବାଦୀ ଓ ଧର୍ମପରାୟଣ ବ୍ୟକ୍ତି ଥିଲେ ।

ତାଙ୍କର ଅଗାଢ଼ ବ୍ୟକ୍ତିତ୍ୱ ଯୋଗୁଁ ତାଙ୍କ ପାଖରେ କେହି ପଶିବାକୁ ସାହସ କରୁ ନ ଥିଲେ । ଏପରି ତାଙ୍କ ପାଖରେ ଅନେକ ମହତ୍ ଗୁଣ ଥିଲା । ଯାହା ଅବର୍ଣ୍ଣନୀୟ । ତାଙ୍କ ଜୀବନ କାଳରେ ସେ ପ୍ରାୟ ଏକହଜାର ମାଇଲ ପଦଯାତ୍ରା କରି କୋରାପୁଟ ଜିଲ୍ଲାରେ ହଜାର ହଜାର ଲୋକଙ୍କୁ କର୍ମୀ ଓ ସଭ୍ୟ କରିଥିଲେ ।

ସ୍ୱାଧୀନତା ପୂର୍ବରୁ କୋରାପୁଟ ଜିଲ୍ଲାର ଅବସ୍ଥା ଓ ଶାସନ ପଦ୍ଧତି ଅତି ଖରାପ ଥିଲା । କୋରାପୁଟ ଜିଲ୍ଲାରେ ଯେପରି ଶାସନ ଥିଲା ତାହା ଲୋକଙ୍କୁ ପଶୁ କରି ଦେଇଥିଲା । ଲକ୍ଷ୍ମୀଦାଦାଙ୍କର ଏକମାତ୍ର ପୁଅ ଶ୍ରୀ ସତ୍ୟପ୍ରିୟ ଦାସ 'କୋରାପୁଟିଆର ସ୍ୱରାଜ ସଂଗ୍ରାମ' ବହିରେ ନିମ୍ନୋକ୍ତି ପ୍ରକାରେ ବର୍ଣ୍ଣନା କରିଛନ୍ତି ।

"କୋରାପୁଟ ଜିଲ୍ଲାରେ କେତୋଟି ଅମାନୁଷିକ ବେ-ଆଇନ ପ୍ରଥାର ପ୍ରଚଳନ ଗରିବ ଆଦିବାସୀମାନଙ୍କୁ ଅଣନିଶ୍ୱାସୀ କରିଥିଲା । ଯାହା ଦ୍ୱାରା ଗରିବ ଲୋକେ ନିଜ ପରିବାର ପାଇଁ କିଛି କାର୍ଯ୍ୟ କରିପାରୁ ନ ଥିଲେ । ନିଜର କଷ୍ଟାର୍ଜିତ ଧନକୁ ବାବୁମାନଙ୍କ ପାଇଁ ଭେଟିଦେବାକୁ ବାଧ ହେଉଥିଲେ । ଏହାର ପ୍ରତିକାର ପାଇଁ ଇଂରେଜ ରାଜତ୍ୱରେ କୌଣସି ରାସ୍ତା ନ ଥିଲା । ଅନେକଙ୍କୁ ଏହି ପ୍ରଥାର ଶୀକାର ହୋଇ ମରିବାକୁ ପଡ଼ିଥିଲା । ଅନେକେ ଦାଣ୍ଡର ଭିକାରୀ ହୋଇଥିଲେ ଏବଂ ଅସଂଖ୍ୟ ଗରିବ ଆଦିବାସୀ ପରିବାର ସ୍ତ୍ରୀ ସନ୍ତାନ ଭୋକ ଉପାସର ଅସହ୍ୟ ବେଦନାକୁ ନିଜର ଭାଗ୍ୟ ରୂପେ ଗ୍ରହଣ କରିନେଇଥିଲେ ।"

"କୋରାପୁଟିଆକୁ ସେତେବେଳେ ଶାସନ ପଶୁ କରିଦେଇଥିଲା । ପେଟକୁ ଭଲ କରି ଖଣ୍ଡେ ଖାଇବା, ଲଜ୍ଜା ନିବାରଣ ପାଇଁ ଦେହକୁ ଖଣ୍ଡେ ପିନ୍ଧିବା କଷ୍ଟକର ହୋଇପଡୁଥିଲା । ଗୋଟିଏ ଗାମୁଛାରେ ତାର ଗୋଟିଏ ବର୍ଷ ବିତି ଯାଉଥିଲା । କୋରାପୁଟିଆ ସାମାଜିକ, ଆର୍ଥିକ ଶୋଷଣ ଓ ପ୍ରଶାସନର ନିର୍ଯ୍ୟାତନାରେ ସଢ଼ି ହୋଇ ଅତି ଦୟନୀୟ ଅବସ୍ଥାରେ ଜୀବନ ବିତାଉଥିଲେ । ବେଠି ଓ ଗଡ଼ମ ପ୍ରଥା କୋରାପୁଟିଆଙ୍କୁ ସବୁଠାରୁ ଅଧିକ ବ୍ୟଥିତ କରୁଥିଲା ।"

ବ୍ରିଟିଶ୍ ଶାସନରେ ପ୍ରଚଳିତ ଥିବା ବେଆଇନ ବ୍ୟବସ୍ଥା ଯଥା : ଗାଁ ଘଇତା, ରସିଦ ନ ଦେବା, ଜମି ଛଡ଼ାଇବା, ବେଠି ଖଟାଇବା, ବାବୁମାନଙ୍କୁ କାଉଡ଼ି କାଠ ଯୋଗାଇବା, ମାଗଣାରେ ଖାଇବା ଯୋଗାଡ଼ କରିବା, ଗଡ଼ମ ପଇସା ନ ଦେଇ ରାସ୍ତା କାମ କରାଇବା, ଡ଼ୋଳି ବୁହାଇବା, ଗୋଚର ଜଙ୍ଗଲ ଲଙ୍ଗଳ ପାନୁ ଦେବା, ଗାଁରୁ ଘଉଡ଼ାଇବା, ମୂଷା ଧରାଇବା ଇତ୍ୟାଦି ଲୋକଙ୍କୁ ଭାରି ବାଧା ଦେଉଥିଲା । ଏହି ଅମାନୁଷିକ ବେଆଇନ ପ୍ରଥାର ପ୍ରଚଳନ ବିରୁଦ୍ଧରେ ଲକ୍ଷ୍ମୀଦାଦା ଅହରହ ସଂଗ୍ରାମ କରୁଥିଲେ । ସ୍ୱାଧୀନତା ପରେ ବି ଗୋତି ଆନ୍ଦୋଳନ, ଜମିଦାରୀ ପ୍ରଥା ଉଚ୍ଛେଦ, ପୋଲିସ ଜୁଲମ ଇତ୍ୟାଦି ପାଇଁ ଲଢ଼ି ଆସୁଥିଲେ ।

ସ୍ୱାଧୀନତା ସଂଗ୍ରାମରେ ଯେଉଁମାନେ ଝାସ ଦେଇଥିଲେ, ତୁରୀ ନଦୀର ପାଣିକୁ ଶହୀଦ ରକ୍ତରେ ଲାଲ କରିଥିଲେ, ଲକ୍ଷ୍ମଣ ନାୟକଙ୍କୁ ଫାଶୀ ଖୁଣ୍ଟରେ ଝୁଲାଇଥିଲେ ସେମାନେ ସ୍ୱାଧୀନତା ପରେ ଦେଶର ଏକ ରାମରାଜ୍ୟର ପ୍ରତିଷ୍ଠା ସ୍ୱପ୍ନ ଦେଖିଥିଲେ । ବିଦେଶୀ ଶାସନରୁ ଆଜି ଆମେ ମୁକ୍ତ । ନେତା କହନ୍ତି ସ୍ୱରାଜ ଆସିଛି । ଆମେ ଆଜି ଏବେ ନିଜର ଶାସକ । ସ୍ୱାଧୀନତାର ୪୦ ବର୍ଷ ପୂରିବାକୁ ବସିଲାଣି । କିନ୍ତୁ ସ୍ୱାଧୀନତା ପୂର୍ବରୁ ଦେଶର ଅବସ୍ଥା ଯାହାଥିଲା ତାହା ବର୍ତ୍ତମାନ ବି ରହିଛି କିନ୍ତୁ ଅନ୍ୟ ରୂପରେ ।

ଆଜିର ଏ ପରିସ୍ଥିତିରୁ ମୁକ୍ତି ହେବା ପାଇଁ ଏବଂ ସଂଗ୍ରାମୀ ମାନଙ୍କର ରାମରାଜ୍ୟର ସ୍ୱପ୍ନକୁ ରୂପାୟନ କରିବା ପାଇଁ ଆଜି କୋରାପୁଟ ମାଟି ଖୋଜେ ବିପ୍ଳବୀ ସଂଗ୍ରାମୀ ଲକ୍ଷ୍ମୀଚନ୍ଦ୍ର ଦାସଙ୍କୁ, ସତରେ କ'ଣ ତୁମ ରାମରାଜ୍ୟର ପ୍ରତିଷ୍ଠା ହେବ । ଅତ୍ୟାଚାରୀ ମରି ନାହିଁ, ସ୍ୱରାଜ ଆସିନାହିଁ, ସଂଗ୍ରାମ ସରିନାହିଁ, ବିଜୟ ବି ଶେଷ ହୋଇନାହିଁ । ଶୋଷକର ଶୋଷଣରେ ଆଜି ଆମେ ନିଷ୍ପେସିତ ତ ପୋଲିସ ମିଲିଟାରୀ ଦମନରେ ଆଜି ଆମେ ଭୀତତ୍ରସ୍ତ, ତଥାପି ଲକ୍ଷ୍ମୀଦାଦା ତୁମର ବିପ୍ଳବର ଆହ୍ୱାନ କରାଇଛି ଆମ୍ଭଙ୍କୁ ଶପଥ । ସଂଗ୍ରାମୀ ମାନଙ୍କ ଇଚ୍ଛା ପୂରଣ କରିବା ପାଇଁ ଅକାତରେ ଢ଼ାଳିଦେବୁ ରକ୍ତ । ଦିଅ ଆଶୀର୍ବାଦ ହେଉ ତୁମର ସ୍ୱପ୍ନ ସାର୍ଥକ । ଏତିକି ବିନତୀ ତୁମ୍ଭଠାରେ ମୋର ।

(ପ୍ରଥମ ଶ୍ରାଦ୍ଧବାର୍ଷିକୀ ସ୍ମରଣିକାରୁ ଉଦ୍ଧୃତ - ୧୯୮୬)

# ସତ୍ୟନିଷ୍ଠ ଲକ୍ଷ୍ମୀବାବୁ

**-ମନମୋହନ ଚୌଧୁରୀ**
କଟକ

ସ୍ୱାଧୀନତା ଆନ୍ଦୋଳନ ସମୟରୁ ଲକ୍ଷ୍ମୀବାବୁଙ୍କ ସହିତ ମୋର ପରିଚୟ । ମୁଁ କୋରାପୁଟ ଜିଲ୍ଲାକୁ ପ୍ରଥମ କରି ୧୯୫୭ ରେ ଯାଇଥିଲି ବୋଲି ମନେ ପଡୁଛି ଓ ସେତିକିବେଳେ ତାଙ୍କ ସହିତ ପ୍ରଥମ ଦେଖା ହୋଇଥିଲା । ତା'ପରେ ଅନେକ ଉଠାଣି ଗଡ଼ାଣି ଦେଇ ସ୍ୱାଧୀନତା ଆନ୍ଦୋଳନର ଅଗ୍ରଗତି ଭିତରେ କେତେ ଲୋକ ଆସିଲେ ଗଲେ । କେତେ ଲୋକଙ୍କର ଉତ୍ସାହ ଓ ଧୈର୍ଯ୍ୟ ଭାଙ୍ଗିଗଲା । ମାତ୍ର ଲକ୍ଷ୍ମୀବାବୁ ଶେଷ ପର୍ଯ୍ୟନ୍ତ ଟାଣ ହୋଇ ରହିଲେ ।

ସ୍ୱରାଜ୍ୟ ହେବାପରେ କ୍ଷମତାର କ୍ଷିରିପୁରୀକୁ କଣ୍ଟା ଲାଗିଲା । ମାତ୍ର ଲକ୍ଷ୍ମୀବାବୁ ସେଥିରେ ବି ଭାସି ଗଲେ ନାହିଁ । ସାଧାରଣ ଗାଉଁଲୀ ଲୋକର ହିତ ପ୍ରତି ତାଙ୍କର ନିଷ୍ଠା ତାଙ୍କୁ ଜନସେବାର ବାଟରେ ହିଁ ଚାଲିବାକୁ ଉଦ୍‌ବୁଦ୍ଧ କଲା ଓ 'ଜନସଖା' ମାଧ୍ୟମରେ ଆମେ ତାର ପରିପ୍ରକାଶ ଦେଖିଥାଉଁ ।

ଜନହିତ ସାଧନ ପାଇଁ ସତ୍ୟନିଷ୍ଠାର ଓ ନିର୍ଭୟତାର ଆବଶ୍ୟକତା ସେ ଉପଲବ୍ଧି କରିଥିଲେ । ଏ ଆଦର୍ଶରୁ ସେ କେବେ ହେଲେ ବିଚ୍ୟୁତ ହୋଇନାହାନ୍ତି ।

ଭୂଦାନ ଆନ୍ଦୋଳନ ବେଳେ ମୁଁ ଦେଖିଛି ଯେ ଆନ୍ଦୋଳନ ପ୍ରତି ତାଙ୍କର ସଂପୂର୍ଣ୍ଣ ଆସ୍ଥା ଓ ସମର୍ଥନ ଥିଲା । ମାତ୍ର ସେଥିପାଇଁ ଭୂଦାନ କର୍ମୀମାନଙ୍କ ଯେଉଁ ଦୋଷ ଓ ଦୁର୍ବଳତା ତାଙ୍କର ଗୋଚରକୁ ଆସିଛି, ତାକୁ ସେ ସମାଲୋଚନା କରିବାକୁ, ଲୋକଚକ୍ଷୁକୁ ଆଣିବାକୁ ତିଳେ ହେଲେ ଇତସ୍ତତ କରିନାହାନ୍ତି । ଏମାରଜେନ୍ସି ବେଳେ ମଧ୍ୟ ସେ ଦବି ଯାଇ ନ ଥିଲେ ଏବଂ ନିଜର 'ଜନସଖା'ର ଟେକ ବଜାୟ ରଖିଥିଲେ ।

ତାଙ୍କ ଭଳି ନିର୍ଭୀକ ଓ ସତ୍ୟନିଷ୍ଠ ଜନସେବକ ବିରଳ; ମାତ୍ର ଏହିଭଳି ବ୍ୟକ୍ତିଙ୍କର ଧର୍ମବଳରୁ ହିଁ ମଣିଷ ସମାଜ ତିଷ୍ଠି ରହିଛି ଓ ବିକାଶ ଲାଭ କରୁଛି । ଲକ୍ଷ୍ମୀବାବୁଙ୍କ ଆଦର୍ଶ ବହୁକାଳ ଯାଏ ସମାଜରେ ଅନ୍ୟକୁ ପ୍ରେରଣା ଦେବ ।

(ପ୍ରଥମ ଶ୍ରାଦ୍ଧବାର୍ଷିକୀ ସ୍ମରଣିକାରୁ ଉଦ୍ଧୃତ - ୧୯୮୬)

*****

# ଯୋଗଜନ୍ମା କର୍ମବୀର

- **ଡଃ. ଲାଲ ଲମ୍ବୋଦର ସିଂହଦେଓ**
ଜୟପୁର

ଲକ୍ଷ୍ମୀବାବୁ – କୋରାପୁଟ ଜିଲ୍ଲାର ସ୍ୱାଧୀନତା ସଂଗ୍ରାମୀ ଓ କଂଗ୍ରେସ କର୍ମୀ, ଜାତାୟତାବାଦୀ ବ୍ୟକ୍ତିବିଶେଷ । ଜିଲ୍ଲାବାସୀ ସମସ୍ତଙ୍କର ଜଣାଶୁଣା ମଣିଷ ଥିଲେ ଲକ୍ଷ୍ମୀବାବୁ । ଦେଶର ସ୍ୱାଧୀନତା ସଂଗ୍ରାମରେ ସେ ନିଜ ଆତ୍ମୀୟଗଣଙ୍କ ମୋହ ତ୍ୟାଗ କରି ଝାସ ଦେଇଥିଲେ । ଜଣେ ନିର୍ଭୀକ, ତ୍ୟାଗୀ, ନିସ୍ୱାର୍ଥପର, ନିରାଡ଼ମ୍ବର ସ୍ପଷ୍ଟବାଦୀ ହିସାବରେ ସେ ଥିଲେ ଜିଲ୍ଲାରେ ଅଦ୍ୱିତୀୟ । ଅପ୍ରିୟ ହେଉ ପଛକେ କିଏ ପସନ୍ଦ ନ କରୁ ପଛକେ କଡ଼ାକଡ଼ି ଅନ୍ୟାୟ କଥାକୁ ସମାଲୋଚନା କରିବାକୁ ସେ ପଛାଉ ନ ଥିଲେ ।

ଦେଶ ସ୍ୱାଧୀନ ହେଲେ ଲକ୍ଷ୍ମୀବାବୁଙ୍କର ଜିଲ୍ଲା କଂଗ୍ରେସର ସଭାପତି, ବିଧାୟକ, ଲୋକସଭା ବା ରାଜ୍ୟସଭା ସଦସ୍ୟ କିମ୍ବା ମନ୍ତ୍ରୀ ହେବାର ଲାଳସା ନ ଥିଲା । ସେ ଚାହୁଁ ଥିଲେ ଏ ଦେଶର ଜନସାଧାରଣ ଦେଶପ୍ରେମୀ ହୁଅନ୍ତୁ । 'ମୋ ଦେଶ' ଭାବନାରେ ଅନୁପ୍ରାଣିତ ହୁଅନ୍ତୁ । ଜିଲ୍ଲାର ଗରିବ, ନିଷ୍ପେସିତ, ଅମାୟିକ, ଅଶିକ୍ଷିତ ଲକ୍ଷ ଲକ୍ଷ ଜନତାର ଉନ୍ନତି ହେଉ, ସେମାନେ ଉପରକୁ ଉଠନ୍ତୁ, ମଣିଷ ସମାଜରେ ମଣିଷ ବୋଲି ପରିଗଣିତ ହୁଅନ୍ତୁ – ଏହା ଥିଲା ତାଙ୍କ ନିରଳସ ଜୀବନର ସ୍ୱପ୍ନ । ଏଥିପାଇଁ ସେ ଜୀବନସାରା ତାଙ୍କର ପ୍ରିୟ 'ଜନସଖା' ଜରିଆରେ ଅକ୍ଲାନ୍ତ ଉଦ୍ୟମ ଚଳାଇଥିଲେ । ତାଙ୍କ ସମ୍ପାଦକୀୟ ଗୁଡ଼ିକ ଥିଲା କୋରାପୁଟିଆ ଭାଷାର ପ୍ରତୀକ ଏବଂ ଅତି ହୃଦୟସ୍ପର୍ଶୀ । ସେ ଜଣେ ପୋଖତ କଂଗ୍ରେସିଆ ଥିଲେ ହେଁ କଂଗ୍ରେସ ବିଧାୟକ, ଲୋକସଭା ସଦସ୍ୟ, ମନ୍ତ୍ରୀମାନଙ୍କୁ ତାଙ୍କ ଦୋଷ ଦୁର୍ବଳତା ପାଇଁ ପାହାରେ ପାହାରେ ଦେବାକୁ ଛାଡୁ ନ ଥିଲେ । ଲକ୍ଷ୍ମୀବାବୁ ହେତୁ କୋରାପୁଟ ଜିଲ୍ଲାର ଶାସକଗୋଷ୍ଠୀର ମାନ୍ୟବରମାନେ କେତେକାଂଶ ସଂଯତ ଏବଂ ସଜାଗ ରହୁଥିଲେ, କିନ୍ତୁ ସେମାନେ ପ୍ରଚଳିତ ଓ ଆଚରିତ ଦୁର୍ନୀତି, ପ୍ରିୟାପ୍ରୀତି ତୋଷଣ ସ୍ୱାର୍ଥାନ୍ଧତାରୁ ପୁରାପୁରି ମୁକ୍ତ ହୋଇପାରୁ ନ ଥିଲେ ।

ବ୍ୟବସାୟିକ ଲାଭ ଦୃଷ୍ଟିରୁ ନୁହେଁ କିନ୍ତୁ ତାଙ୍କ ପ୍ରିୟ 'ଜନସଖା'କୁ ବଞ୍ଚାଇ ରଖିବାର ଥିଲା ତାଙ୍କ ପ୍ରତିଷ୍ଠିତ ଜନସେବା ପ୍ରେସର ମୁଖ୍ୟ ଉଦ୍ଦେଶ୍ୟ । ଅଧିକାଂଶ ଖାଣ୍ଟି କଂଗ୍ରେସିଆ, ନକଲି କଂଗ୍ରେସିଆ, ସୁବିଧାବାଦୀ କଂଗ୍ରେସିଆ ସ୍ୱାଧୀନତା ସଂଗ୍ରାମୀ ଭତ୍ତାର ଲୋଭ ସମ୍ବରଣ କରିପାରୁ ନ ଥିବା ବେଳେ ଲକ୍ଷ୍ମୀବାବୁ ତାକୁ ପ୍ରତ୍ୟାଖ୍ୟାନ କରିଦେଇଥିଲେ ।

ତାଙ୍କ ଝିଅ ବିବାହ ନିମନ୍ତ୍ରଣରେ ସେ କୌଣସି ପ୍ରକାର ଉପହାର ବା ବନ୍ଧାଣ ନ ଦେବା ପାଇଁ ଖୋଲାଖୋଲି ଲେଖି ଦେଉଥିଲେ ଏବଂ ତାକୁ ଅକ୍ଷରେ ଅକ୍ଷରେ ପାଳନ କରୁଥିଲେ । ଯେଉଁ ପ୍ରୀତିଭୋଜନର ଯୋଗାଡ଼ ହୋଇଥିଲା, ତାହା ଥିଲା ପୁରାପୁରି ନିରାମିଷ ଏବଂ ଘୃତ-ପ୍ରସ୍ତୁତ ଯାହାର ପରିବେଷଣରେ ସଂପୃକ୍ତ ବ୍ୟକ୍ତି ବିଶେଷ ଖୁବ୍ ତୃପ୍ତିଲାଭ କରିଥିଲେ ।

ରାଜନୀତି ବିଷୟରେ ଲକ୍ଷ୍ମୀବାବୁଙ୍କ ସହ ଚର୍ଚ୍ଚା କରିବାକୁ ଅନେକ ରାଜନୀତିଜ୍ଞ ଭୟ କରୁଥିଲେ । କାରଣ ସେ କୌଣସି ମୁହଁ ଦେଖା ବା ତୋଷାମଦକାରୀ ନୀତି ନ ଧରି କଡ଼ାକଡ଼ି ମୁହେଁ ମୁହେଁ କହିଦେଉଥିଲେ । ସେ କେବଳ ନୁହଁନ୍ତି ତାଙ୍କ ପରିବାରର ସମସ୍ତେ ଗାନ୍ଧୀଜୀଙ୍କ ନୀତି ପାଳନରେ ଯଥାଶକ୍ତି ନିଷ୍ଠାବାନ ଥିଲେ ଏବଂ ଖଦଡ଼ ବ୍ୟବହାର କରୁ ଥିଲେ । କାହାର ନିନ୍ଦା ପ୍ରଶଂସା ବା ସମାଲୋଚନାକୁ ଭ୍ରୂକ୍ଷେପ ନ କରି ସେ ନିଜର ମନ୍ତବ୍ୟ ଦେବାକୁ ପଛାଉ ନ ଥିଲେ । 'ବଡ଼ପାଟିଆ ଯନ୍ତ୍ର', 'ମଦରାନ୍ଧୁ', 'ମଦଧରୁମାନେ', 'ମୁତାଧରୁ', ପ୍ରଭୃତି କେତେକ ପଦଥିଲା ତାଙ୍କର ନିଜସ୍ୱ ଯାହାକି 'ଜନସଖା' ରେ ଅନେକ ସମୟରେ ଦେଖାଯାଉଥିଲା ।

ତାଙ୍କର ତିରୋଧାନରେ କୋରାପୁଟ ଜିଲ୍ଲା ଜଣେ ନିଷ୍ଠାପର, ନିର୍ଭୀକ, ନିରପେକ୍ଷ ପବିତ୍ର ଆତ୍ମାକୁ ହରାଇଲା । ଏହାର ପୂରଣ ହେବା ଅସମ୍ଭବ ବୋଲି କହିବା ଅପ୍ରାସଙ୍ଗିକ ହେବ ନାହିଁ । ତାଙ୍କ ଆତ୍ମାର ସଦ୍‌ଗତି କାମନା ଅନାବଶ୍ୟକ ଯେହେତୁ ତାଙ୍କର ପବିତ୍ର ଆତ୍ମାର ତାହା ହକ ଅଧିକାର । ସେ ତ ଥିଲେ ଜଣେ ଯୋଗଜନ୍ମା କର୍ମବୀର ।

କୋରାପୁଟ ଜିଲ୍ଲାରେ ଅନେକ ପତ୍ରପତ୍ରିକା ପ୍ରକାଶ ପାଇଛି ଓ ପାଉଛି ମଧ୍ୟ । ସେଥି ମଧ୍ୟରୁ କେତେକଙ୍କର ଅକାଳ ମୃତ୍ୟୁ ହୋଇଛି, କେତେକ ମୁମୂର୍ଷୁ ଅବସ୍ଥାରେ ଧୂମେଇ ଚାଲିଛି । କେତେକ କେବଳ ସାମ୍ପ୍ରଦାୟିକତା କରି ନିଜ ନିଜର ସ୍ୱାର୍ଥ ସାଧନରେ ଲିପ୍ତ ଅଛନ୍ତି ତ କେତେକ ଋତୁ ପରିବର୍ତ୍ତନ ପରି ସମୟ ସୁବିଧା ଦେଖି ନିଜ ମୁଖା ବଦଳାଉଛନ୍ତି । କିନ୍ତୁ 'ଜନସଖା'ର ସମୟାନୁବର୍ତ୍ତିତାରେ କେବେ ସ୍ଖଳନ ଘଟି ନାହିଁ ବା ସେ କେବେ ସ୍ୱାର୍ଥ ପାଇଁ ପ୍ରଭାବିତ ହୋଇନାହିଁ । ସେ ଦୃଷ୍ଟିରୁ 'ଜନସଖା' ନିଜେ ନିଜର ହିଁ ତୁଳନା ।

(ପ୍ରଥମ ଶ୍ରାଦ୍ଧବାର୍ଷିକୀ ସ୍ମରଣିକାରୁ ଉଦ୍ଧୃତ - ୧୯୮୭)

# କୋରାପୁଟିଆର ସଖା

-ସିମାଞ୍ଚଳ ମହାପାତ୍ର
ସାମ୍ବାଦିକ, ରାୟଗଡା

ଚାହୁଁ ଚାହୁଁ ଲକ୍ଷ୍ମୀଚନ୍ଦ୍ର ଦାସଙ୍କ ମୃତ୍ୟୁର ଏକବର୍ଷ ହୋଇଗଲା । କିନ୍ତୁ ଲକ୍ଷ୍ମୀବାବୁଙ୍କ ମୃତ୍ୟୁ ହେଲା ଭଳି ମୋତେ କାହିଁକି ଲାଗୁନାହିଁ । ମୋ ପାଖରେ ସେ ଥିଲାଭଳି ମୁଁ ଅନୁଭବ କରୁଛି । ଲକ୍ଷ୍ମୀବାବୁଙ୍କ କଥା, ନୀତି, ଆଦର୍ଶ, ତ୍ୟାଗ, ଚାଲିଚଳଣ ମନେପଡ଼ିଲେ ମୁଁ ମୋର ପାଖରେ ଥିବା ବନ୍ଧୁଙ୍କୁ ସବୁ କହିପକାଏ ।

ଲକ୍ଷ୍ମୀଚନ୍ଦ୍ର ଦାସ ଯୌବନାବସ୍ଥାରେ ଦେଶ ଓ ଲୋକଙ୍କୁ ଉପରକୁ ଉଠାଇବା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରି ମହାତ୍ମାଗାନ୍ଧୀଙ୍କ ଆହ୍ୱାନରେ ଭାରତଛାଡ଼ ଆନ୍ଦୋଳନରେ ସାମିଲ ହୋଇଥିଲେ । କଂଗ୍ରେସର ନିସ୍ୱାର୍ଥପର ଓ ନିଷ୍ଠାବାନ ସୈନିକ ଭାବେ କାର୍ଯ୍ୟ କରିଥିଲେ । ଜିଲ୍ଲାର ସ୍ୱାଧୀନତା ସଂଗ୍ରାମୀମାନଙ୍କ ସହ ତାଙ୍କର ନିବିଡ଼ ସମ୍ପର୍କ ସ୍ଥାପନ ହୋଇଥିଲା । ଆନ୍ଦୋଳନ ଓ ଜେଲ ଜୀବନରେ ଲକ୍ଷ୍ମୀବାବୁ ନାନା କଷ୍ଟ ସ୍ୱୀକାର କରିଥିଲେ ।

ଦେଶ ସ୍ୱାଧୀନ ହେବା ପରେ ନେତାମାନେ ଶାସନର ଦଣ୍ଡଧାରୀ ହୋଇ ମନ୍ତ୍ରୀପଦ ଅଳଙ୍କୃତ କଲେ । କିନ୍ତୁ ଲକ୍ଷ୍ମୀବାବୁଙ୍କ ପଦ ବା କ୍ଷମତା ଲାଳସା ନ ଥିଲା । ସେ କଂଗ୍ରେସର ଜଣେ କର୍ମୀ ଭାବରେ ସାରା ଜୀବନ ବିତାଇବାକୁ ଚାହିଁଥିଲେ ।

ତାଙ୍କର ବଳିଷ୍ଠ ନେତୃତ୍ୱରେ କୋରାପୁଟ ଜିଲ୍ଲାରେ କଂଗ୍ରେସ ଏକ ଟାଣୁଆ ଅନୁଷ୍ଠାନ ହୋଇଥିଲା । ସେ ସର୍ବଦା ନିର୍ଭୀକ ଭାବେ ସତ୍ୟ କଥା ଓ ଦୃଢ଼ମତ ପ୍ରକାଶ କରୁଥିଲେ । ଏପରିକି ରାଧାକୃଷ୍ଣ ବିଶ୍ୱାସରାୟ, ରାଧାମୋହନ ସାହୁ, ସଦାଶିବ ତ୍ରିପାଠୀ ପ୍ରମୁଖ ନେତାମାନେ ଲକ୍ଷ୍ମୀବାବୁଙ୍କ ପରାମର୍ଶରେ ସବୁକଥା କରୁଥିଲେ । କଂଗ୍ରେସ ସଂଗଠନ ଓ ନିର୍ବାଚନରେ ନିଷ୍ପତ୍ତି ନେବାରେ ଲକ୍ଷ୍ମୀବାବୁଙ୍କ ପରାମର୍ଶ ଓ ମତ ହିଁ ଅଧିକାଂଶ କାର୍ଯ୍ୟକାରୀ ହେଉଥିଲା । ବେଳେ ବେଳେ ସଦାଶିବ ବାବୁଙ୍କ କାର୍ଯ୍ୟକଳାପକୁ ନାପସନ୍ଦ କରି ତାଙ୍କ କାର୍ଯ୍ୟକୁ ସମାଲୋଚନା କରୁଥିଲେ । ସେତେବେଳେ କଂଗ୍ରେସ କହିଲେ ଲକ୍ଷ୍ମୀବାବୁ ଓ ଲକ୍ଷ୍ମୀବାବୁ କହିଲେ କଂଗ୍ରେସ ଥିଲା ।

ସ୍ୱର୍ଗୀୟ ଲକ୍ଷ୍ମୀବାବୁ କେବେହେଲେ ନିଜର ବ୍ୟକ୍ତିଗତ କଥା ଚିନ୍ତା କରୁ ନ ଥିଲେ । ସେଥିଲେ କୋରାପୁଟ ଗରିବ ମଳିମୁଣ୍ଡିଆଙ୍କ ସଖା, ନିସ୍ୱାର୍ଥପର ସ୍ୱାଧୀନତା ସଂଗ୍ରାମୀ । ସ୍ୱର୍ଗତ ଲକ୍ଷ୍ମୀଚନ୍ଦ୍ର ଦାସ ସ୍ୱାଧୀନତା ସଂଗ୍ରାମୀ ଭତ୍ତାକୁ ପ୍ରତ୍ୟାଖ୍ୟାନ କରିଦେଇଥିଲେ । ସେ ସର୍ବଦା କହୁଥିଲେ, ''ମୁଁ ଦେଶ ପାଇଁ କାମ କରିଛି, ଦେଶ ଲୋକଙ୍କ ପଇସା ମୁଁ ନେବି ନାହିଁ ।'' ସେତିକି ନୁହେଁ, ସ୍ୱର୍ଗତ ଦାସଙ୍କୁ କଂଗ୍ରେସର ବିଧାୟକ ହେବା ପାଇଁ କେତେ ନିବେଦନ କରାଯାଇଥିଲେ ମଧ୍ୟ ସେ ତାକୁ ଗ୍ରହଣ କରି ନ ଥିଲେ । ସେ ଚାହିଁଥିଲେ ଜଣେ ମନ୍ତ୍ରୀ ହୋଇଥାନ୍ତେ । କିନ୍ତୁ ସେ ରାଜା ହେବାକୁ ଚାହିଁ ନ ଥିଲେ । ସେ ଥିଲେ 'ରାଜା ତିଆରି କରିବା ଲୋକ' । କୋରାପୁଟ ଗରିବ ନିରକ୍ଷର ମଳିମୁଣ୍ଡିଆଙ୍କ ଉନ୍ନତି ହିଁ ଥିଲା ତାଙ୍କର ଲାଳସା ।

୧୯୫୮ ମସିହାରୁ ଲକ୍ଷ୍ମୀବାବୁ ମୋର ଅନ୍ତରଙ୍ଗ ବନ୍ଧୁ ଏବଂ ରାଜନୀତି କ୍ଷେତ୍ରରେ ମୋର ନେତା । ମୁଁ ତାଙ୍କ ପରାମର୍ଶ ସଦା ମାନି ଚଳିଆସୁଥିଲି । ତାଙ୍କ ସମ୍ପାଦନାରେ 'ଜନସଖା' ପତ୍ରିକା ୧୯୫୮ ସାଲରୁ ପ୍ରକାଶ ପାଇଥିଲା । 'ଜନସଖା' କୋରାପୁଟ ଜିଲ୍ଲାର ବଳିଷ୍ଠ ନେତୃତ୍ୱ ନେଇ ଅନ୍ୟାୟ ଅତ୍ୟାଚାର ବିରୁଦ୍ଧରେ ଲଢ଼େଇ କରିଚାଲିଛି । କେତେଥର 'ଜନସଖା' ଉପରେ ମାନହାନି ମକଦ୍ଦମା ହୋଇଛି । କିନ୍ତୁ 'ଜନସଖା' ସର୍ବଦା ବିଜୟ ହାସଲ କରିଛି । ଇର୍ଷାନ୍ୱିତ ଲୋକେ ତାହାର କୌଣସି କ୍ଷତି କରିପାରି ନାହାନ୍ତି । ଅଧିକରେ 'ଜନସଖା' ବଳୁଆ ବଢୁଆ ହେଲା ।

ଲକ୍ଷ୍ମୀଚନ୍ଦ୍ର ଦାସ ଥିଲେ ଜଣେ ନିଷ୍କପଟ, ନ୍ୟାୟବନ୍ତ, ଧର୍ମପରାୟଣ, ନିରାଡ଼ମ୍ବର ବ୍ୟକ୍ତି । ଗାନ୍ଧୀଙ୍କ ରାସ୍ତାରେ ତାଙ୍କ କର୍ମମୟ ଜୀବନ ପଥବିଚ୍ୟୁତ ନ ହୋଇ ଶେଷ ପର୍ଯ୍ୟନ୍ତ ଚାଲିଥିଲା । ସେ ଥିଲେ କୋରାପୁଟ ଜିଲ୍ଲାର ଗାନ୍ଧୀ । ଲକ୍ଷ୍ମୀବାବୁଙ୍କ ଭଳି ଲୋକ ଆଉ କେହି ନାହାନ୍ତି ।

ସ୍ୱର୍ଗତ ଲକ୍ଷ୍ମୀବାବୁ ଏକାଧାରରେ ଥିଲେ ଜଣେ ବଳିଷ୍ଠ ରାଜନୀତିଜ୍ଞ, ସୁବକ୍ତା, ଲେଖକ, ସାମ୍ବାଦିକ ଓ ଆଜୀବନ ଜନସେବୀ । ତାଙ୍କର ମୃତ୍ୟୁ କେବେ ହୋଇ ନ ପାରେ । ସେ ଅମର । ତାଙ୍କୁ ଜିଲ୍ଲାବାସୀ କେବେ ପାଶୋରି ପାରିବେ ନାହିଁ । ତାଙ୍କର ଆଦର୍ଶ ଓ ପ୍ରେରଣାରେ ସମଗ୍ର ଜିଲ୍ଲାବାସୀ ଅନୁପ୍ରାଣିତ ହେବେ ଏତିକି ମୋର କାମନା ।

(ପ୍ରଥମ ଶ୍ରାଦ୍ଧବାର୍ଷିକୀ ସ୍ମରଣିକାରୁ ଉଦ୍ଧୃତ – ୧୯୮୬)

# ଆଦିବାସୀ ହରିଜନ ଗୁରୁଙ୍କୁ ଚିଠି

ପ୍ରିୟ ଲକ୍ଷ୍ମୀବାବୁ,

ତୁମେ ଆମ ଦେଶିଆ ଆଦିବାସୀ, ହରିଜନ, ଅଶିକ୍ଷିତ ଗରିବ ଲୋକଙ୍କର ଥିଲ ପ୍ରକୃତ ପ୍ରାଣର ବନ୍ଧୁ । ଲକ୍ଷ୍ମୀବାବୁ ତୁମର ସତ୍ୟ, ନିଷ୍ଠା ଓ ବୀରତ୍ୱ ଥିଲା ଅସୀମ । ତୁମର ଥିଲା ମାତୃଭୂମି ପ୍ରତି ଓ ଆମ ଗାଁ ଗହଳର ଅଶିକ୍ଷିତ ଦରିଦ୍ର ପରଜା, ଭତରା ଆଦିବାସୀ ଓ ହରିଜନ ମାନଙ୍କ ପ୍ରତି ଅଗାଧ ପ୍ରେମ । ଲକ୍ଷ୍ମୀବାବୁ ଛୋଟ ବୟସରୁ ନିଜ ଗୃହ ପରିବାର, ନିଜର ସୁଖ ସୁବିଧା ଏବଂ ନିଜର ଜୀବନର ସବୁ କିଛି ସଂପୂର୍ଣ ଭୁଲିଯାଇ ସଦା ଢ଼ାଳି ଦେଇଥିଲ ନିଜ ପ୍ରାଣ ମାତୃଭୂମି ପାଇଁ ।

ଲକ୍ଷ୍ମୀବାବୁ ତୁମର ନିରନ୍ତର ଅସୀମ ସାଧନା ଥିଲା ଆମ ଗାଁ ଗହଳିର ଅଗଣିତ ଦେଶିଆ ଗରିବଙ୍କ ପୂର୍ଣ ମଙ୍ଗଳ ସାଧନ ପାଇଁ । ଲକ୍ଷ୍ମୀବାବୁ ତୁମେ ହେଉଛ ଆମ ଜିଲ୍ଲା ତଥା ଆମ ଅଞ୍ଚଳର ଅଗଣିତ ଅଶିକ୍ଷିତ ଦରିଦ୍ର ପରଜା, ଭତରା, ଗାଦବା, ସଉରା, ଡ଼ମ୍ବ, ପାଣ ଇତ୍ୟାଦି ଶୋଷିତ, ନିଷ୍ପେସିତ, ଅବହେଳିତ ଜନତାଙ୍କ ପରମ ଗୁରୁ ଓ ପ୍ରକୃତ ପ୍ରାଣର ବନ୍ଧୁ ।

ସାହେବ ଶାସନ ଓ ରାଜା ରାଜୁଡ଼ାଙ୍କ ଶାସନରେ ପରାଧୀନତାର ଅନ୍ଧକାର ମଧ୍ୟରେ ଶହ ଶହ ବର୍ଷ ଧରି ପଶୁପକ୍ଷୀଠୁ ହୀନ ଅବସ୍ଥାରେ ମାଟିରେ ମିଶି ଆମେ ସଢୁଥିଲୁ । ଚାଲିଥିଲା ଆମ ଦେଶିଆ ପ୍ରଜାଙ୍କ ଉପରେ ଅକଥନୀୟ ଅତ୍ୟାଚାର, ସେତେବେଳେ ଲକ୍ଷ୍ମୀବାବୁ ତୁମେ ନିଜର ସୁଖ ସୁବିଧା ଓ ଜୀବନକୁ ଉତ୍ସର୍ଗ କରି ପଶିଲ ପ୍ରତ୍ୟେକ ଗାଁ ଗଣ୍ଡାକୁ । ପ୍ରତ୍ୟେକ ଘରଦ୍ୱାର ବୁଲି, ଅସୀମ ବୀରତ୍ୱ ପ୍ରକାଶ କରି, ଆମ ଅଶିକ୍ଷିତ ଦରିଦ୍ର, ଅତ୍ୟାଚାରିତ, ନିଷ୍ପେସିତ, ଅବହେଳିତ ଅଞ୍ଚଳର ଅଗଣିତ ପ୍ରଜାଙ୍କ ମଧ୍ୟରେ ସ୍ୱାଧୀନ ଚେତନା ଓ ବୀରତ୍ୱ ବାଣୀ ପ୍ରବେଶ କରାଇ ସୃଷ୍ଟି କଲ ଅଗଣିତ ସ୍ୱାଧୀନତା ସଂଗ୍ରାମୀ କର୍ମୀ । ତୁମର ତ୍ୟାଗ ଓ ପ୍ରେରଣା ଯୋଗୁଁ ମାତି ଉଠିଲେ ଏକଦା ଭୟାଳୁ ଓ ଦୁର୍ବଳ ଥିବା ଗାଁ ଗଣ୍ଡାର ଅଗଣିତ ଜନତା ଗୋରା ସରକାରଙ୍କ ବିରୁଦ୍ଧେ ।

ଲକ୍ଷ୍ମୀବାବୁ ତୁମଠାରୁ ଆମେ ଅଶିକ୍ଷିତ ଦେଶିଆ ରୟତ ପୁରା ମାତ୍ରାରେ ଲାଭ କଲୁ ସ୍ୱାଧୀନ ଚେତନା ଏବଂ ମହାମାନବ ମହାତ୍ମାଗାନ୍ଧୀଙ୍କ ବାଣୀ । ଗୋରା ଶାସନ ବିରୁଦ୍ଧରେ ଓ ଭାରତ ମାତାଙ୍କ ସେବାରେ ଦେଖାଇଥିଲ ଅସୀମ ବୀରତ୍ୱ ଓ ସାହାସ । ତୁମର ଶେଷ ଜୀବନ ପର୍ଯ୍ୟନ୍ତ ଥିଲ ଆମ ସ୍ୱାଧୀନ-ସୈନିକ କର୍ମୀଗଣଙ୍କ ପ୍ରକୃତ ପ୍ରାଣର ବନ୍ଧୁ ।

ତୁମକୁ ହରାଇ ଆମେ ଆଜି ପଡ଼ିରହିଛୁ ନୈରାଶ୍ୟ ଓ ଦୁଃଖରେ । ଆଜି ଆମେ ତୁମର ପ୍ରଥମ ବାର୍ଷିକ ଶ୍ରାଦ୍ଧ ଦିବସରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କ ଠାରେ ପ୍ରାର୍ଥନା କରିବା ସଙ୍ଗେ ସଙ୍ଗେ ଆଶାକରୁ କି, ତୁମର ସେହି ଅସୀମ ତ୍ୟାଗ, ସତ୍ୟ ନିଷ୍ଠା ଏବଂ ପ୍ରେରଣା ଲାଭ କରି ବଞ୍ଚି ରହିବା ପାଇଁ ଏତିକି ତୁମେ ସ୍ୱର୍ଗଲୋକରେ ଥାଇ ଆମମାନଙ୍କୁ ଆଶୀର୍ବାଦ କରନ୍ତୁ ।

**ମୁଦି ନାୟକ**
ପୂର୍ବତନ ଏମ୍.ଏଲ୍.ଏ., ଡାବୁଗାଁ

(ପ୍ରଥମ ଶ୍ରାଦ୍ଧବାର୍ଷିକୀ ସ୍ମରଣିକାରୁ ଉଦ୍ଧୃତ - ୧୯୮୬)

# ମୁଁ ଯେତିକି ଚିହ୍ନିଥିଲି

**-ମନୋରଞ୍ଜନ ତ୍ରିପାଠୀ**
ନବରଙ୍ଗପୁର

ସେଦିନ ଥିଲା ସେପ୍‌ଟେମ୍ବର ୧୦ ତାରିଖ ୧୯୮୮ ମସିହା । ଆମେ ସମସ୍ତେ ଲାଗିପଡ଼ିଲୁ ଲକ୍ଷ୍ମୀଚନ୍ଦ୍ର ଦାସଙ୍କ ଶ୍ରାଦ୍ଧବାର୍ଷିକୀ ପାଇଁ । ମୁଁ ଏପଟେ ନବରଙ୍ଗପୁର ଉତ୍ସବ କରିବା ପାଇଁ ବ୍ୟସ୍ତ ସେପଟେ ଜୟପୁରରୁ ଡ଼ାକରା ଆସିଛି। 'ଜନଜାଗରଣ' ତରଫରୁ ସଭା ହେବ, ଆପଣ ଆସିବେ ଓ ସ୍ୱର୍ଗତ ଦାସଙ୍କ ବିଷୟରେ କହିବେ । ମୁଁ ପିଲାମାନଙ୍କୁ ବୁଝାଇଦେଲି ଯେ ତମେ ସମସ୍ତେ ପାହାନ୍ତିଆ ୫ଟାରେ ଆସିବ ପ୍ରଭାତଫେରି ହେବ । ପିଲାମାନେ ମୋତେ ପଚାରୁଥାନ୍ତି 'ଲକ୍ଷ୍ମୀଚନ୍ଦ୍ର ଦାସ କିଏ' ଆଉ କେତେକ କହୁଥାନ୍ତି 'ଜନସଖା ଅଫିସରେ ବସିଥିବା ସେହି ଖଦଡ଼ ପିନ୍ଧା ବୁଢ଼ା ଲୋକଟା' 'ଆଉ କେତେକ ପିଲା କହୁଥାନ୍ତି ନୁଆବନ୍ଧ ସାହି ପାଖରେ ଥିବା ଦାଣଗଳିରେ ତାଙ୍କ ଘର ଇତ୍ୟାଦି । କିନ୍ତୁ କିଏ ମଧ୍ଯ ଜାଣି ନ ଥିଲେ ଯେ ସେ କିଏ ? ଦୁଃଖ ଲାଗିଲା । ଏ ଯୁଗର ମହାତ୍ମାଙ୍କ ବିଷୟରେ ଯଦି ଏହି ବଂଶଧର ନ ଜାଣିବେ ତେବେ ଜାଣିବ କିଏ ? ଲକ୍ଷ୍ମୀଚନ୍ଦ୍ର ଦାସଙ୍କ ସେହି ଆନ୍ଦୋଳନ କଥା ପିଲାମାନେ ଶୁଣୁଥାନ୍ତି ଆଇମାଁ କାହାଣୀ ପରି । କଥା ସରିଲା । ଶେଷକୁ ଜଣେ ପିଲା ଉଠି କହିଲା, 'ଭାଇନା, ନବରଙ୍ଗପୁରରେ ଏତେ ବଡ଼ ଲୋକଟିଏ ଜନ୍ମ ହୋଇଥିଲା କି ! ଏକଥା ଶୁଣି ମୋର ହୃଦ୍‌ବୋଧ ହେଲା ଯେ ଏମାନଙ୍କ କୋମଳ ହୃଦୟକୁ ଏହା ସ୍ପର୍ଶ କରିଛି ।

ସେପ୍‌ଟେମ୍ବର ୧୧ ତାରିଖ ପାହାନ୍ତିଆରୁ ଆସି ପହଞ୍ଚିଲେ ପିଲାମାନେ । ସେମାନଙ୍କ ସହ ମିଶି ରାମଧୂନ୍ ସରିଲା । କଂଗ୍ରେସ ଅଫିସରୁ ଫୋଟ ଅଣାହେଲା । ମୁଁ ଆଗରୁ ମହେଶ୍ୱର ପାତ୍ରଙ୍କୁ କିଛି କହିଦେଇଥାଏ । ସେ ସମାନ ସମୟରେ ସକାଳୁ ଆସି ପହଞ୍ଚିଲେ ଓ ଯେଉଁ ପଦ ସ୍ୱର୍ଗତ ଦାସଙ୍କ ପ୍ରିୟ ସେ ତାହା ଭାଗବତ ଗୀତାରୁ ପାଠ କଲେ । ସଭା ହେଲା । ସଦାଶିବ ନାୟକ, ଜଗନ୍ନାଥ ତ୍ରିପାଠୀ, ମହମ୍ମଦ ବାଜୀ ସମସ୍ତେ ସ୍ମୃତିଚାରଣ କଲେ । ସଭା ସରିଲା । ସ୍ମରଣିକା ବଣ୍ଟାଗଲା । କିନ୍ତୁ ଘଟିଲା ଗୋଟିଏ ଆଶ୍ଚର୍ଯ୍ୟର କଥା ଯେଉଁ ଲକ୍ଷ୍ମୀଚନ୍ଦ୍ର ଦାସଙ୍କ ବିଷୟରେ ପିଲା ଜାଣି ନ ଥିଲେ ସେମାନେ ଫୋଟ ଉପରେ ପଡ଼ିଥିବା ଫୁଲମାଳ ପାଇଁ ଟଣାଓଟରା ଆରମ୍ଭ କଲେ । ଶେଷକୁ ଠିକ୍ ହେଲା ଫୁଲମାଳ ନିଲାମ ହେବ ।

ତିନୋଟି ଫୁଲମାଳ ନିଲାମ ହେଲା ୨୧ ଟଙ୍କା, ୧୦ ଟଙ୍କା ଓ ୪ ଟଙ୍କାରେ । ଏହିପରି ୩୫ ଟଙ୍କା ମିଳିଲା । ଏ ପଇସା କ'ଣ ହେବ । ଠିକ୍ କଲୁ ଆସନ୍ତା ଅକ୍ଟୋବର ୨ ତାରିଖରେ ଏହାକୁ ପବିତ୍ର ଗାନ୍ଧୀ ଜୟନ୍ତୀରେ ଖର୍ଚ୍ଚ କରାଯିବ ।

ଅକ୍ଟୋବର ୨ ତାରିଖ ପବିତ୍ର ଗାନ୍ଧୀ ଜୟନ୍ତୀ । ସେ ପଇସାରେ ବିସ୍କୁଟ ଓ କ୍ଷୀର କିଣି ଆମେ ଚାଲିଲୁ କୁଷ୍ଠ ରୋଗୀ ଆଶ୍ରମକୁ । ସେଠାରେ ସେମାନଙ୍କୁ ବିସ୍କୁଟ ଓ କ୍ଷୀର ଦେଇ ଆମେ ବୁଝାଉଥିଲୁ ଯେ ଲକ୍ଷ୍ମୀଚନ୍ଦ୍ର ଦାସଙ୍କ ପଇସାରେ କିଣା ହୋଇଛି ଆମ ପଇସାରେ ନୁହେଁ । କାହିଁକି କେଜାଣି ତାଙ୍କ ଆଖିରୁ ଲୁହ ଝରି ଆସିଥିଲା ।

ସେହି ଉଦାର ହୃଦୟ ବ୍ୟକ୍ତି ଥିଲା ସେ ଯିଏ କି ସମସ୍ତଙ୍କ ହୃଦୟକୁ ଜୟ କରିଥିଲା । କୋରାପୁଟ ଜିଲ୍ଲାର ଅର୍ଦ୍ଧଶତାବ୍ଦୀର ଇତିହାସ ତା କୋଳରେ ପ୍ରତିଫଳିତ ହୋଇଥିଲା । ସେହି ମହାନ ବ୍ୟକ୍ତିତ୍ୱ ସିଏ । ଯାହାର ଇତିହାସ କୋରାପୁଟ ଜିଲ୍ଲାର ସ୍ୱାଧୀନତାର ଇତିହାସ । ଯାହାର ଆବାଜ ଥିଲା ସ୍ୱାଧୀନତାର ଆବାଜ । ଯାହାର ନୀତି ଥିଲା କଠୋର ଆଉ ବାକ୍ୟ ଥିଲା ଅଜର । ସେହି ମହାନ ଆତ୍ମାର ବିଲୀନ ହୋଇଗଲା ଆଜିର ଦିନ ସେପ୍ଟେମ୍ବର ୧୧ ତାରିଖରେ । ନବରଙ୍ଗପୁର ରାଜରାସ୍ତା ଶୋକାବିହ୍ୱଳ ହୋଇ ଉଠିଲା । ସହରର ସମସ୍ତ ଦୋକାନ ବଜାର ବନ୍ଦ ହୋଇଗଲା । ଆଉ ତ୍ରିରଙ୍ଗ ପତାକା ଦେହରେ ପକାଇ ଚାଲିଲା ସିଏ ମହା ବିଶ୍ରାମର ସ୍ଥଳକୁ ।

କିଏ କହିଲା, ''ଲକ୍ଷ୍ମୀବାବୁ ଚାଲିଗଲେ'', କିଏ କହିଲା, ''ବିପ୍ଳବୀ ଲକ୍ଷ୍ମୀଚନ୍ଦ୍ର ଦାସ ଚାଲିଗଲେ'', କିଏ କହିଲା, ''କୋରାପୁଟିଆ ସିଂହ ଚାଲିଗଲା'' । କିଏ ବା କହିଲା, ''ଗୁରୁ ଚାଲିଗଲା'' । କିନ୍ତୁ ସେଦିନ ମୁଁ କହିଥିଲି ନବରଙ୍ଗପୁର ରାଜନୀତି ଇତିହାସର ''ନୀତି ଓ ଆଦର୍ଶ'' ଚାଲିଗଲା । ସେ ଦିନ ଚାଲିଗଲା ଖଦଡ଼ ପ୍ରେମୀ, ଅହିଂସା ଆଉ ଆଦର୍ଶର ପୂଜାରୀ । କି ମହାନ ସିଏ । ଏ ଯୁଗର ପଦପଦବୀରେ ନ ଥାଇ ମଧ୍ୟ ସମସ୍ତ ହୃଦୟକୁ ଜୟ କରିଥିଲା । ପଦରେ ନ ଥାଇ ରାଜନୀତିର ଶୀର୍ଷ ସ୍ଥାନକୁ ଯାଇଥିଲା । ମୁଖ୍ୟମନ୍ତ୍ରୀ, ମନ୍ତ୍ରୀଙ୍କୁ ଆଙ୍ଗୁଠି ଦେଖାଇ ଭୁଲ ପାଇଁ ପ୍ରଶ୍ନ ପଚାରୁଥିଲା ।

ପିଲାଟି ଦିନରୁ ମାଟି ମାଁ ପାଇଁ କେତେ ଆଦର୍ଶ ଥିଲା ତାହା ଜଣାଯାଇଥିଲା ପିଲାଟି ଦିନରୁ । ସେ ଯେତେବେଳେ ଜୟପୁର ଏଚ୍.ଇ. ବୋର୍ଡ଼ ସ୍କୁଲର ଛାତ୍ର ଥିଲେ ସେ ସମୟରେ ମହାତ୍ମାଗାନ୍ଧୀଙ୍କ ଡ଼ାକରାରେ ନିଜକୁ ଭସାଇ ଦେଇଥିଲେ । ସେ ସମୟରେ ତତ୍କାଳୀନ ବ୍ରିଟିଶ୍ ସାହେବ ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ଏଫ୍.ଏଫ୍.ପି. ଗିଲ ପୋଲିସର ଗୁପ୍ତ ଡ଼ାଏରୀରେ ଲେଖିଥିଲେ-

'Laxmi Chandra Das was a student of Jeypore H.E. Board School and discontinued his studies and took up Congress works, He was convicted One year R.I. and was fined R.I. 100 i/d 3 months under D. I. Rules 38 (5) for shouting anti war slogans in 1941. On 13.8.1942 he visited Dabugam and instigated to damage Souraguda Bridge and Jatabal Bridge and break Law.'

ଯୁବକ ଅବସ୍ଥାରେ ଲକ୍ଷ୍ମୀଚନ୍ଦ୍ର ଦାସ କଂଗ୍ରେସ ପ୍ରତି ଅଗାଧ ବିଶ୍ୱାସରେ ନିଜକୁ ଭସାଇ ଦେଇଥିଲେ । ସେ ଥିଲେ କଂଗ୍ରେସର ଉପଯୁକ୍ତ କର୍ମୀ । ସେ ଆମରଣ କଂଗ୍ରେସରେ ରହିବି ବୋଲି ସତ୍ୟ କରିଥିଲେ । ଏକ ଚିଠିରେ ସେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ମହମ୍ମଦ ବାଜୀଙ୍କୁ ୫.୮.୧୯୩୪ରେ ଲେଖି ଥିଲେ -

My dear Friend,

At night I see many dreams. I always think about my motherland. Dear Friend, tell me what can I do for my motherland. Congress is my life and life is my Congress, till my death I cannot leave Congress.

ଏଥିରୁ ଯୁବ ସମାଜ ନୂତନ ପ୍ରେରଣା ପାଇବା କଥା । ଲକ୍ଷ୍ମୀଚନ୍ଦ୍ର ଦାସଙ୍କର ଯୁବକ ଅବସ୍ଥାରେ ଦେଶ ମାଟି ପାଇଁ କି ଚିନ୍ତାଧାର ଥିଲା ।

( ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ସ୍ମରଣିକାରୁ ଉଦ୍ଧୃତ – ୧୯୮୯)



# ଲକ୍ଷ୍ମୀବାବୁଙ୍କୁ ଅଗଷ୍ଟ ପନ୍ଦରର  ଅଭିନନ୍ଦନ

ମାନ୍ୟବର ଦେଶଭକ୍ତ, ସ୍ୱାଧୀନତା ସଂଗ୍ରାମୀ, 'ଜନସଖା'ର ସମ୍ପାଦକ, ସତ୍ୟବାଦୀ ନିର୍ଭୀକ ନିସ୍ୱାର୍ଥପର ନ୍ୟାୟବାନ ସ୍ଥିରବୁଦ୍ଧି ସ୍ୱର୍ଗୀୟ ଲକ୍ଷ୍ମୀବାବୁ,

ହେ ମହାମାନବ ! ଆପଣଙ୍କୁ ମୁଁ ପ୍ରତ୍ୟେକ ବର୍ଷ ଅଗଷ୍ଟ ପନ୍ଦର ଅଭିନନ୍ଦନ  ଦେଉଥିଲି । ଏବର୍ଷ ପନ୍ଦର ଅଗଷ୍ଟର ଅଭିନନ୍ଦନ ଆପଣ ସ୍ୱର୍ଗରେ ରହି ସ୍ୱୀକାର କରନ୍ତୁ ଏତିକି ମୋର ପ୍ରାର୍ଥନା ।

ଆପଣଙ୍କ ବିଷୟରେ ମୁଁ ଥରେ ଓଡ଼ିଶାର ଭୂତପୂର୍ବ ମୁଖ୍ୟମନ୍ତ୍ରୀ ସଦାଶିବ ତ୍ରିପାଠୀଙ୍କୁ ପ୍ରଶ୍ନ କରିଥିଲି - ''ଆପଣଙ୍କ ଜୀବନ କାଳରେ ଅନେକ ଲୋକଙ୍କ ସଂସ୍ପର୍ଶରେ ଆସିଛନ୍ତି । ଆପଣଙ୍କ ଦୃଷ୍ଟିରେ ଶ୍ରେଷ୍ଠ ଲୋକ କିଏ ?'' ତ୍ରିପାଠୀ ଉତ୍ତର ଦେଲେ - ''ଲକ୍ଷ୍ମୀ ସମାନ ଶ୍ରେଷ୍ଠ ଲୋକ କେହି ନାହିଁ । ସେ ପ୍ରକୃତ ଦେଶଭକ୍ତ । ତାଙ୍କୁ କୌଣସି କଥାରେ ପ୍ରଭାବିତ କରାଯାଇ ପାରିବ ନାହିଁ ।''

ଅଲେଖ ମହିମା ଧର୍ମର ଶ୍ରେଷ୍ଠ ସାଧୁ, ବ୍ରହ୍ମଜ୍ଞାନୀ ଅନନ୍ତରାମ ବାବା ଆପଣଙ୍କୁ ସନ୍ଥ କହି ତାଙ୍କ ସଦ୍‌ଗ୍ରନ୍ଥରେ ଆପଣଙ୍କୁ ଅନେକ ପ୍ରଶଂସା କରି ଲେଖିଯାଇଛନ୍ତି ।

ଆପଣ ଦେଶର ସ୍ୱାଧୀନତା ପାଇଁ ଆନ୍ଦୋଳନ କରି ଜେଲ ଯାଇଥିଲେ । ଜେଲରେ ନାନା ପ୍ରକାର କଷ୍ଟ ସହି ଥିଲେ, ବେମାରରେ ମଧ୍ୟ ପଡ଼ିଥିଲେ । କିନ୍ତୁ ନିଜ ପଥରୁ କେବେ  ବିଚ୍ୟୁତ ହୋଇ ନ ଥିଲେ, ରାଷ୍ଟ୍ରପିତା ମହାତ୍ମାଗାନ୍ଧୀଙ୍କୁ ଶେଷ ପର୍ଯ୍ୟନ୍ତ ସାହାଯ୍ୟ କଲେ । ଦେଶକୁ ସ୍ୱାଧୀନ କରାଇ ଦେଶବାସୀଙ୍କ ଗୌରବ ବଢ଼ାଇଲେ ।

ଥରେ ଭୂତପୂର୍ବ ମୁଖ୍ୟମନ୍ତ୍ରୀ ଡଃ. ହରେକୃଷ୍ଣ ମହତାବ ନବରଙ୍ଗପୁର  ଆସିଥିଲେ । ଜନସେବା ପ୍ରେସ ସାମନାରେ ଗାଡ଼ିରଖି ଆପଣଙ୍କୁ ଡ଼କାଇ ପଠାଇଲେ । ସେ ସମୟରେ ଆପଣଙ୍କ ବାସଭବନରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ  ରାଧାମୋହନ ସାହୁ ଭୋଜନ କରୁଥିଲେ । ମୁଖ୍ୟମନ୍ତ୍ରୀ ଡାକୁଛନ୍ତି ବୋଲି ବାର୍ତ୍ତାଧରି ଆସିଥିବା ଲୋକକୁ 'ଆସୁଛି' ବୋଲି   କହିଥିଲେ । କିନ୍ତୁ ପୁଣି ଥରେ  ସେ ଲୋକ ଡ଼ାକିବାକୁ ଆସିବାରୁ  ଆପଣ

କହିଲେ- 'ଯା ମୁଁ ଆସିବି ନାହିଁ ।' ମହତାବଙ୍କ ଡ଼ାକରାକୁ ଆପଣ ଭ୍ରୂକ୍ଷେପ କରି ଦେଇଥିଲେ । ତାଙ୍କ ଡ଼ାକରା ଅପେକ୍ଷା ଅତିଥି ବନ୍ଧୁଙ୍କୁ ବଡ଼ ବିଚାରିଥିଲେ । ଲକ୍ଷ୍ମୀବାବୁ ଧନ୍ୟ ତୁମ ଜୀବନ ।

ଥରେ ମନ୍ତ୍ରୀ ସାନ୍ତନୁ କୁମାର ଦାସ ନବରଙ୍ଗପୁର କଂଗ୍ରେସ ଅଫିସକୁ ଆସିଥିଲେ । ମନ୍ତ୍ରୀଙ୍କୁ ଉପସ୍ଥିତ ଥିବା ଗରିବ ଲୋକେ ଗୁହାରୀ କରିବାରୁ ମନ୍ତ୍ରୀ ମହାଶୟ ଉଦାସୀନତା ଦେଖାଇ ଧମକାଇଲେ । ଲକ୍ଷ୍ମୀବାବୁ ତୁମ୍ଭେ ତାହା ଶୁଣୀ ଅଫିସରେ ପହଞ୍ଚି ମନ୍ତ୍ରୀକୁ ଧମକ ଦେଇ ଅଫିସରୁ ଚାଲିଯିବାକୁ ନିର୍ଦ୍ଦେଶ ଦେଇଥିଲ । ପରେ ମନ୍ତ୍ରୀ ମହାଶୟ ବୁଝି ଉତ୍ତର ପାଇଲେ ଯେ ଲକ୍ଷ୍ମୀବାବୁ କୋରାପୁଟର ଜଣେ ଟାଣୁଆ ନେତା ଏବଂ ସର୍ବେସର୍ବା । କି ନିର୍ଭୀକ ତୁମେ !

ଥରେ ଭୂତପୂର୍ବ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ନବରଙ୍ଗପୁର ଆସି ଏକ ବୈଠକରେ ନକ୍ସଲାଇଟ୍‌ମାନଙ୍କୁ ନିନ୍ଦା କରିବାକୁ ହେବ ନାହିଁ ବୋଲି କହିଥିଲେ । ଆପଣ ତାଙ୍କ ଉପରେ ରାଗିଯାଇ କହିଥିଲେ – 'ଲୋକମାନଙ୍କ ବେକ କାଟି ଦେଉଛନ୍ତି । ଏପରି ଲୋକଙ୍କୁ ଆପଣ ବିରୋଧ କରିବାକୁ ହେବନାହିଁ ବୋଲି କିପରି କହୁଛନ୍ତି ।' ନାନା ଧମକଚମକ ଦେଇ ବୈଠକରୁ ଉଠି ଆସିଥିଲେ । ଆପଣ ଭାରତ ବର୍ଷର ଅର୍ଦ୍ଧଶତାବ୍ଦୀ ଧରି ମୃତ୍ୟୁ ପର୍ଯ୍ୟନ୍ତ ସେବା କରିଛନ୍ତି । ଏତେ ଲମ୍ବା ସମୟ ଦେଶ ସେବା କରିବା ଦେଶଭକ୍ତ ମାନଙ୍କ ସଂଖ୍ୟା ଖୁବ୍ କମ୍ ।

ନବରଙ୍ଗପୁର ସହରରେ ତେଲୁଗୁ ଓଡ଼ିଆଙ୍କ ମଧ୍ୟରେ ଗଣ୍ଡଗୋଳ ବଢୁଥିଲା । ଆପଣ 'ଜନସଖା' ରେ ସେ ସମ୍ପର୍କରେ ମୂଲ୍ୟବାନ ଲେଖା ପ୍ରକାଶ କରି ଗଣ୍ଡଗୋଳ ସମାଧାନ କିପରି ହେବ ତାହାର ବ୍ୟବସ୍ଥା କରିଥିଲେ ।

ଲକ୍ଷ୍ମୀବାବୁ ଆପଣ 'ଜନସଖା'ରେ ସତର୍କବାଣୀ ଶୁଣାଉଥିଲେ । ଭାରତବାସୀ ଏକ ହେବାକୁ, ଅନ୍ୟାୟ ଅତ୍ୟାଚାରର ପ୍ରତିବାଦ କରିବାକୁ । ଲଙ୍ଗଳା ସିନେମା ଦେଖା ଓ ଅଭଦ୍ର ଗୀତ ଶୁଣିବା ବନ୍ଦ କରିବାକୁ ପରାମର୍ଶ ଦେଉଥିଲେ ।

ଆପଣଙ୍କ ଅନୁପସ୍ଥିତିରେ ମୋର କୁଟୁମ୍ବସାରା ନିଃସହାୟ ମନେକରି ସମୟେ ସମୟେ କାନ୍ଦୁଛନ୍ତି । ଆପଣ ସୁଦର୍ଶନଚକ୍ର ମୋତେ ସାହାଯ୍ୟ କରୁଥିଲେ ।

ଶତ ଶତ ପ୍ରଣାମ କରୁଛି । ଆପଣ ସ୍ୱର୍ଗରେ ଥାଇ ଏହି ପତ୍ର ସ୍ୱୀକାର କରନ୍ତୁ । ଆପଣଙ୍କ ଆଶୀର୍ବାଦ ଭିକ୍ଷା କରୁଛି ।

''ଜୟ ଭାରତ''

**-ହୁକୁମ ଚାନ୍ଦ୍ ଗୁପ୍ତା**
ନବରଙ୍ଗପୁର

(ପ୍ରଥମ ଶ୍ରାଦ୍ଧବାର୍ଷିକୀ ସ୍ମରଣିକାରୁ ଉଦ୍ଧୃତ - ୧୯୮୬)

# ଲକ୍ଷରେ ପ୍ରକାଶ ଲକ୍ଷ୍ମୀବାବୁ

**-ମହେଶ୍ୱର ପାତ୍ର**
ନବରଙ୍ଗପୁର

ମନୁଷ୍ୟ ଜୀବନର ଲକ୍ଷ୍ୟ ଲକ୍ଷ୍ମୀବାବୁ ଜାଣିଥିଲେ । ଭାରତର ସ୍ୱାଧୀନତା ପାଇଁ କୋରାପୁଟ ଜିଲ୍ଲାର ବିରାଟ ନବରଙ୍ଗପୁର ସବ୍‌ଡ଼ିଭିଜନରେ କର୍ମଯୋଗରେ, ଜ୍ଞାନ ଯୋଗରେ ସେ ଥିଲେ ସାରଥୀ । ସେ ଲଗାମ ଧରିଥିଲେ । କାହାକୁ ଖାତିରି କରନ୍ତି ନାହିଁ । ସତ କଥା କହି ଦିଅନ୍ତି । ଫାଲତୁ କଥା କହିଲେ ପାଖରେ ପୁରାଇ ଦିଅନ୍ତି ନାହିଁ । ତାଙ୍କଠାରେ କୌଣସି କ୍ଷମତା, ସ୍ୱାର୍ଥ ଭାବନା ନ ଥିଲା । ସବୁବେଳେ ଗାନ୍ଧୀ ମୋର ସାଥୀ ବୋଲି କହୁଥାନ୍ତି । କଂଗ୍ରେସ କଥା, ଗାନ୍ଧୀ ଯାହା କହୁଥିଲେ, ସେହି କଥା ଗାଁ ଗଣ୍ଡାର ଗଳିକନ୍ଦିରେ ବଣ ଜଙ୍ଗଲ ଚାଲି ଚାଲି ସଭା କରି ବ୍ରିଟିଶ୍ ସରକାର, ରାଜା ମହାରାଜା, ରିବନି, ପାଇକ, ପୋଲିସର ଅନ୍ୟାୟ ଅତ୍ୟାଚାର ବିରୋଧ କରୁଥିଲେ । ଲୋକଙ୍କୁ ପ୍ରବର୍ତାଇ ସେମାନଙ୍କୁ ଧୈର୍ଯ୍ୟ ଓ ସାହସ ଦେଇ ଜାଗ୍ରତ କରାଇଥିଲେ । ତାହା ପ୍ରଥମ ଭୋଟ ସମୟରେ ପ୍ରତିଫଳିତ ହୋଇଥିଲା । ସେତେବେଳେ ଭୋଟ ଦେବା ସମୟରେ ଗାଁ ଗଣ୍ଡାର ଆଦିବାସୀ ଲୋକମାନଙ୍କ ସାହସ ଯିଏ ଦେଖିଛି ସିଏ ଜାଣିଛି । ଲକ୍ଷ୍ମୀବାବୁ ସଭା କରିବାକୁ ଆସିବେ ବୋଲି ଶୁଣିଲେ ହଜାର ହଜାର ଲୋକ ସଭାସ୍ଥଳରେ ରୁଣ୍ଡ ହେଉଥିଲେ । ସଭା ଶେଷ ପର୍ଯ୍ୟନ୍ତ ବସି ମନଧ୍ୟାନ ଦେଇ ଶୁଣୁଥିଲେ । ଜଣେ ହେଲେ କେହିସଭାରୁ ଉଠିଯିବା ଦେଖାଯାଉ ନ ଥିଲା ।

ଲକ୍ଷ୍ମୀବାବୁ ସମସ୍ତ କର୍ମୀଙ୍କୁ ନିଜ କୁଟୁମ୍ବର ବୋଲି ମନେ କରୁଥିଲେ । ସେ ହଜାର ହଜାର ଚାରି ଅଣା କଂଗ୍ରେସ ମେମ୍ବର କରାଉଥିଲେ । ସବୁ ଜିଲ୍ଲାଠାରୁ ନବରଙ୍ଗପୁର ଅଞ୍ଚଳରେ କଂଗ୍ରେସର ବହୁତ ସଭ୍ୟ ରହିଥିଲେ । ଯେତେବେଳେ ଦ୍ୱିତୀୟ ବିଶ୍ୱଯୁଦ୍ଧର ସମୟ ଆସିଲା ସତ୍ୟାଗ୍ରହୀ ତାଲିକା ପ୍ରସ୍ତୁତ ଦାୟିତ୍ୱ ତାଙ୍କୁ ଦିଆଗଲା । ଶହୀଦ ଭବନ ଆଗରେ ଏକ କଂଗ୍ରେସ ସଭା ହୋଇଥିଲା । ସେଠାରେ ସତ୍ୟାଗ୍ରହ ପାଇଁ ଆହ୍ୱାନ କରି ଭାଷଣ ଦେବାବେଳେ ପୋଲିସ ତାଙ୍କୁ ଆରେଷ୍ଟ କରି ନେଇ ଏକ ବର୍ଷ ଜେଲ ଦଣ୍ଡ ଦେଇଥିଲେ । ଜେଲରୁ ଖଲାସ ହୋଇ ଜୋରସୋରରେ ଆନ୍ଦୋଳନ ପାଇଁ ପ୍ରଚାର କରିଥିଲେ । କର୍ମୀମାନଙ୍କୁ ଧୈର୍ଯ୍ୟ, ସାହସ ଦେଇ ଏକଜୁଟ କରାଇ ବେଠି, ପାନୁ, ମଦରନ୍ଧା, ସବୁ ପ୍ରକାର ଜୁଲମ ବନ୍ଦ କରାଇ ଲୋକମାନଙ୍କୁ ବିପତ୍ତିରୁ ରକ୍ଷା ପାଇବା ବାଟ ବୁଝାଉଥିଲେ । କର୍ମୀମାନେ ଲକ୍ଷ୍ମୀବାବୁଙ୍କ ଗାନ୍ଧୀ କଥା, ଉପଦେଶ, ନିର୍ଦ୍ଦେଶ ମାନି ଚଳୁଥିଲେ ।


୧୯୪୨ ଆନ୍ଦୋଳନରେ ବିଭିନ୍ନ ସ୍ଥାନରେ ପୋଲ, ବ୍ରିଡ଼ଜ ଭଙ୍ଗା, ଟେଲିଫୋନ ତାର କଟା ସହ ପାପଡାହାଣ୍ଡି ତୁରୀ ନଦୀ ନିକଟରେ ବିରାଟ ସଂଗ୍ରାମୀଙ୍କ ସମାବଶ ଲକ୍ଷ୍ମୀଚନ୍ଦ୍ର ଦାସଙ୍କ ମତାଣିରେ ହେଲା । ସେଇ ଜାଗାରେ ପୋଲିସର ଗୁଳିକାଣ୍ଡ ଘଟନା ଘଟି ଥିଲା । ଲକ୍ଷ୍ମୀବାବୁଙ୍କୁ ମିଶାଇ ଅନେକ କର୍ମୀ ଉପରେ ମକଦ୍ଦମା ହେଲା । ଲକ୍ଷ୍ମୀବାବୁ କୋର୍ଟ ବିଚାରଣରେ ଅଭିଯୁକ୍ତ ସମସ୍ତ ସଂଗ୍ରାମୀ ପାଇଁ ଓକିଲ ପରି ଜବାବ ସୁଆଲ ଲଢ଼େଇ କରିଥିଲେ । ଏହା ଦେଖିବା ଲୋକ ହିଁ କହିପାରିବ । ଦେଶର ଦୁଃଖ କଷ୍ଟ କଥା ବିଚାର ଆଲୋଚନା ହେବାବେଳେ ଲକ୍ଷ୍ମୀବାବୁ ଜେଲ ଜୀବନର ଅନେକ ଅନୁଭୂତି କହନ୍ତି । ଭାରତର ସ୍ୱାଧୀନତା ପରେ ମଧ ତାଙ୍କ ଜୀବନ କାଳରେ କୌଣସି କ୍ଷମତା ତାଙ୍କୁ ବାନ୍ଧି ପାରି ନ ଥିଲା । ସେ ଥିଲେ ସଦା ମୁକ୍ତ ।

ମୋର ଚାଟଶାଳୀରେ ଲକ୍ଷ୍ମୀବାବୁ ତାଙ୍କ ପ୍ରଥମ ପୁତ୍ର ଓଁ ପ୍ରିୟକୁ ପାଠ ପଢ଼ାଇବାକୁ ସାଥିରେ ଆଣି ଛାଡ଼ନ୍ତି । ଥରେ ପିଲାଟି ହଠାତ୍ ଭୀଷଣ ବେମାରରେ ପଡ଼ିଲା । ତାହା ଭୋଟ ସମୟ । କଂଗ୍ରେସ ପ୍ରଚାରରେ ସେ ବ୍ୟସ୍ତ । ଏଣେ ପିଲାର ମୃତ୍ୟୁ ହୋଇଗଲା । ଏହା ଶୁଣି ଆମର ଅଣ୍ଟା ଭାଙ୍ଗି ପଡ଼ିଥିଲା । କିନ୍ତୁ ଲକ୍ଷ୍ମୀବାବୁ ବିଚଳିତ ହେଲେ ନାହିଁ । ଦେଶ ପାଇଁ, ଗରିବ ପାଇଁ, କଂଗ୍ରେସ ପାଇଁ କି ଦରଦ ! ସଙ୍ଗେ ସଙ୍ଗେ କଂଗ୍ରେସ ପ୍ରଚାରରେ ବାହାରିପଡ଼ିଲେ । ସେହି ଦିନ ହିଁ କର୍ମୀମାନଙ୍କୁ ପ୍ରଚାର କରିବାକୁ ଉପଦେଶ ଦେଲେ । ଏପରି ଧୈର୍ଯ୍ୟ ତ୍ୟାଗ ! ଗାନ୍ଧୀ ଆଦର୍ଶ ଓ ବାଣୀ ତାଙ୍କଠାରେ ହିଁ ଦେଖିବାକୁ ମିଳିଛି ।

କଂଗ୍ରେସ ଅଫିସ ଆଗରେ ଗୋଟିଏ କଳାପଟାରେ ଗାଁ ଗଣ୍ଡାରେ ହେଉଥିବା ଅନ୍ୟାୟ ଅତ୍ୟାଚାର ଲେଖି ରଖୁଥିଲେ । ଯିବା ଆସିବା ଲୋକେ ପଢୁଥିଲେ । ଭୟରେ ଅନେକ ଅନ୍ୟାୟ ଦବିଯାଉଥିଲା । ଗାଁ ଗଣ୍ଡାର ଲୋକେ କିଛି ଅନ୍ୟାୟ କଥା ଜାଣିଲେ 'ଲକ୍ଷ୍ମୀବାବୁଙ୍କୁ କହିଦେବି' ବୋଲି ଭୟ ମଧ୍ୟ ଦେଖାଉଥିଲେ । କେତେ ବର୍ଷ ପରେ ଦିନେ କଂଗ୍ରେସ ଅଫିସରେ ବସି ବିଚାର କଲେ 'ଖବର କାଗଜ ପ୍ରକାଶ କଲେ ଗରିବ ଲୋକଙ୍କ ସେବା ହୁଅନ୍ତା' । ପ୍ରେସଟିଏ ଆଣିଲେ । ଜନସେବା ପ୍ରେସ ନାମଦେଇ 'ଜନସଖା' ବାହାର କଲେ । 'ଜନସଖା' ନାମ ଭଲ ଶୁଭୁଛି କି ବୋଲି ପଚାରିବାରୁ କର୍ମୀମାନେ ଠିକ୍ ଅଛି ବୋଲି କହିବାରୁ ଖୁସି ହୋଇଗଲେ । 'ଜନସଖା'ର ସହଯୋଗୀ ସମ୍ପାଦକ ଟି. ସାଙ୍ଗାନା (ପୂର୍ବତନ ମନ୍ତ୍ରୀ) ମୋତେ ପ୍ରଥମେ 'ଜନସଖା'ର ପ୍ରତିନିଧି କାର୍ଡ଼ ଦେଲେ । ଅଣତିରିଶ ବର୍ଷ ହେଲା ମୁଁ 'ଜନସଖା'ର ପ୍ରତିନିଧି ରହି ଆସିଛି ।

ମୁଁ ପ୍ରତିଦିନ ପ୍ରେସରେ ବସୁଛି । ଲକ୍ଷ୍ମୀବାବୁ ପାଠ ଡ଼ାକିଲେ ମୁଁ ଲେଖୁଛି । ଏପରି ଚାଲି ଥିଲା । ଗତ ବର୍ଷ ସେପ୍ଟେମ୍ବର ୧୦ ତାରିଖ ମଙ୍ଗଳବାର ଦୁଇଓଳି ଲକ୍ଷ୍ମୀବାବୁଙ୍କ ସହ ଗୀତା ସହ ରାମକୃଷ୍ଣ ପରମହଂସ, ସ୍ୱାମୀ ବିବେକାନନ୍ଦ, ମହାତ୍ମାଗାନ୍ଧୀ ଆଧାତ୍ମିକ ଆଲୋଚନା ହେଉଥିଲା । ତାଙ୍କ ଦେହର କୌଣସି ଖରାପ ସୂଚନା ନ ଥିଲା । 'ମନୁଷ୍ୟ ଆତ୍ମା ଗଲେ ମନୁଷ୍ୟ ହିଁ ଜନ୍ମ ନେବ । ମନୁଷ୍ୟ ଆତ୍ମା ଶ୍ରେଷ୍ଠ କର୍ମ କରେ । ପଶୁ ଜନ୍ମ ଶ୍ରେଷ୍ଠ କର୍ମ କରେ ନାହିଁ '- ଏହି ଆଲୋଚନା ଅଧା ହୋଇଛି କାଲିକି ବିଚାର କରିବା ବୋଲି ଲକ୍ଷ୍ମୀବାବୁ କହିଥିଲେ । ୧୧ ତାରିଖ ଏକ ଘଣ୍ଟା ସମୟରେ ଦାଣ୍ଡକୁ ବାହାରି ଶୁଣିଲି ଯେ ଲକ୍ଷ୍ମୀବାବୁ ଅଚେତା ହୋଇଛନ୍ତି । ମୁଁ ଧାଇଁ ଦେଖୁଲି ତାଙ୍କ ମୁଁହର ତେଜ ମୌଳି ନାହିଁ । କିନ୍ତୁ ଡ଼ାକ୍ତର ମାନଙ୍କ ମୁଖ ମ୍ଳାନ । ସେ ଦିନ ଘ. ୨-୩୦ ମି. ସମୟରେ ଲକ୍ଷ୍ମୀବାବୁଙ୍କ କର୍ମମୟ ଜୀବନର ଶରୀର ଚାଲିଗଲା । ତାଙ୍କର ଆତ୍ମା ଲକ୍ଷ୍ୟସ୍ଥଳରେ ପହଞ୍ଚିଛି ।

(ପ୍ରଥମ ଶ୍ରାଦ୍ଧବାର୍ଷିକୀ ସ୍ମରଣିକାରୁ ଉଦ୍ଧୃତ - ୧୯୮୬)


WEEKLY THE JANASAKHA Regd No O—91

# ମହାମାନବ ଲକ୍ଷ୍ମୀଚନ୍ଦ୍ର ଦାସ

**-ଅବଧୂତ ଗୋବିନ୍ଦଚନ୍ଦ୍ର ବାବା**
ମହିମା ଆଶ୍ରମ
ନବରଙ୍ଗପୁର

ମହାମାନବ ଲକ୍ଷ୍ମୀଚନ୍ଦ୍ର ଦାସ କୋରାପୁଟ ଜିଲ୍ଲାର ଘରେ ଘରେ ପରିଚିତ । ଓଡ଼ିଶାର ମୁଖ୍ୟ ରାଜନୀତିଜ୍ଞ ତାଙ୍କର ସୁଗୁଣରେ ମୁଗ୍‌ଧ ହୋଇଥିଲେ । ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଓ 'ଜନସଖା' ପତ୍ରିକାର ପ୍ରତିଷ୍ଠାତା ଲକ୍ଷ୍ମୀବାବୁ ଜଣେ ମହାନ୍ ଧର୍ମଜ୍ଞ ଓ ନିଷ୍ଠାପର ବ୍ୟକ୍ତି ଥିଲେ ଓ ଅହିଂସା ବ୍ରତ ପାଳନ କରୁଥିଲେ । ଜାତିର ପିତା ମହାତ୍ମାଗାନ୍ଧୀଙ୍କ ନୀତି ଓ ଆଦର୍ଶକୁ ସେ ଅକ୍ଷରେ ଅକ୍ଷରେ ନିଜ ଜୀବନରେ ଲଗାଇଥିଲେ । ଦୁଃଖୀ, ଦରିଦ୍ର ଓ ଅବହେଳିତ ଜାତିର ଉନ୍ନତି ପାଇଁ ସେ ସର୍ବଦା ଧ୍ୟାନ ଦେଉଥିଲେ । କୋରାପୁଟ ଜିଲ୍ଲାର ଭଲମନ୍ଦ ସବୁ, 'ଜନସଖା'ରେ ସତ୍ୟ ପ୍ରକାଶ କରୁଥିଲେ ।

ଲକ୍ଷ୍ମୀବାବୁ ଜଣେ ମହାନ ଭଗବତ ପ୍ରେମୀ ଥିଲେ । ପଶ୍ଚିମାଞ୍ଚଳ ମହିମା ସମାଜର ଶତାଧିକ ବର୍ଷର ଯୋଗୀ ସ୍ୱର୍ଗୀୟ ରତ୍ନମଣି ବାବାଙ୍କ ପ୍ରତି ଲକ୍ଷ୍ମୀବାବୁଙ୍କ ମହାନ୍ ଭକ୍ତି ଥିଲା । ରତ୍ନମଣି ବାବାଙ୍କ ସହିତ ତାଙ୍କର ଅନେକ ଧର୍ମ ଆଲୋଚନା ହେଉଥିଲା । ତାଙ୍କର ଭକ୍ତ ପ୍ରେମ ଶ୍ରଦ୍ଧାକୁ ଦେଖି ବାବା ତାଙ୍କୁ ଅତି ସ୍ନେହର ସହିତ ଆଶୀର୍ବାଦ କରୁଥିଲେ । ବାବା ମଧ୍ୟ ସବୁବେଳେ ଲକ୍ଷ୍ମୀବାବୁଙ୍କ ଉପରେ ସନ୍ତୁଷ୍ଟ ରହୁଥିଲେ । ଲକ୍ଷ୍ମୀବାବୁଙ୍କ ଦେହ ତ୍ୟାଗ ଖବର ମୁଁ ପାଇ ରତ୍ନମଣି ବାବାଙ୍କୁ ଜଣାଇବାରୁ ସେ ବହୁତ ଦୁଃଖିତ ହୋଇଥିଲେ ଏବଂ ସଙ୍ଗେ ସଙ୍ଗେ ତାଙ୍କର ସଦ୍‌ଗତି ପାଇଁ ଅଲେଖ ମହାପ୍ରଭୁଙ୍କଠାରେ ପ୍ରାର୍ଥନା କରିଥିଲେ ।

ସେହିଭଳି ଅନନ୍ତରାମ ବାବା ଓ ଲକ୍ଷ୍ମୀବାବୁଙ୍କ ମଧ୍ୟରେ ଘନିଷ୍ଠ ସମ୍ପର୍କ ରହିଥିଲା । ଉଭୟଙ୍କ ମଧ୍ୟରେ ଧର୍ମ ବିଷୟରେ ବିଭିନ୍ନ ସମୟରେ ଆଲୋଚନା ହେଉଥିଲା । ବାବାଙ୍କ ଅନେକ ଗୁଡ଼ିଏ ପୁସ୍ତକ ଲକ୍ଷ୍ମୀବାବୁ ତାଙ୍କ ଜନସେବା ପ୍ରେସରେ ବିନା ପଇସାରେ ମୁଦ୍ରଣ କରିଛନ୍ତି । ଅନନ୍ତରାମ ବାବା ଓ ଲକ୍ଷ୍ମୀବାବୁଙ୍କ ମଧ୍ୟରେ ମହାନ୍ ପ୍ରେମ ଭର୍ତ୍ତି ରହିଥିଲା । ଅନନ୍ତରାମ ବାବା ଓ ଲକ୍ଷ୍ମୀବାବୁ ମାସକୁ ଥରେ ଦେଖା ହୋଇ ଧର୍ମ ବିଷୟ ଚର୍ଚ୍ଚା ନ କଲେ ଉଭୟଙ୍କ ମନ ଶାନ୍ତ ହେଉ ନ ଥିଲା । ମହିମା ଧର୍ମର ସାଧୁମାନଙ୍କ ପାଇଁ ଲକ୍ଷ୍ମୀବାବୁଙ୍କ ଯୋଗୁଁ ଆଶ୍ରମଟି ରହିଛି । ତାଙ୍କୁ ମହିମା ଧର୍ମର ସାଧୁସନ୍ଥଗଣ ଭୂଲିପାରିବେ ନାହିଁ ।

ମୁଁ ଦୀର୍ଘ ୨୫ ବର୍ଷ ହେବ ତାଙ୍କ ସଂସ୍ପର୍ଶରେ ଆସିଥିଲି । ଆମ୍ଭର ସମସ୍ତ ଭଲମନ୍ଦ କଥା ଲକ୍ଷ୍ମୀବାବୁଙ୍କୁ ଜଣାଉଥିଲି । ଆମ୍ଭର ପ୍ରତ୍ୟେକ କଥା ମଧ୍ୟ ଲକ୍ଷ୍ମୀବାବୁ ବୁଝୁଥିଲେ । ଆମର ଜୀବନ ଥିବା ପର୍ଯ୍ୟନ୍ତ ଆମ୍ଭେ ତାଙ୍କୁ ଭୂଲିପାରିବୁ ନାହିଁ । ଲକ୍ଷ୍ମୀବାବୁଙ୍କ ଜୀବନ ସର୍ବଦା ରାମନାମରେ ବିହ୍ୱଳ ଥିଲା । ସେ ଥିଲେ ପ୍ରଭୁ ରାମଙ୍କ ପରମଭକ୍ତ । ସେ ଚାଲିଯାଇଛନ୍ତି ସତ କିନ୍ତୁ ତାଙ୍କର ମହତ୍‌ଗୁଣ ସର୍ବଦା ନବରଙ୍ଗପୁର ସହରବାସୀ ମନରେ ବଞ୍ଚିରହିଥିବ ।

(ତୃତୀୟ ଶ୍ରାଦ୍ଧବାର୍ଷିକୀ ସ୍ମରଣିକାରୁ ଉଦ୍ଧୃତ - ୧୯୮୮)

# ଲକ୍ଷ୍ମୀବାବୁ

-**ମଧୁସୂଦନ ତ୍ରିପାଠୀ**
ଉପ-ସଭାପତି, ନବରଙ୍ଗପୁର ଟାଉନ କଂଗ୍ରେସ କମିଟି

କାଳର କରାଳରେ କେତେ ବଡ଼ ଲୋକଙ୍କୁ ଇହଧାମ ତ୍ୟାଗ କରି ଯିବାକୁ ପଡୁଅଛି । ଜନ୍ମ ମାନେ ମୃତ୍ୟୁ ସୁନିଶ୍ଚିତ, ଏଥିରେ କିଛି କହିବାର ନୁହେଁ ।

ଆଜି ମୋର ମନେ ପଡୁଅଛି ଏଗାର ତାରିଖ ସେପ୍‌ଟେମ୍ବର ୧୯୮୫ କଥା । ମୋ ଦେହ ହାତଗୋଡ଼ ଥରୁଥାଏ ହଠାତ୍ ଖବର ଆମ ଘରେ ଆସି ପହଞ୍ଚିଲା ଯେ ଲକ୍ଷ୍ମୀବାବୁ ଚାଲିଗଲେ । ସେ ସମ୍ବାଦ ମୋ ଦେହରେ ଏକ ଆଘାତ ସୃଷ୍ଟି କଲା । ଆଗରୁ ତ ଅସୁସ୍ଥ ଥିଲି, ଏହା ଦ୍ୱିଗୁଣିତ କଲା । ମୁଁ ହେଲେ ମଧ୍ୟ ତର ତର ହୋଇ ପହଞ୍ଚିଥିଲି ତାଙ୍କ  ବାସଗୃହରେ । ହେଲେ ଦେଖିଲି କଅଣ ? ସେହି ଅବସ୍ଥା ଯାହା ମୋର ପିତାମହଙ୍କ ମୃତ୍ୟୁ ସମୟରେ, ସମସ୍ତେ ଶୋକବିହ୍ୱଳ । କାହାକୁ କିଏ ସାନ୍ତ୍ୱନା ଦେଉଥିବାର । ମୋର ପିଲାଦିନର ସାଥୀ ଦୁର୍ଗା ପ୍ରସାଦ ମହାପାତ୍ର ମୋତେ ଏକ କଡ଼କୁ ଡ଼ାକି ସାନ୍ତ୍ୱନା ଦେଇ କହିଲା ମଣିଷ ଜୀବନ ଆଜି ଏବେ ଅଛି କାଲି କଅଣ ହେବ କହି ହୁଏନା, ତାପରେ ସେ କାନ୍ଦି ପକେଇଲା ।

ଆଜି ମନେପଡ଼େ କେତେ କଥା, ସ୍ୱର୍ଗତ ଲକ୍ଷ୍ମୀବାବୁ ଦିନ ଥିଲା ସେ ଥିଲେ ମୋ ଜେଜେ ବାପାଙ୍କର ଏକ ବଳିଷ୍ଠ ସମର୍ଥକ । ମୋ ଜେଜେ ବାପା  ସଦାଶିବ ତ୍ରିପାଠୀ ତାଙ୍କୁ ନିଜର ଏକମାତ୍ର ପରାମର୍ଶଦାତା ବୋଲି ମାନି ନେବାର ମୁଁ ତାଙ୍କଠାରୁ କେତେଥର ଶୁଣି ଆସିଛି।

ଲକ୍ଷ୍ମୀଚନ୍ଦ୍ର ଦାସ ଯେ ବାପାଙ୍କର କେବଳ ସମର୍ଥକ ଥିଲେ ତାହା ନୁହେଁ, ସେ ସବୁବେଳେ ସଦାଶିବ ତ୍ରିପାଠୀଙ୍କ ସାଙ୍ଗରେ ଏକ ସ୍ତମ୍ଭପରି ଠିଆ ହୋଇ ଆସୁଥିଲେ । ଜିଲ୍ଲାର ବେଠି, ଗୋତି ଏବଂ ଅନ୍ୟାନ୍ୟ ଜୁଲମର ସେ ପ୍ରତିରୋଧ କରି ଆସୁଥିଲେ । ସେ ଥିଲେ ନିସ୍ୱାର୍ଥପର ଏବଂ  ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରି ତାଙ୍କ ଇହଲୀଳା ସମ୍ବରଣ କଲେ ।

ଏବେ ଆଉ ଗୋଟିଏ କଥା ମୋର ମନେପଡୁଅଛି । ୧୯୫୭ ସାଲରେ ତାଙ୍କ ଜ୍ୟେଷ୍ଠପୁତ୍ର ଓଁପ୍ରିୟ ଙ୍କ ସଙ୍ଗେ ମୁଁ ସେତେବେଳେ ମହେଶ୍ୱର ପାତ୍ରଙ୍କ ପୂଜାରୀସାହିର ଚାଟଶାଳୀରେ ପାଠ ପଢୁଥାଏ । ପରୀକ୍ଷା ସମୟ । ମୁଁ ଘରୁ ସ୍କୁଲକୁ ଆସିଲି ପରୀକ୍ଷା ଦେବା ପାଇଁ, କିନ୍ତୁ ସେ ଦିନ ପରୀକ୍ଷା ହେଲା ନାହିଁ । ମୁଁ ପଚାରିଲି କାହିଁକି ଆଜି ପରୀକ୍ଷା ନାହିଁ । ଅବଧାନେ କହିଲେ, ଆଜି ଛୁଟି । ମୁଁ ପଚାରିଲି, କଅଣ ଆଜି ପରା ପରୀକ୍ଷା ଦିନ ଛୁଟି କିପରି ହେଲା ? ଭାଲୁ ଆଜ୍ଞା କହିଲେ ଓଁପ୍ରିୟ ଆଉ ନାହିଁ । ମୁଁ ସ୍ତବ୍ଧ ହୋଇଗଲି । ସେ ଥିଲା ଏତେ ମେଧାବୀ ଛାତ୍ର ଯେ ସେତେବେଳେ ମଧ୍ୟ ସେ ମୋତେ କ୍ଲାସରେ ଦ୍ୱିତୀୟ କରି ପଛେ ପକାଉଥିଲା । ମୋଠାରୁ ପ୍ରାୟ ପଚାଶ ଖଣ୍ଡେ ଅଧିକ ନମ୍ବର ରଖୁଥିଲା । ଏହା ହେଲା କାଳର କରାଳ । ଆଜି ସେ ଦିନ ମୋର ମନେ ପଡୁଅଛି । ସେହି ଦିନଠାରୁ  ମୁଁ ଲକ୍ଷ୍ମୀବାବୁଙ୍କ ସଂସ୍ପର୍ଶରେ ଆସିଥିଲି ।

ସ୍ୱର୍ଗତ ଲକ୍ଷ୍ମୀବାବୁ ଥିଲେ ମୋର ଜେଜେବାପାଙ୍କ ସଖା ସହଯୋଗୀ ଏବଂ ସମର୍ଥକ । କିନ୍ତୁ ମୋର ତାଙ୍କ ବୟସ ଦୃଷ୍ଟିରୁ ବିଶେଷ ସମ୍ପର୍କ ନ ଥିଲେ ମଧ୍ୟ ମୁଁ ବାପାଙ୍କଠାରୁ ତାଙ୍କ ବିଷୟରେ ବହୁତ ବିଷୟ ଜାଣିବାକୁ ପାଇଥିଲି । ଆଜିର ଏହି ଦିନରେ ମୁଁ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଉଅଛି ଏବଂ ତା ସଙ୍ଗେ ସଙ୍ଗେ ତାଙ୍କ ଆତ୍ମାର ଶାନ୍ତି ପାଇଁ ଭଗବାନଙ୍କୁ ମୋର ପ୍ରାର୍ଥନା କରୁଛି ।

(ତୃତୀୟ ଶ୍ରାଦ୍ଧବାର୍ଷିକୀ ସ୍ମରଣିକାରୁ ଉଦ୍ଧୃତ - ୧୯୮୮)

# ବିରଳ ବ୍ୟକ୍ତିତ୍ୱ - ବିପ୍ଳବୀ ଲକ୍ଷ୍ମୀଚନ୍ଦ୍ର ଦାସ

**-ଶ୍ରୀମତୀ ସୁଲେଖା ଦାସ**
ନବରଙ୍ଗପୁର

ଭାରତ ସ୍ୱାଧୀନ ହେବାର ପାଞ୍ଚ ଦଶନ୍ଧିରୁ ଉର୍ଦ୍ଧ ବିତି ଯାଇଛି । ସେଇ ପୁରୁଣା ଇତିହାସ ପୃଷ୍ଠା ଅଲଟାଇଲେ ମନେ ପଡେ ଅନେକ ସଂଘର୍ଷ ଓ ଆତ୍ମବଳୀଦାନର ଗାଥା । ଅସୀମ ସାହସ, ଅଦମ୍ୟ ସଂଗ୍ରାମ ତଥା ନିଜ ଜୀବନକୁ ଜଳାଞ୍ଜଳି ଦେଇଥିବା ସେଇ ମହାନ ସୂରୀଙ୍କ ଜୀବନ ଧାରା ଯେ କିପରି ଦେଶ ମାତୃକା ପାଇଁ ଉତ୍ସର୍ଗୀକୃତ ଥିଲା । ଭାବିଲେ ସେ କଥା ଗୁଡିକ ମନକୁ ଆନ୍ଦୋଳିତ କରୁଛି । ସେଇ ମହାନ ବୀରଙ୍କ ଦେଶ ପ୍ରେମର କଥା ଅତି ରୋମାଞ୍ଚକର । ଲାଗେ ସତେ ଯେପରି ଏହାକୁ ଆମେ ଅଙ୍ଗେ ନିଭାଇଛୁ । କେତେ ଯେ ବୀର ସଂଗ୍ରାମୀ ଇଂରେଜ ବିରୁଦ୍ଧରେ ସଂଗ୍ରାମ କରି ସ୍ୱାଧୀନ ଭାରତର ସ୍ୱପ୍ନରେ ବିଭୋର ହୋଇ ନିଜ ଜୀବନକୁ ଦେଶ ମାତୃକାର ସେବାରେ ସମର୍ପଣ କରି ଦେଇଥିଲେ ।

ଭାରତ ସ୍ୱାଧୀନତା ସଂଗ୍ରାମ ଇତିହାସରେ ନବରଙ୍ଗପୁର ଜିଲ୍ଲାରେ ଘଟିଥିବା ସଂଘର୍ଷ ଓ ଆତ୍ମ ଉତ୍ସର୍ଗର କାହାଣୀ ଏକ ପ୍ରମୁଖ ଅନୁଚ୍ଛେଦ । ଦେଶ ପାଇଁ ଏହି ଜିଲ୍ଲାର ଅବଦାନ କିଛି କମ ନୁହଁ । ତେବେ ସେ ସମୟର ଅନେକ ଅଗ୍ରଗଣ୍ୟ ସଂଗ୍ରାମୀଙ୍କ ଜୀବନ କାହାଣୀ ଆଜି ପରଦାର ଅନ୍ତରାଳେ ଲୁପ୍ତପ୍ରାୟ । ସେଇ ସଂଗ୍ରାମୀ ମାନଙ୍କ ମଧ୍ୟରୁ ଅନେକଙ୍କୁ ଜାଣନ୍ତି ନାହିଁ ଆଜିର ଯୁବପିଢି । ସେଇ ସଂଗ୍ରାମୀ ମାନଙ୍କ ମଧ୍ୟରୁ ଜଣେ ଥିଲେ ବିପ୍ଳବୀ ଲକ୍ଷ୍ମୀଚନ୍ଦ୍ର ଦାସ, ଯିଏ କି ଅବିଭକ୍ତ କୋରାପୁଟ ଜିଲ୍ଲାର ଏକ ବିରଳ ବ୍ୟକ୍ତିତ୍ୱ । ତାଙ୍କର ନିରନ୍ତର ପ୍ରଚେଷ୍ଟା, ପ୍ରଚାର ଓ ଲୋକ ସମ୍ପର୍କ ଯୋଗୁଁ ନବରଙ୍ଗପୁର ଜିଲ୍ଲାରେ ଏକ ଦୃଢ ସଙ୍ଗଠନ ଠିଆ ହୋଇପାରିଥିଲା । ତାଙ୍କରି ବଳିଷ୍ଠ ନେତୃତ୍ୱ ଓ ଇଙ୍ଗିତରେ ଅନେକ ବିପ୍ଳବାତ୍ମକ ଘଟଣା ବ୍ରିଟିଶ ସରକାର ବିରୁଦ୍ଧରେ ନବରଙ୍ଗପୁର ଜିଲାରେ ଘଟିଥିଲା । ଏହି ଜିଲ୍ଲାର ଅଗଷ୍ଟ ବିପ୍ଳବରେ ତାଙ୍କ ଭୂମିକା ଉତ୍ସର୍ଗୀକୃତ, ନିର୍ଭୀକ ଓ ରୋମାଞ୍ଚକର ଥିଲା ।

ବିପ୍ଳବୀ ଲକ୍ଷ୍ମୀଚନ୍ଦ୍ର ଦାସଙ୍କ ଜୀବନ ଅତି ସରଳ ତଥା ନିରାଡମ୍ବର ଥିଲା । ସେ ବିନା ଆଶା, ଆକାଂକ୍ଷା କିମ୍ବା କୌଣସି ରାଜନୈତିକ ପଦ ପଦବୀକୁ ଗ୍ରହଣ ନ କରି ରାଜନୀତିର ନେପଥ୍ୟ ନାୟକ ଭାବେ ଖୁବ ସାହସିକତାର ସହିତ ଇଂରେଜ ଶାସନର ମୁକାବିଲାରେ ପ୍ରତ୍ୟକ୍ଷ ଭାବେ ଜଡ଼ିତ ଥିଲେ । ସେ ହେଉଛନ୍ତି ଅବିଭକ୍ତ କୋରାପୁଟ ଜିଲ୍ଲାର ଏକମାତ୍ର ସ୍ୱାଧୀନତା ସଂଗ୍ରାମୀ ଯିଏ କି ସ୍ୱାଧୀନତା ପରେ ସରକାରଙ୍କ ଦ୍ୱାରା ପ୍ରଦତ୍ତ ସଂଗ୍ରାମୀ ଭତ୍ତାକୁ ଗ୍ରହଣ କରିନାହାନ୍ତି ଏବଂ କୌଣସି ରାଜନୈତିକ କ୍ଷମତା ପଦବୀ ମଧ ଗ୍ରହଣ କରି ନଥିଲେ । ସେ ଥିଲେ ନିଃସ୍ୱାର୍ଥ ଦେଶ ଭକ୍ତିର ନିଚ୍ଛକ ପ୍ରତିଛବି ।

ଆଜି ବି ଆଖି ଆଗରେ ନାଚି ଉଠେ ଆନେକ ଘଟଣା । ତାଙ୍କୁ ମନେ ପଡିଲେ ଦୁଇ ଟୋପା ଅଶ୍ରୁଧାର ଅଜାଣତରେ ଝରି ପଡେ ଆଖି କୋଣରୁ । ତାଙ୍କ ସହିତ ପାରିବାରିକ ସମ୍ପର୍କ ହେବାରୁ ତାଙ୍କ କଥା ମୋ ଅନୁଭୂତିର ପରିସରକୁ ଆସିଥିଲା । ପୂଜ୍ୟନୀୟ ଲକ୍ଷ୍ମୀଚନ୍ଦ୍ର ଦାସ ହେଉଛନ୍ତି ମୋର ଶ୍ୱଶୁର । ଏବେ ବି ଭାବିଲେ ଆଶ୍ଚର୍ଯ୍ୟ ଲାଗେ ନିଜର ପ୍ରଭାବ, ପ୍ରତିପତ୍ତି ଥିଲେ ବି ସେ କେବେ ବି ନିଜକୁ 'ପ୍ରଭୁରାମ'ଙ୍କର ପରମ ସେବକ ତଥା ସ୍ୱାଧୀନ ଭାରତର ଏକ ପ୍ରକୃତ ସଂଗ୍ରାମୀ ବ୍ୟତୀତ ଅନ୍ୟ କିଛି ଭାବୁ ନ ଥିଲେ । ଜଣେ ନିର୍ଭୀକ, ନିରାଡମ୍ବର, ନିଃସ୍ୱାର୍ଥପର, ତ୍ୟାଗୀ, ସ୍ପଷ୍ଟବାଦୀ ହିସାବରେ ସେ ସମସ୍ତଙ୍କ ପାଖରେ ପରିଚିତ ଥିଲେ । ହିଂସା, ଅନ୍ୟାୟ, ଅସତ୍ୟର ଘୋର ବିରୋଧୀ ଥିଲେ । ଏପରିକି ନିଜ ଲୋକ କିମ୍ବା ଆତ୍ମୀୟଙ୍କ ଅନ୍ୟାୟକୁ ବି କେବେ ବରଦାସ୍ତ କରି ପାରୁ ନ ଥିଲେ ।

ଦେଶ ସ୍ୱାଧୀନ ହେବା ପରେ ଅନ୍ୟାୟ ତଥା ଅସତ ପଥର ପଥିକ ମାନଙ୍କୁ ଉତ୍ତମ ବାଟରେ ଆଣିବାକୁ ଏବଂ ସମାଜର ପ୍ରତି ବର୍ଗ ଲୋକଙ୍କ ମନରେ ସଚେନତା, ଦେଶପ୍ରେମ, ଶିକ୍ଷା ଓ ସଂସ୍କୃତିର ବାର୍ତ୍ତା ପହଞ୍ଚାଇବା

ପାଇଁ  ନିଜର ଏକ ଛାପାଖାନା  ପ୍ରତିଷ୍ଠା କରି "ଜନସଖା" ନାମରେ ସପ୍ତାହିକ ପତ୍ରିକା ପ୍ରକାଶ କରିଥିଲେ । ଏଥିରେ ଦୁର୍ଗମ ଅଞ୍ଚଳର ଟିକି-ନିଖି ଖବର କୋରପୁଟିଆ ଭାଷାରେ ପ୍ରକାଶ ପାଉଥିଲା ।  ବିଶେଷ  କରି 'ଜନସଖା' ଅବିଭକ୍ତ କୋରାପୁଟ ଜିଲ୍ଲାର ଅଗଣିତ ଅର୍ଦ୍ଧ-ଶିକ୍ଷିତ ଅବହେଳିତ ଜନସାଧାରଣଙ୍କ ପଥ ପ୍ରଦର୍ଶକ ଭାବେ ବର୍ଷ ବର୍ଷ ଧରି କାମ କରିଥିଲା ।

ତାଙ୍କ ସତ୍ୟନିଷ୍ଠା ତଥା ବୀରତ୍ୱର  ଭାବଧାରା ଥିଲା ଅଲଗା । ନିଜ ମାତୃଭୂମି ତଥା ନିଜ ଅଞ୍ଚଳର ଗାଆଁ ଗହଳିର ଅଶିକ୍ଷିତ ଦରିଦ୍ର, ଆଦିବାସୀ ଓ ହରିଜନଙ୍କ ପ୍ରତି ତାଙ୍କର ଥିଲା ଅଗାଧ ପ୍ରେମ ଓ ଦୟାଭାବ । ସେ ସବୁବେଳେ ତାଙ୍କ ସାଙ୍ଗରେ ଠିଆ ହୋଇଥିଲେ । ସେ ଥିଲେ ସମାଜର ଶୋଷିତ, ଅବହେଳିତ, ଅତ୍ୟାଚାରିତ, ନିଷ୍ପେଷିତ ଜନତାର ପ୍ରକୃତ ବନ୍ଧୁ । ସେ ଚାହୁଁଥିଲେ ଏ ଦେଶର ପ୍ରତିଟି ଜନସାଧାରଣ ଦେଶପ୍ରେମୀ ହୁଅନ୍ତୁ, 'ମୋ ଦେଶ' ଭାବନରେ ଅନୁପ୍ରାଣିତ ହୁଅନ୍ତୁ, ଜିଲ୍ଲାର ଲକ୍ଷ ଲକ୍ଷ ଗରିବ, ଅଶିକ୍ଷିତ, ଅମାୟିକ, ଅବହେଳିତ ଜନତାର ସର୍ବାଙ୍ଗୀନ ଉନ୍ନତି ହେଉ । ଏହାଥିଲା ତାଙ୍କ ନିରଳସ ଜୀବନର ସ୍ୱପ୍ନ । ଏଠି ପାଇଁ ସେ ଜୀବନ ସାରା ତାଙ୍କ ପ୍ରିୟ ପତ୍ରିକା 'ଜନସଖା' ମାଧ୍ୟମରେ ଲୋକ ମନରେ ସଚେତନତା ଆଣିବାର ଅକ୍ଳାନ୍ତ ଉଦ୍ୟମ ଜାରି ରଖିଥିଲେ ।

ତାଙ୍କ ସମ୍ପାଦକୀୟ ଗୁଡିକ ଥିଲା କୋରାପୁଟ ଭାଷାର ପ୍ରତୀକ ଏବଂ ଅତି ହୃଦୟସ୍ପର୍ଶୀ ।  ସେ ଯିଏ ହେଉନା କାହିଁ,  କାହାର ଭୁଲ ଭଟକା ଦେଖିଲେ ସେ ସମାଲୋଚନା କରିବାକୁ ପଛାଉ ନ ଥିଲେ । ଏପରିକି ମନ୍ତ୍ରୀ, ସାଂସଦ, ବିଧାୟକ କିମ୍ବା ବଡ ପଦବୀରେ ଥିବା ନେତା, ଅଫିସରଙ୍କ ମୁଖା ଖୋଲିବାକୁ  ପଛାଉ ନ ଥିଲେ, ତାଙ୍କ ପତ୍ରିକା ମାଧ୍ୟମରେ । ସେ ଥିଲେ ଜଣେ ନିର୍ଭୀକ ସମ୍ପାଦକ ତଥା ଲେଖକ । 'ଜନସଖା'ରେ ବହୁ ସତ୍ୟ ଘଟଣାର ପର୍ଦ୍ଦାଫାଶ କରି ଅନ୍ୟାୟୀ ଅଫିସର ଓ ସ୍ୱାର୍ଥନ୍ୱେଷୀ ରଜନୈତିକ ନେତାଙ୍କ ଚକ୍ଷୁଶୂଳ ତଥା ଈର୍ଷା ଦୃଷ୍ଟିରେ ରହୁଥିଲେ, ତଥାପି ସେ କୌଣସି କଥାକୁ ଖାତିରି ନ କରି  କିମ୍ବା ଭୟଭୀତ ନ ହୋଇ ନିଜ କର୍ତ୍ତବ୍ୟ ପଥରୁ କେବେ ବିଚ୍ୟୁତ ହେଉ ନଥିଲେ । 'ଜନସଖା' ଥିଲା ତାଙ୍କର ଅମୋଘ ଅସ୍ତ୍ର । ସେହି ଅସ୍ତ୍ର ମାଧ୍ୟମରେ ସେ ସମାଜକୁ ଶୃଙ୍ଖଳିତ ତଥା ଦୁର୍ନୀତି ମୁକ୍ତ କରି ଗଢିବାକୁ ଶେଷ ନିଶ୍ୱାସ ଯାଏ ସଂଗ୍ରାମ ଜାରି ରଖିଥିଲେ ।

୧୯୪୨ ଅଗଷ୍ଟ ବିପ୍ଳବରେ ପୂଜ୍ୟନୀୟ ଲକ୍ଷ୍ମୀଚନ୍ଦ୍ର ଦାସଙ୍କ ଅତ୍ୟନ୍ତ ଗୁରୁତ୍ୱପୂର୍ଣ ଭୂମିକା ରହିଥିଲା । ବିଭିନ୍ନ ମକଦ୍ଦମାରେ ତାଙ୍କୁ ଦଣ୍ଡିତ କରାଯାଇଥିଲା । ତାଙ୍କ ସହ ବହୁ ସଂଗ୍ରାମୀ ବହୁ ବର୍ଷ ଜେଲରେ ଜୀବନ ବିତାଇଥିଲେ । ପାପଡାହାଣ୍ଡି ଗୁଳିକାଣ୍ଡ ଘଟଣା ସମ୍ପର୍କିତ ମକଦ୍ଦମାରେ ଅଭିଯୁକ୍ତ ସାଥୀ ସଂଗ୍ରାମୀ ମାନଙ୍କ ସପକ୍ଷରେ ସେ ନିଜେ ଲଢି ଅକାଟ୍ୟ ଯୁକ୍ତି କୋର୍ଟ ବିଚାର ବେଳେ ରଖି ଥିଲେ ।

ତାଙ୍କ ପାଖରେ ପରିବାରର 'ସଂଜ୍ଞା' ଥିଲା ଭିନ୍ନ ।  ସେ ନିଜ ପରିବାର ଲୋକଙ୍କୁ ଯେତିକି ସ୍ନେହ, ଶ୍ରଦ୍ଧା, ଆଦର କରୁଥିଲେ,  ସହକର୍ମୀ ଓ ବନ୍ଧୁ ମାନଙ୍କୁ ତାଠାରୁ କମ କରୁ ନ ଥିଲେ । କେହି କେବ ବି ତାଙ୍କ ପାଖରୁ ଖାଲି ହାତରେ ଫେରନ୍ତି ନାହିଁ  । ଏ ପରିକି ରାତି ଅଧରେ କିମ୍ବା ଦିନ ଦ୍ୱିପ୍ରହରରେ କେହି ଯଦି ତାଙ୍କୁ କୌଣସି ପ୍ରକାର ସାହାଯ୍ୟ ମାଗେ ସେ ତତକ୍ଷଣାତ ବିନା ଦ୍ୱିଧାରେ ପୂରଣ କରନ୍ତି । ପୂଜ୍ୟନୀୟ ଲକ୍ଷ୍ମୀଚନ୍ଦ୍ର ଦାସ ଥିଲେ 'ପ୍ରଭୂରାମ'ଙ୍କ  ପରମ ଭକ୍ତ ।

ସଂକ୍ଷେପରେ ପୂଜ୍ୟନୀୟ ଲକ୍ଷ୍ମୀଚନ୍ଦ୍ର ଦାସ ଥିଲେ ଏକାଧାରାରେ ଜଣେ  ନ୍ୟାୟ ନିଷ୍ଠ, ସତ୍ୟ ନିଷ୍ଠ, ନିର୍ଭୀକ,ନିଷ୍ଠାପର, ସଚ୍ଚୋଟ, ନିରାଡମ୍ବର, ନିରଳସ, ସାହସୀ ଲଢୁଆ  ଏବଂ ବୁଦ୍ଧିଜୀବି ରାଜନୀତିଜ୍ଞ ।

ତାଙ୍କରି ପ୍ରେରଣାରେ ଆଜିଯାଏ ପରିବାର ସମସ୍ତ ସଦସ୍ୟ ଅନୁପ୍ରାଣିତ ହୋଇ ତାଙ୍କରି ଆଦର୍ଶକୁ ଅନୁକରଣ କରିବାକୁ ଯଥା ସମ୍ଭବ ଚେଷ୍ଟା କରି ଆସୁଛନ୍ତି  । ତାଙ୍କରି ଦାୟାଦ ଭାବେ ଆମେ ଗର୍ବିତ  । ଇଶ୍ୱରଙ୍କ ଠାରେ ଏତିକି ପ୍ରାର୍ଥନା ଜୀବନ ସାରା ସେଇ ପ୍ରେରଣାରେ ଅନୁପ୍ରାଣିତ ହେବାକୁ ଆମକୁ ଶକ୍ତି, ସାହସ ଓ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

*******

# ରାମଭକ୍ତ ଲକ୍ଷ୍ମୀଚନ୍ଦ୍ର ଦାସ

**-ୟାକୁବ ହୁସେନ**
ଜଟାବାଲ୍

୧୯୪୫ ମସିହାରୁ ମୁଁ ସ୍ୱର୍ଗତ ଲକ୍ଷ୍ମୀବାବୁଙ୍କ ସଂସ୍ପର୍ଶରେ ଆସିଥିଲି । ମୁଁ ଜଣେ ତରୁଣ ଯୁବକ ଥିଲି । ଯୁବକମାନଙ୍କର ଯେପରି ମତିଗତି ସେହି ଭଳିଆ ମୋର ମଧ୍ୟ ନୈତିକତା ହ୍ରାସ ପାଇଥିଲା । କିନ୍ତୁ ଏହି ମହାପୁରୁଷଙ୍କ ସଂସ୍ପର୍ଶରେ ଆସିବା ଦିନଠାରୁ ମୋର ନୈତିକତାର ଉନ୍ନତି ଘଟିଥିଲା । ଯାହା ଫଳରେ ଲୋକ ସମାଜରେ ମୁଁ ଜଣେ କର୍ମୀଭାବରେ ପରିଚିତ ହେଲି ।

୧୯୫୧ ସାଲରେ ଦେଶର ଭୋଟ ହେଲା । ଭୋଟ ପ୍ରଚାରରେ ମୁଁ ଲକ୍ଷ୍ମୀବାବୁଙ୍କ ସହ ବୁଲେ । ସେ ମୋତେ ଭାରି ଭଲ ପାଉଥିଲେ । ଗୁରୁ ଭଳିଆ ସେ ଭାଷଣ ଦେବା, ବୁଝାଇବା ମୋତେ ଶିକ୍ଷା ଦେଇଥିଲେ । ତାଙ୍କ ସହିତ ରହିବା ଯୋଗୁଁ କେତେକ ବିଶିଷ୍ଟ ଘଟଣା ଆଜି ମଧ୍ୟ ମୋ ମନରେ ରହିଛି । ଭୋଟ ପ୍ରଚାର ଚାଲିଥିଲା । ହଠାତ୍ ଲକ୍ଷ୍ମୀବାବୁଙ୍କ ଜ୍ୟେଷ୍ଠ ପୁତ୍ର ଓଁପ୍ରିୟର ପରଲୋକ ଘଟିଲା । ମୁଁ ମୃତ୍ୟୁ ଶଯ୍ୟା ନିକଟରେ ଥିଲି । ଧୀରେ ଧୀରେ ଓଁପ୍ରିୟର ପ୍ରାଣ ଚାଲିଗଲା । ଲକ୍ଷ୍ମୀବାବୁ ବିଚଳିତ ନ ହୋଇ 'ହେ ରାମ' କହିଲେ ଏବଂ ଭୋଟ ପ୍ରଚାରରେ ଲାଗି ଯାଇଥିଲେ । ଏପରି କୌଣସି ବାପା ଦାରୁଣ ଦୁଃଖ ସମୟରେ ଏତେ ନିଷ୍ଠାର ସହ 'ରାମ'ଙ୍କୁ ଡ଼ାକିବାର ବିରଳ ଅଟେ ।

ମୁଁ ସବୁବେଳେ ତାଙ୍କ ସହ ଗାଁ ଗଣ୍ଡାରେ କଂଗ୍ରେସ ପ୍ରଚାରରେ ଯିବାବେଳେ କଥା ପ୍ରସଙ୍ଗରେ ବହୁ ଜ୍ଞାନ କହିଥାନ୍ତି । ସଭାରେ ଆମ୍ଭେମାନେ ଭାଷଣ ଦେବା ସମୟରେ ମଝିରେ ମଝିରେ ଲକ୍ଷ୍ମୀବାବୁ ପଦ ମିଶାଇ ଦିଅନ୍ତି ।

ଲକ୍ଷ୍ମୀବାବୁଙ୍କ ଝିଅ ଶାନ୍ତିପ୍ରିୟାର ବେମାର କଥା ମୋର ମନେ ଅଛି । ଇଞ୍ଜେକ୍ସନ୍ ଡ଼ାକ୍ତର ଦେବା ବେଳେ ଶାନ୍ତିପ୍ରିୟାକୁ ଧରିବା ପାଇଁ ମୁଁ ନିଜେ ସଙ୍କୋଚ ହେଉଥିଲି । ଲକ୍ଷ୍ମବାବୁ ନିଜର ପୁଅ ଭଳି ମୋତେ ଦେଖୁଥିଲେ । ମୋତେ ଧମକାଇ କହିଲେ, ''କିଏ ଧରିବ ? ତୁ ଧରିବାକୁ ହେବ ।'' ଇଞ୍ଜେକ୍ସନ୍ ଦେବା ସଙ୍ଗେ ସଙ୍ଗେ ଝିଅର ମୃତ୍ୟୁ ଘଟିଲା । ସେତେବେଳେ ମଧ୍ୟ ଲକ୍ଷ୍ମୀବାବୁ ବିଚଳିତ ନ ହୋଇ ''ପ୍ରଭୂରାମ ଶାନ୍ତିକୁ ନେଇ ଯାଉଛନ୍ତି, ଦୁଃଖ କର ନାହିଁ'' ବୋଲି କହିଲେ ।

ଦୁଃଖ ସୁଖରେ ରାମଙ୍କ ପ୍ରକୃତ ଭକ୍ତ ଏବଂ କଂଗ୍ରେସର ନିଷ୍ଠାର ପ୍ରତୀକ ଲକ୍ଷ୍ମୀବାବୁ ଆମ୍ଭମାନଙ୍କୁ ଛାଡ଼ି ଦୁଇବର୍ଷ ହେବ ଚାଲିଯାଇଛନ୍ତି। 'ଜନସଖା' ଅଫିସ ଆଡ଼କୁ ଚାହିଁଲେ ଲକ୍ଷ୍ମୀବାବୁ ବସିଥିବା ଭଳି ଲାଗୁଛି । ତାଙ୍କରି ପାଦରେ ମୋର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି । ଖୁଦା ହାଫିଜ ।

(ତୃତୀୟ ଶ୍ରାଦ୍ଧବାର୍ଷିକୀ ସ୍ମରଣିକାରୁ ଉଦ୍ଧୃତ - ୧୯୮୮)